

୧୦୦ ତମ ଟାଇଟଲ୍ ଜିତିଲେ ଜୋକୋଭିଚ୍

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ

## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-327 •BHUBANESWAR •MONDAY •26 MAY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୨ •ସଂଖ୍ୟା-୩୨୭ •ଭୁବନେଶ୍ୱର •ସୋମବାର •୨୬ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦








ସକାଳ
www.sakalaepaper.com

# ଲାଲୁ ପରିବାରରେ ଝଡ଼

ପାଟନା, ୨୫।୫ (ଏଜେନ୍ସି):

ଆରଜେଡି ସୁପ୍ରିମ ଲାଲୁ ପ୍ରସାଦ ଯାଦବଙ୍କ ପରିବାରରେ ଝଡ଼ ସୃଷ୍ଟି ହୋଇଛି। ଏହି ଝଡ଼ ଅଚାନକ ଆସି ଲାଲୁ ପରିବାରକୁ ଭାଗ ଭାଗ କରିଦେଇଛି। ଶେଷରେ ବାପା ବାଧ ହୋଇ ବଡ଼ ପୁଅ ତେଜ ପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳ ଏବଂ ପରିବାରରୁ ବିଦା କରି ଦେଇଛନ୍ତି। ପୁଅ ଦାୟିତ୍ୱହୀନ କାମ କରିଛି ବୋଲି କହିଛନ୍ତି। ଫେସ୍‌ବୁକ୍‌ରେ ଲାଲୁ ନିଜେ ଏହି ସୂଚନା ଦେଇ ପୁଅ ନୈତିକ ମୂଲ୍ୟବୋଧ ଏବଂ ସଂସ୍କାରକୁ ଭୁଲି ଯାଇଥିବା ଅଭିଯୋଗ କରିଛନ୍ତି। ପୁଅର ବ୍ୟକ୍ତିଗତ ଜୀବନ ସାମାଜିକ ନ୍ୟାୟ ପାଇଁ ସାମୂହିକ ସଂଘର୍ଷକୁ ଦୁର୍ବଳ କରୁଛି। ଲୋକଲଜ୍ଜା ଦେଖି ପରିବାରରେ ନୀତି ଆଦର୍ଶରେ ପରିଚାଳିତ ହୋଇ ବିବେକର ସହ ନିଷ୍ପତ୍ତି ନେବାକୁ ଲାଲୁ ତାଙ୍କୁ ପରାମର୍ଶ ଦେଇଛନ୍ତି। ଆଜିଠୁ ଦଳ ଏବଂ ପରିବାରରେ ତେଜପ୍ରତାପଙ୍କ କୌଣସି ଭୂମିକା ରହିବା ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ବିହାର ଏବଂ ଦେଶ ରାଜନୀତିରେ ଚର୍ଚ୍ଚାରେ ଥିବା ଏହି ଘଟଣା ପଛରେ ପୁଅ ତେଜପ୍ରତାପଙ୍କ ପ୍ରେମ କାହାଣୀ ରହିଛି। ଏହି ପ୍ରେମ କାହାଣୀ ଲାଲୁ ପରିବାର ପାଇଁ ଅସହ୍ୟ ହୋଇ ପଡ଼ିଛି।



- ବଡ଼ ପୁଅ ତେଜ ପ୍ରତାପ ଦଳରୁ ବହିଷ୍କୃତ
- ପରିବାରରୁ ମଧ ତଡ଼ା ଖାଇଲେ
- ଭାଇରାଲ ହେଉଛି ମହିଳାଙ୍କ ସହ ତେଜଙ୍କ ଫଟୋ

ଦିନକ ତଳେ ଶନିବାର ସନ୍ଧ୍ୟାରେ ତେଜ ପ୍ରତାପଙ୍କ ସହ ଜଣେ ମହିଳା (ଅନୁଷ୍କା ଯାଦବ) ଙ୍କ ଫଟୋ ଏବଂ ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ତେଜପ୍ରତାପଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଅପ୍‌ଲୋଡ କରାଯାଇଥିଲା। ଉଭୟେ ୧୨ ବର୍ଷ ହେଲା ପରସ୍ପରକୁ ଭଲ ପାଉଥିବା କହିଥିଲେ। ସମସ୍ତେ ସ୍ୱୀକାର କରିବେ ବୋଲି ଆଶା କରିଥିଲେ। ମାତ୍ର ଏହାର କିଛି ସମୟ ପରେ ସବୁ କିଛି ବଦଳି ଯାଇଥିଲା। ନିଜ ପରିବାର ସ୍ୱୀକାର କରିବା ପରିବର୍ତ୍ତେ ଏହାକୁ ତୀବ୍ର ବିରୋଧ କରିଥିଲା। ଏଥିପାଇଁ ଲାଲୁଙ୍କ ବଡ଼ ତନୟଙ୍କୁ ସାମ୍ନାକୁ ଆସିବାକୁ ପଡ଼ିଥିଲା। ସେ ଆଇଡି ହ୍ୟାକ ହୋଇଯାଇଥିବା ଏବଂ କେହି ଏଡିଟିଂ କରି ଫଟୋ ଅପଲୋଡ୍ କରିଥିବା କହିଥିଲେ। କିନ୍ତୁ ଏହା ପରେ ପରେ ସେହି ମହିଳାଙ୍କ ସହ ତେଜପ୍ରତାପଙ୍କ ୬ଟି ଫଟୋ ଏବଂ ୨ଟି ଭିଡିଓ ସାମ୍ନାକୁ ଆସିଥିଲା। ଏଥିରେ ଉଭୟେ 'କରବା ଚୌଥ' ପାଳୁଥିବା ଫଟୋ ମଧ ସାମିଲ ଥିଲା। ତେଜପ୍ରତାପ ଦ୍ୱିତୀୟ ବିବାହ କରି ସାରିଥିବା ଲୋକେ ଅନୁମାନ କରୁଛନ୍ତି। କିନ୍ତୁ ଲାଲୁ ପରିବାରର ଏହି ଝଡ଼କୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି। ଖ୍ରୀଷ୍ଟିଆନ ସମ୍ପ୍ରଦାୟର ରାଚେଲ ଗୋଡିହ୍ନୋଙ୍କ ସହ ସାନ ପୁଅ ତେଜସ୍ୱୀର ପ୍ରେମ ବିବାହ କରାଇଥିବା ଲାଲୁ ଏହି ବିବାହରେ କାହିଁକି ରାଜି ନ ଥିଲେ ବୋଲି ପ୍ରଶ୍ନ ଉଠୁଛି।

ଯଦି ତେଜପ୍ରତାପ ୧୨ ବର୍ଷ ହେଲା ଭଲ ପାଉଥିଲେ ତେବେ ୨୦୧୮ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଦାରୋଗା ରାୟଙ୍କ ନାତୁଣୀ ଐଶ୍ୱର୍ଯ୍ୟା ରାୟଙ୍କୁ ବିବାହ କରିବାକୁ କାହିଁକି ରାଜି ହୋଇଥିଲେ? ଏହା ପଛରେ ପିତା ଏବଂ ପରିବାରର ଚାପ ନ ଥିଲା ତ? ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ବାପାଙ୍କ କଥାରେ ପଡ଼ି ତେଜପ୍ରତାପ ଆଉ ବାହା ହୋଇ ନ ଥିଲେ? ଏଥିପାଇଁ ତାଙ୍କ ବିବାହ ତିଷ୍ଠି ପାରି ନ ଥିଲା ତ? ସୂଚନାଯୋଗ୍ୟ ଯେ ଏବେ ଐଶ୍ୱର୍ଯ୍ୟ ଏବଂ ତେଜପ୍ରତାପଙ୍କ ବିବାହ ବିଚ୍ଛେଦ ମାମଲା କୋର୍ଟରେ ଚାଲିଛି। ଲାଲୁଙ୍କ ବଡ଼ ପୁଅ ମାଡ଼ ମାରି ଡ୍ରଗ୍ସ ଦେଉଥିଲେ ବୋଲି ଐଶ୍ୱର୍ଯ୍ୟା ଅଭିଯୋଗ କରିଥିଲେ। ଏହି ଖବର ଆସିବା ପରେ ଐଶ୍ୱର୍ଯ୍ୟାଙ୍କ ମା ପୁନମ ରାୟ କହିଥିଲେ ଯେ ପୂର୍ବରୁ ଏ ବିଷୟରେ ସେ ଜାଣିଥିଲେ। ସମସ୍ତେ ଏ ବିଷୟରେ ଜାଣିଛନ୍ତି। ଏଥିରେ କିଛି ଲୁଚାଛପା ନାହିଁ। ସେହିପରି ଏହି ପ୍ରସଙ୍ଗକୁ ନେଇ ତେଜସ୍ୱୀ କହିଛନ୍ତି ଯେ ସେ ଏଭଳି ମାମଲାକୁ ବରଦାସ୍ତ କରନ୍ତିନି। ଭାଇଙ୍କ କ୍ଷେତ୍ରରେ ରାଜନୈତିକ ଏବଂ ବ୍ୟକ୍ତିଗତ ଜୀବନ ଅଲଗା ଅଲଗା ହୋଇଥାଏ। ନିଜ ନିଷ୍ପତ୍ତି ନେବାରେ ସେ ସ୍ୱାଧୀନ।

# ତୁଣ୍ଡରେ ଲଗାମ ପାଇଁ ଅମାନିଆଙ୍କୁ ମୋଦୀଙ୍କ ପରାମର୍ଶ

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଏନଡିଏ ନେତାମାନେ ସାଧାରଣରେ ଟିକା ଟିପ୍ପଣୀ ଦେବା ବେଳେ ଶାଳୀନତା ରକ୍ଷା କରନ୍ତୁ ଏବଂ ଅଯଥା କଥା କହି ବିବାଦୀୟ ପରିସ୍ଥିତି ସୃଷ୍ଟି ନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ତି। ବିଶେଷକରି ଅପରେସନ ସିନ୍ଦୂରକୁ ନେଇ ଏନଡିଏର କିଛି ନେତା ଦେଇଥିବା ଟିପ୍ପଣୀ ଏବେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିବାରୁ ଏଭଳି ସ୍ଥିତିରୁ ବର୍ତ୍ତିବାକୁ ସେ କହିଛନ୍ତି। ଏନଡିଏ ଶାସିତ ରାଜ୍ୟରେ ସୁଶାସନ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ବିଷୟକୁ ନେଇ ରବିବାର ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏନଡିଏ ନେତାଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଅଧ୍ୟକ୍ଷତା କରି ଏହା କହିଛନ୍ତି। ଅପରେସନ ସିନ୍ଦୂରରେ ଅସ୍ତ୍ରବିରତି ପ୍ରସଙ୍ଗ ଏବେ ରାଜନୈତିକ ମହଲରେ ସବୁଠୁ ଚର୍ଚ୍ଚିତ ବିଷୟ ହୋଇଥିଲା ବେଳେ ମୋଦୀ ଏ ସମ୍ପର୍କରେ ମଧ ନେତାମାନଙ୍କୁ ସ୍ପଷ୍ଟ କରାଇ ଦେଇଛନ୍ତି। ପାକିସ୍ତାନର ଅନୁରୋଧ ପରେ ଅସ୍ତ୍ରବିରତି ପାଇଁ ନିଷ୍ପତ୍ତି ହୋଇଥିଲା ଏବଂ ଏଥିରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ ବୋଲି ମୋଦୀ କହିଛନ୍ତି। କିନ୍ତୁ ଏହି ବିଷୟକୁ ନେଇ କୌଣସି ନେତା ଭୁଲ ତଥ୍ୟ ଦେଇ ଅଯଥା ଟିପ୍ପଣୀ ଦେବା ଉଚିତ ନୁହେଁ। ଏହାଦ୍ୱାରା ଦଳୀୟ ଛବି କ୍ଷୁଣ୍ଣ ହେବା ସହିତ କୌଣସି କାରଣ ନଥାଇ ବିବାଦୀୟ ସ୍ଥିତି ଉପୁଜୁଛି ବୋଲି ସେ କହିଛନ୍ତି। ଏହାଛଡ଼ା କୌଣସି ନେତା ସାଧାରଣରେ ଯେକୌଣସି ପ୍ରସଙ୍ଗରେ ଟିପ୍ପଣୀ ଦିଅନ୍ତୁ ନା କାହିଁକି , ତାଙ୍କ ବକ୍ତବ୍ୟ ଶାଳୀନ ଏବଂ ଶୃଙ୍ଖଳିତ ହେବା ଉଚିତ ବୋଲି ମୋଦୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅପରେସନ ସିନ୍ଦୂରକୁ ନେଇ ବହୁ ବିଜେପି ନେତା ଦେଇଥିବା ବୟାନ ନିକଟରେ ବିବାଦ ସୃଷ୍ଟି କରିଥିଲା। ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହଙ୍କ ଠାରୁ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦେବଦାଙ୍କ ଭଳି କିଛି ନେତାଙ୍କ ବୟାନ ବିବାଦ ବଢାଇଥିବାରୁ ଏଥିରୁ ନିବୃତ୍ତ ହେବାକୁ ମୋଦୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଏନଡିଏ ଶାଶିତ ରାଜ୍ୟଗୁଡିକର ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ କିଛି କେନ୍ଦ୍ର ମନ୍ତ୍ରୀ ଉପସ୍ଥିତ ରହିଥିଲେ।



# ଦିଲ୍ଲୀରେ ପ୍ରବଳ ବର୍ଷା



ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଦିଲ୍ଲୀ ଏବଂ ଏନସିଆର ଅଞ୍ଚଳରେ ରବିବାର ପ୍ରବଳ ବର୍ଷା ସହିତ ଘଡ଼ଘଡ଼ି ଏବଂ ବଜ୍ରପାତ ସାଧାରଣ ଜନଜୀବନକୁ ଭାରୀ ମାତ୍ରାରେ ପ୍ରଭାବିତ କରିଛି। ପ୍ରବଳ ମାତ୍ରାରେ ଲଗାଣ ବର୍ଷା ଯୋଗୁଁ ଦିଲ୍ଲୀ ଏବଂ ଏନସିଆରର ବହୁ ଅଞ୍ଚଳ ଜଳମଗ୍ନ ହୋଇପଡ଼ିବାରୁ ଟ୍ରାଫିକ ସମସ୍ୟାକୁ ନେଇ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି। ସେପଟେ ବର୍ଷା ଯୋଗୁଁ ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରର ଟର୍ମିନାଲ-୧ର ଏକ କାନୋପି( ଟେନସାଇଲ ଫାବ୍ରିକ ଛାତ) ଖସି ପଡ଼ିବାରୁ ବିମାନ ବନ୍ଦର ସେବା ମଧ ପ୍ରଭାବିତ ହୋଇଛି। ଲଗାଣ ବର୍ଷା ଯୋଗୁଁ ବିମାନ ବନ୍ଦର ବାହାରେ ଲାଗିଥିବା କାନୋପିଗୁଡ଼ିକରେ ପାଣି ଜମା ହୋଇଯାଇଥିଲା। ଫଳରେ ଗୋଟିଏ କାନୋପି ଖସି ପଡ଼ିଥିବା କୁହାଯାଇଛି। ଅନ୍ୟପକ୍ଷରେ ବର୍ଷା ଏବଂ ବଜ୍ରପାତ ଯୋଗୁଁ ବହୁ ବିମାନ ଉଡାଣରେ ବିଳମ୍ବ ଘଟିଛି। ଯାହାକୁ ନେଇ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ବସିରହିବାକୁ ବାଧ ହୋଇଥିଲେ ବୋଲି କୁହାଯାଇଛି। ଚଳିତ ବର୍ଷ ମୌସୁମୀର ପ୍ରବାହ ଶୀଘ୍ର ହେବା ସହିତ ମୌସୁମୀ କେରଳ ଉପକୂଳ ଛୁଇଁବା ପରେ ଆଗକୁ ଅଗ୍ରସର ହେବାରେ ଲାଗିଛି। ବର୍ତ୍ତମାନ ଏହା ମହାରାଷ୍ଟ୍ର ଏବଂ କର୍ଣ୍ଣାଟକର କିଛି ଭାଗ ଛୁଇଁସାରିଥିଲା ବେଳେ ଆଉ କିଛି ଘଣ୍ଟା ମଧ୍ୟରେ ମୌସୁମୀ ମୁମ୍ବାଇ ସମେତ ଗୋଆ, କର୍ଣ୍ଣାଟକ, ମିଜୋରାମ, ମଣିପୁର ଏବଂ ନାଗାଲାଣ୍ଡ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଉ କିଛି ଘଣ୍ଟା ମଧ୍ୟରେ ମହାରାଷ୍ଟ୍ର ସମେତ କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ହେବାର ଆକଳନ କରାଯାଇଥିବାରୁ ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡର ଉଚ୍ଚ ପାର୍ବତ୍ୟପୂର୍ଣ୍ଣ ଜିଲ୍ଲାଗୁଡିକରେ ପ୍ରବଳ ପବନ ସହିତ ଧୂଳିଝଡ଼ ଏବଂ ବର୍ଷା ସମ୍ଭାବନା ଥିବାରୁ ଏଠାରେ ମଧ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

**ଏନ୍‌ସିଆର ସମେତ ବହୁ ଅଞ୍ଚଳ ଜଳମଗ୍ନ**

**ଖସିପଡ଼ିଲା ଆନ୍ତର୍ଜାତିକ ବିମାନ ବନ୍ଦର କାନୋପି**

# ବିଏଲ୍ଏ ଆକ୍ରମଣରେ ୩୨ ପାକିସ୍ତାନୀ ଯବାନ ନିହତ

କ୍ୱେଟା,୨୫।୫(ଏଜେନ୍ସି): ପାକିସ୍ତାନ ସେନା ଉପରେ ବେଲୁଚିସ୍ତାନ ଲିବରେସନ ଆର୍ମି( ବିଏଲଏ)ର ସାନି ଆକ୍ରମଣ ଘଟଣାରେ ପାକିସ୍ତାନ ସେନାର ୩୨ ଯବାନ ନହିତ ହେବା ସହିତ ୩ ଗାଡି ଧ୍ୱଂସ ହୋଇଯାଇଛି। କରାଚି-କ୍ୱେଟା ଜାତୀୟ ରାଜପଥର ଖୁଜଦାରର ଜିରୋ ପଏଣ୍ଟ ନିକଟରେ ବିଏଲଏ ପକ୍ଷରୁ ଏଭଳି ଆକ୍ରମଣ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ବହୁ ସଂଖ୍ୟକ ଯବାନଙ୍କୁ ନେଇ ପାକିସ୍ତାନ ସେନାର ଏକ ମୋଟର କେଡ୍ ଯାଉଥିଲା ବେଳେ ଏହି ସମୟରେ ବିଏଲଏ ପକ୍ଷରୁ 'ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ 'ଦ୍ୱାରା ଆକ୍ରମଣ କରାଯାଇଥିଲା। ବିସ୍ଫୋରକ ଭର୍ତ୍ତି ଏକ କାର୍ ଏହି ମୋଟରକେଡ୍ ଉପରେ ମାଡ଼ ହେବା ଦ୍ୱାରା ପାକ୍ ସେନାର ୩ ଗାଡିରେ ବିସ୍ଫୋରଣ ଘଟି ସେଗୁଡିକ ଧ୍ୱଂସ ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ୩୨ ଜଣ ଯବାନଙ୍କ ମୃତ୍ୟୁ ହୋଇଥିଲା ବେଳେ ୨୦ରୁ ଅଧିକ ଯବାନ ଗୁରୁତର ଆହତ ହୋଇଥିବା କୁହାଯାଇଛି। ନିକଟରେ ପାକ୍ ସେନା ଜଣେ ବରିଷ୍ଠ ବଲୁଚ ସାମ୍ବାଦିକଙ୍କୁ ହତ୍ୟା କରିଥିଲା। ଏହାର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବିଏଲଏ ଲଗାତାର ଭାବେ ପାକ୍ ସେନ୍‌କୁ ଟାର୍ଗେଟ କରି ଆକ୍ରମଣ ଚଳାଇଛି।

# ୟୁକ୍ରେନ୍ ଉପରେ ସବୁଠୁ ବଡ଼ ଡ୍ରୋନ ଆକ୍ରମଣ

କିଭ୍,୨୫।୫(ଏଜେନ୍ସି): ୟୁକ୍ରେନର କିଭ୍ ସମେତ ଅନ୍ୟ ପ୍ରମୁଖ ସହର ଉପରେ ରୁଷ ଗତକାଲି ଆରମ୍ଭ କରିଥିବା ଆକ୍ରମଣକୁ ଆହୁରି ତୀବ୍ର କରିଛି। ଶନିବାର ବିଳମ୍ବିତ ରାତିରେ ରୁଷ ପକ୍ଷରୁ ୩୦୦ରୁ ଅଧିକ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଯାହାକି ବର୍ତ୍ତମାନ ସୁଦ୍ଧା ୟୁକ୍ରେନ ଉପରେ ସବୁଠୁ ବଡ଼ ଡ୍ରୋନ ଆକ୍ରମଣ ବୋଲି କୁହାଯାଇଛି। ଏହି ଆକ୍ରମଣରେ ତିନି ଶିଶୁଙ୍କ ସମେତ ୩୬ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଶତାଧିକ ଲୋକ ଆହତ ହୋଇଥିବା ୟୁକ୍ରେନ ଆଭ୍ୟନ୍ତରୀଣ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ରୁଷ ଅତ୍ୟନ୍ତ ଅମାନବୀୟ ଭାବେ ୟୁକ୍ରେନର ଜନବସତି ଉପରେ ଯେଭଳି ଆକ୍ରମଣ ଚଳାଇଛି ତାହାକୁ ତୁରନ୍ତ ରୋକାଯିବା ଦରକାର ବୋଲି ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କି କହିଛନ୍ତି। ଯୁଦ୍ଧ ବନ୍ଦ ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଚାଲିଥିବା ସତ୍ତ୍ୱେ ରୁଷ ଆକ୍ରମଣ ବନ୍ଦ କରୁନାହିଁ। ତେବେ ଆମେରିକାର ନିରବତା ରୁଷକୁ ଆକ୍ରମଣ ପାଇଁ ଖୋରାକ୍ ଯୋଗାଉଛି ବୋଲି ଜେଲେଁସ୍କି କହିଛନ୍ତି।

**୩୦୦ରୁ ଅଧିକ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼; ୩୬ ମୃତ**



# ବୁଡ଼ିଯାଇଥିବା ଜାହାଜରୁ ଲିକ୍ ହେଉଛି ପ୍ରଚୁର ତେଲ

ତିରୁଅନନ୍ତପୁରମ୍,୨୫।୫(ଏଜେନ୍ସି): ଆରବ ସାଗର ମଧରେ କେରଳ ଉପକୂଳରେ ଗତକାଲି ବୁଡିବାକୁ ଆରମ୍ଭ କରିଥିବା ଲାଇବେରିଆ ପଣ୍ୟବାହୀ ଜାହାଜ ରବିବାର ସମ୍ପୂର୍ଣ୍ଣ ବୁଡି ଯାଇଛି। ଏହାଦ୍ୱାରା ଏହି ଜାହାଜରେ ରହିଥିବା କିଛି ବିପଦପୂର୍ଣ୍ଣ କଣ୍ଟେନର ସମେତ ଏଥିରୁ ବିପୁଳ ପରିମାଣରେ ନିର୍ଗତ ହେଉଥିବା ତୈଳ ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି କେରଳ ସରକାରଙ୍କ ପକ୍ଷରୁ ସତର୍କତା ଜାରି କରାଯାଇଛି। ଏହି ଜାହାଜରେ ରହିଥିବା କ୍ୟାଲସିୟମ କାର୍ବାଇଡ୍ ବିପୁଳ ପରିମାଣରେ ସମୁଦ୍ର ଜଳରେ ମିଶିଯାଇଥିବାରୁ ଏହା ସାମୁଦ୍ରିକ ଜୀବସତ୍ତା ପାଇଁ ମଧ ବିପଦ ସୃଷ୍ଟି କରିପାରେ।



# କାହିଁକି ଛାଡ଼ିଲେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା

ଲଣ୍ଡନ, ୨୫।୫ (ଏଜେନ୍ସି): ହାଇଦରାବାଦରେ ଜାରି ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଅତିଥିଙ୍କୁ ଖୁସି କରିବା ପାଇଁ ଚାପ ପକାଯାଉଛି। ଅର୍ଥ ଲଗାଣକାରୀଙ୍କ ସହ ସମ୍ପର୍କ ବଢ଼ାଇବାକୁ କୁହାଯାଉଛି। ବେଶ୍ୟା ଭଳି ବ୍ୟବହାର କରାଯାଉଛି। ଆୟୋଜକମାନେ ଅସମ୍ମାନ କରୁଛନ୍ତି। ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାକୁ ଛାଡ଼ି ଚାଲି ଯାଇଥିବା ମିସ୍ ଇଂଲଣ୍ଡ ମିଲା ମାଗି ଇଂଲଣ୍ଡର ଏକ ଖବରକାଗଜକୁ ସାକ୍ଷାତକାର ଦେଇ ଏଭଳି ଗୁରୁତର ଅଭିଯୋଗ ଲଗାଇଛନ୍ତି। ମିସ୍ ୱାର୍ଲ୍ଡର ସିଇଓ ଜୁଲିଆ ମାର୍ଲେ ବିବୃତ୍ତି ଜାରି କରି ଏହି ଅଭିଯୋଗକୁ ଖାରଜ କରିଦେଇଛନ୍ତି। ମା'ଙ୍କ ଦେହ ଖରାପ ଥିବା କହି ମିଲା ପ୍ରତିଯୋଗିତା ଛାଡ଼ିଥିବା କହିଛନ୍ତି।

ଗତ ୭ ତାରିଖରେ ହାଇଦରାବାଦରେ ପହଞ୍ଚି ଥିବା ମିଲା ୧୬ରେ ପ୍ରତିଯୋଗିତା ଛାଡ଼ି ବ୍ରିଟେନ ଫେରି ଯାଇଥିଲେ। ମିସ୍ ୱାର୍ଲ୍ଡରେ ପ୍ରଥମ ଥର ପାଇଁ ଇଂଲଣ୍ଡର ପ୍ରତିନିଧିତ୍ୱ କରୁଥିବା ପ୍ରତିଯୋଗୀ ଅଚାନକ ବଦଳି ଯାଇଥିଲେ। ମିଲାଙ୍କ ସ୍ଥାନରେ ମିସ୍ ଇଂଲଣ୍ଡ ରନର୍ସ ଅପ୍ ସାମିଲ ହୋଇଥିଲେ। ତେବେ ମିଲା ଅଭିଯୋଗ କରିଥିଲେ ଯେ ପ୍ରତିଯୋଗିତାରେ ଅଧିକ ବୟସର ପୁରୁଷଙ୍କ ସହ ସମୟ ବିତାଇବାକୁ, ଭାବ ବଢ଼ାଇବାକୁ କୁହାଯାଇଥିଲା। ଏଥିପାଇଁ ସବୁ ପ୍ରତିଯୋଗୀଙ୍କୁ ଦିନ ଯାକ ମେକ୍‌ଅପରେ ରହିବାକୁ ପଡୁଥିଲା। ଜଳଖିଆ କରିବା ସମୟରେ ବି ଗାଉନ ପିନ୍ଧିବାକୁ କୁହାଯାଉଥିଲା। ପ୍ରତି ଟେବୁଲରେ ୬ ଜଣ ଅତିଥି ଏବଂ ୨ ଜଣ ଯୁବତୀଙ୍କୁ ବସା ଯାଉଥିଲା। ଅତିଥିଙ୍କୁ ଖୁସି କରିବାକୁ ଝିଅଙ୍କୁ କୁହାଯାଉଥିଲା। ଏହା ଦେଖି ବହୁତ ଖରାପ ଲାଗିଥିଲା। ଏପରି କରି ତାଙ୍କୁ ବେଶ୍ୟା ଭଳି ଅନୁଭବ ହେଉଥିଲା। ଏଠାରେ ଖରାପ ଲାଗିବା ଭଳି ଆଲୋଚନା ହେଉଥିଲା। ଭାଗ ନେଇଥିବା ୧୦୯ ଯୁବତୀଙ୍କୁ ମାଙ୍ଗା କହି ଗାଳି କରାଯାଇଥିଲା। ମାଙ୍କଡ଼ ଭଳି ବ୍ୟବହାର କରାଯାଉଥିଲା। ତେଣୁ ଏହାକୁ ବରଦାସ୍ତ କରିପାରିଲି ନାହିଁ ବୋଲି ମିଲା କହିଥିଲେ। ଅନ୍ୟପକ୍ଷରେ ତେଲଙ୍ଗାନା ସରକାର ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



**ଅତିଥିଙ୍କୁ ଖୁସି କରିବାକୁ ପକା ଯାଉଥିଲା ଚାପ**

■ ଚିନ୍ତାରେ ପାକିସ୍ତାନ ସରକାର

# ଅସ୍ତିତ୍ୱ ପାଇଁ ଭାରତ ବିପଦ

ୱାଶିଂଟନ୍,୨୫।୫(ଏଜେନ୍ସି): ଭାରତକୁ ପାକିସ୍ତାନ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସବୁଠୁ ବଡ଼ ବିପଦ ବୋଲି ଚିନ୍ତା କରୁଛି। ଏଥିପାଇଁ ପାକିସ୍ତାନ କ୍ରମାଗତ ଭାବେ ନିଜର ସେନାର ଆଧୁନିକୀକରଣ କରିବା ସହିତ ନୂଆ ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ପରମାଣୁ ଶକ୍ତି ବୃଦ୍ଧି କରିବାକୁ ଉଦ୍ୟମ କରିଆସୁଛି ବୋଲି ଆମେରିକା ପ୍ରତିରକ୍ଷା ବିଭାଗର ଗୁଇନ୍ଦା ଏଜେନ୍ସି ଦ୍ୱାରା ପ୍ରକାଶ କରାଯାଇଥିବା 'ୱାର୍ଲଡ ଥ୍ରେଟ୍ ଆସେସମେଣ୍ଟ ରିପୋର୍ଟ'ରେ କୁହାଯାଇଛି। ପାକିସ୍ତାନର ଅସ୍ତିତ୍ୱ ପାଇଁ ଭାରତ ବିପଦ ହୋଇ ରହିଆସିଛି। ତେଣୁ ପାକିସ୍ତାନ ନିଜର ପରମାଣୁ ଅସ୍ତ୍ରଶସ୍ତ୍ରର ଆଧୁନିକୀକରଣ, ପରମାଣୁ କମାଣ୍ଡ ସେଣ୍ଟରର ରକ୍ଷଣାବେକ୍ଷଣ ଏବଂ ସାମୂହିକ ବିଧ୍ୱଂସକାରୀ ଅସ୍ତ୍ର ମହଜୁଦ ରଖିବାକୁ ସର୍ବଦା ଗୁରୁତ୍ୱ ଦେଇଆସିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ ପାକିସ୍ତାନ ପାଇଁ ଚୀନ ଭରସାଯୋଗ୍ୟ ହୋଇଛି। ପାକିସ୍ତାନ ଚୀନ୍ ଠାରୁ ମିଲିଟାରୀ ସହାୟତା ହାସଲ କରିବା ସହିତ ଏଠାରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କ୍ରୟ କରିବା ଏବଂ ଚୀନ୍ ସେନା ସହିତ ମିଳିତ ସମରାଭ୍ୟାସ କରିବାକୁ ଗୁରୁତ୍ୱ ଦେଇଛି ବୋଲି କୁହାଯାଇଛି। ଏପରିକି 'ଡବ୍ଲ୍ୟୁଏମଡି (ୱିପନସ୍ ଅଫ୍ ମାସ୍ ଡିଷ୍ଟ୍ରକ୍ସନ)' କ୍ରୟ କରିବାକୁ ମଧ ପାକିସ୍ତାନ ଚୀନ୍‌କୁ ଭରସା କରିଛି ବୋଲି ଏହି ରିପୋର୍ଟରେ କୁହାଯାଇଛି।

# 'ଯୁଦ୍ଧ ଲଗାଇ ଅର୍ଥ ଉପାର୍ଜନ କରୁଛି ଆମେରିକା'

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ଆମେରିକା ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଆମେରିକା ଅର୍ଥ ଉପାର୍ଜନ କରିବାକୁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ଲଗାଇବାକୁ ପଛାଉ ନାହିଁ। ଦେଶ ଦେଶ ମଧ୍ୟରେ ଶତ୍ରୁତା ବଢାଇ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ବିକ୍ରୟ କରିବାକୁ ରଣନୀତି ପ୍ରସ୍ତୁତ କରିବା ସହିତ ଅର୍ଥ ଉପାର୍ଜନ କରୁଛି ବୋଲି ସେ କହିଛନ୍ତି। ଆମେରିକା ବିରୋଧରେ ଖୱାଜା ଆସିଫଙ୍କ ଏଭଳି ରୋଚକ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ବାଂଲାଦେଶକୁ ଆମେରିକା ହାତରେ ଟେକିଦେଇଛନ୍ତି ୟୁନୁସ୍ : ହାସିନା

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ନେଇ ଏବେ ରାଜନୈତିକ ଦୃଶ୍ୟପଟରେ ଭିନ୍ନ ସ୍ଥିତି ଦେଖିବାକୁ ମିଳିଛି। ଗୋଟିଏ ପଟେ ବାଂଲାଦେଶ ସେନା ମୁଖ୍ୟ ୱାକର ଜମାନ ୟୁନୁସ୍ ବିରୋଧୀ ହୋଇ ପଡ଼ିଥିଲା ବେଳେ ଅନ୍ୟପଟେ ନିର୍ବାଚନ ହେଉ ନଥିବାରୁ ବହୁ ରାଜନୈତିକ ଦଳ ୟୁନୁସ୍‌ଙ୍କ ଆଭିମୁଖ୍ୟକୁ ବିରୋଧ କରିବା ଆରମ୍ଭ କରିଛନ୍ତି। ଏହାମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ୟୁନୁସଙ୍କୁ ନେଇ ବଡ଼ ଅଭିଯୋଗ ଆଣିଛନ୍ତି। ୟୁନୁସ ବାଂଲାଦେଶକୁ ଆମେରିକା ହାତରେ ବିକ୍ରି କରିଦେବାକୁ ଯୋଜନା କରିଛନ୍ତି ବୋଲି ହସିନା କହିଛନ୍ତି। ହସିନା ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି ଯେ, 'ୟୁନୁସ୍ କଠୋରପନ୍ଥୀ ସଂଗଠନଗୁଡିକୁ ହାତ କରି କ୍ଷମତା ଦଖଲ କରିଛନ୍ତି। ଏପରିକି ଯେଉଁସବୁ ସଂଗଠନଗୁଡିକୁ ଆନ୍ତର୍ଜାତିକ ସ୍ତରରେ ନିଷିଦ୍ଧ କରାଯାଇଛି ସେମାନଙ୍କୁ ହାତ ବାରିସି କରି ୟୁନୁସ୍ ବାଂଲାଦେଶ କ୍ଷମତା ହାସଲ କରିବା ସହିତ ବର୍ତ୍ତମାନ ସେମାନଙ୍କ ଜରିଆରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସେ ବିଦେଶୀ ସହାୟତା ମଧ ପାଉଛନ୍ତି। ଯେଉଁ କଠୋରପନ୍ଥୀ ସଂଗଠନ ଠାରୁ ଆମେ ବାଂଲାଦେଶର ଲୋକଙ୍କୁ ସୁରକ୍ଷା ଦେଇ ଆସିଥିଲୁ ୟୁନୁସ୍ ବର୍ତ୍ତମାନ ସେସବୁ ଗୋଷ୍ଠୀଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏଭଳି ସଂଗଠନର ବହୁ ନେତାଙ୍କୁ ଆମ ସରକାର ଗିରଫ କରିଥିଲା। କିନ୍ତୁ ୟୁନୁସ୍ ସରକାର ସେମାନଙ୍କୁ ପରବର୍ତ୍ତୀ ସମୟରେ ମୁକ୍ତ କରି ସେମାନଙ୍କୁ ହାତ ବାରିସି କରି ଶାସନ ଚଳାଇଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବଙ୍ଗୀୟ ଜାତିର ମୁକ୍ତି ସଂଗ୍ରାମ ଏବଂ ସମ୍ବିଧାନକୁ ନେଇ ବାଂଲାଦେଶ ବହୁତ କିଛି ହାସଲ କରିଥିଲା। ହେଲେ ସେସବୁକୁ କ୍ଷୁଣ୍ଣ କରାଯାଇ ଏବେ କାର୍ଯ୍ୟ କରାଯାଉଛି। ୟୁନୁସ ଦେଶର ମୁଖ୍ୟ ପରାମର୍ଶଦାତା ପଦବୀରେ ରହିବାର କୌଣସି ଆଧାର ନାହିଁ ବୋଲି ହସିନା କହିଛନ୍ତି।



# କଣ୍ଡୋମ୍ ଲଗାଇ ସୁନା ଚାଲାଣ

ମୁରାଦାବାଦ, ୨୫।୫ (ଏଜେନ୍ସି): ଉତ୍ତର ପ୍ରଦେଶ ମୁରାଦାବାଦରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଏନ୍‌କାଉଣ୍ଟର ପରେ ଦୁବାଇରୁ ସୁନା ଚୋରା ଚାଲାଣ କରୁଥିବା ଏକ ଗ୍ୟାଙ୍ଗର ୬ ସଦସ୍ୟଙ୍କୁ ଅପହରଣକାରୀଙ୍କ କବ୍‌ଜାରୁ ମୁକ୍ତ କରି ମୁରାଦାବାଦ ପୁଲିସ ଗିରଫ କରିଛି। ଯଦି ପୁଲିସ ପହଞ୍ଚିବାରେ ସାମାନ୍ୟ ବିଳମ୍ବ କରିଥାଆନ୍ତା ତେବେ ଜାଲ୍ ସୀମାଶୁଳ୍କ ଅଧିକାରୀ ହୋଇ ଆସିଥିବା ଅପହରଣକାରୀ ସୁନା ବାହାର କରିବା ପାଇଁ ଏହି ୬ ଜଣଙ୍କ ପେଟ ଚିରି ଦେଇଥାନ୍ତେ। ପୁଲିସ ୨ ଅପହରଣକାରୀଙ୍କୁ ଗୁଳି କରି ଧରିଥିଲା।

ମୁରାଦାବାଦ ଏସଏସ୍‌ପି ସତପାଲ ଅନ୍ତିଲ କହିଛନ୍ତି ଯେ ୪ ଚୋରା ଚାଲାଣକାରୀଙ୍କ ପେଟ ଏବଂ ଗୁପ୍ତାଙ୍ଗରୁ ୨୯ ଟି ସୁନା କ୍ୟାପସୁଲ ଜବତ କରାଯାଇଛି। ଏମାନେ ଗୁପ୍ତାଙ୍ଗରେ କଣ୍ଡୋମ ଲଗାଇ ସୁନା ଚାଲାଣ କରୁଥିଲେ। ଜବତ ସୁନାର ଓଜନ ପ୍ରାୟ କେଜିଏ ହେବ। ଏହି ଗ୍ୟାଙ୍ଗରେ ସାମିଲ ଅନ୍ୟମାନଙ୍କୁ ମଧ ଟ୍ରେସ କରାଯାଉଛି। ସାଉଦିରୁ ସୁନା ଲୁଚାଇ ଆଣୁଥିବା ଏହି ଗ୍ୟାଙ୍ଗ ଦୀର୍ଘ ଦିନ ହେଲା ରାମପୁରର ଟାଣ୍ଡା ଅଞ୍ଚଳରେ ସକ୍ରିୟ ରହିଛି। ସୂଚନା ଅନୁଯାୟୀ ଗତ ୨୩ ତାରିଖରେ ଟାଣ୍ଡା ବାଦଲି ଅଞ୍ଚଳର ମହମ୍ମଦ ମୁତଲିବ, ଅଜହରୁଦ୍ଦିନ, ସାନେ ଆଲମ ଏବଂ ଜୁଲଫିକର ଅଲି ଦୁବାଇରୁ ମୁମ୍ବାଇ ବିମାନରେ ଆସିଥିଲେ। ପରେ ଏଠାରୁ ବିମାନରେ ଦିଲ୍ଲୀ ଯାଇଥିଲେ। ସେହିପରି ନାଭେଦ ଏବଂ ଜାହିଦ ଅଲ୍ଲୀ ସିଧା ଦୁବାଇରୁ ଦିଲ୍ଲୀରେ ପହଞ୍ଚି ଥିଲେ। ସମସ୍ତେ ଦିଲ୍ଲୀ ବିମାନବନ୍ଦରରେ ଏକାଠି ହୋଇଥିଲେ। ପୂର୍ବରୁ ଏମାନେ ସୁନା ଚୋରା ଚାଲାଣ କରୁଥିବାର ସୂଚନା କିଛି ଲୋକ ପାଇଥିଲେ। ସେମାନେ ଜାଲ୍ ଶୁଳ୍କ ଅଧିକାରୀ ଭାବେ ଏହି ୬ ଜଣଙ୍କୁ ଧରି ଅପହରଣ କରି ଜଙ୍ଗଲକୁ ନେଇଥିଲେ। ମାତ୍ର ସେଠାରେ ପୁଲିସ ପହଞ୍ଚି ଯାଇଥିଲା।

**୬ ଜଣଙ୍କୁ ଗିରଫ କଲା ପୁଲିସ**

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-327 ◆BHUBANESWAR ◆MONDAY ◆26 MAY 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୨୭ ◆ଭୁବନେଶ୍ୱର ◆ସୋମବାର ◆୨୬ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଭାଙ୍ଗିବ ଗରିବଙ୍କ ଘର ସ୍ୱପ୍ନ

## ରାଜ୍ୟକୁ 'ଆବାସ' ଅନୁଦାନ ୩୪୮୫ କୋଟି ହ୍ରାସ

■ **ଭୁବନେଶ୍ୱର, ୨୫।୫ (ସମିସ):** ରାଜ୍ୟରେ କେହି ଜଣେ ବି ଲୋକ କଚ୍ଚା ଘରେ ରହିବେ ନାହିଁ ଓ ବର୍ଷକ ମଧ୍ୟରେ ସବୁ କଚ୍ଚାଘର ପକ୍କା କରାଯିବ ବୋଲି ନିର୍ବାଚନ ସମୟରେ ବିଜେପି ନେତାମାନେ ଦେଇଥିବା ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟର ଲକ୍ଷଲକ୍ଷ ଗରିବ ଲୋକଙ୍କ ମୁଣ୍ଡ ଉପରେ ଛାତ ନାହିଁ; ଫନି ପ୍ରଭାବିତ ଉପକୂଳ ଓଡ଼ିଶାର ହଜାର ହଜାର ପରିବାର ଏବେ ବି ପକ୍କା ଘରପାଇଁ ଆଶା ବାନ୍ଧି ବସିଛନ୍ତି। ଏହି ସମୟରେ ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାବାସୀଙ୍କୁ କରିଥିବା ପ୍ରତାରଣାର ଆଉ ଏକ ଛବି ପଦାକୁ ଆସିଛି। ଡ଼ବଲ ଇଞ୍ଜିନ୍ ସରକାର ରାଜ୍ୟ ପାଇଁ ଡ଼ବଲ ଅନୁଦାନ ଆଣିବା ପରିବର୍ତ୍ତେ ଡବଲ ପ୍ରତାରଣା ଦେଇଥିବା ଅଭିଯୋଗ ହୋଇଛି। ବିଶେଷକରି ଗ୍ରାମୀଣ ଓ ସହରାଞ୍ଚଳ ଗୃହ ନିର୍ମାଣ କ୍ଷେତ୍ରରେ ଓଡ଼ିଶାବାସୀ ସମ୍ପୂର୍ଣ୍ଣ ପ୍ରତାରିତ ହୋଇଛନ୍ତି। ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଓଡ଼ିଶା କେନ୍ଦ୍ରରୁ ଯେତିକି ଅନୁଦାନ ପାଇଥିଲା, ଏବେ ବିଜେପି ସରକାର ତାହାର ଏକ ଚତୁର୍ଥାଂଶରୁ କମ୍ ଅନୁଦାନ ଆଣିବାକୁ ସକ୍ଷମ ହୋଇଛନ୍ତି। ଗୋଟିଏ ବର୍ଷରେ ରାଜ୍ୟ ସରକାର କେବଳ 'ଆବାସ' ଯୋଜନାରେ ୩୪୮୫ କୋଟି ଟଙ୍କା କମ୍ ଅନୁଦାନ ପାଇଛି।

- ୨୦୨୩-୨୪ରେ ମିଳିଥିଲା ୪୩୧୦ କୋଟି ଟଙ୍କା
- ୨୦୨୪-୨୫ରେ ମିଳିଛି ମାତ୍ର ୮୨୫ କୋଟି ଟଙ୍କା
- ଗରିବଙ୍କ ଘର ପାଇଁ ସରକାରଙ୍କ ପାଖରେ ନାହିଁ ପାଣ୍ଠି

PMAY-G

ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଜ୍ୟର ଗରିବ ଲୋକମାନଙ୍କୁ ଘର ଯୋଗାଇ ଦିଆଯାଇଥାଏ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଅନୁଦାନ ଯୋଗାଇ ଦିଅନ୍ତି ଓ ରାଜ୍ୟ ସରକାର ନିଜ ଅଂଶ ପ୍ରଦାନ କରି ଲୋକଙ୍କୁ ଘର ପ୍ରଦାନ କରିଥାଆନ୍ତି। ତତ୍କାଳୀନ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ▶ପୃଷ୍ଠା-୭

## ବାଲେଶ୍ୱରରେ ଲଜ୍ଜା। ସାତ ଦିନରେ ୨ ଦୁଷ୍କର୍ମ

- ଦୁଷ୍କର୍ମ ପରେ ଜଣେ ନାବାଳିକାଙ୍କୁ ହତ୍ୟା
- ମାନସିକ ଭିନ୍ନକ୍ଷମ ନାବାଳିକାକୁ ଦୁଷ୍କର୍ମ
- ବିବାହିତାଙ୍କୁ ମାଡ଼ ସହ ଦୁଷ୍କର୍ମ ଉଦ୍ୟମ

■ **ବାଲେଶ୍ୱର(ଉତ୍ତର)/ଜଳେଶ୍ୱର ବ୍ଲକ, ୨୫।୫ (ସମିସ):** ରାଜ୍ୟରେ ଶାସନ ବ୍ୟବସ୍ଥା ହୁଗୁଳିଛି। ବିଭିନ୍ନ ସ୍ଥାନରେ ହତ୍ୟା, ଧର୍ଷଣ, ଚୋରି, ରାହଜାନି ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଗୋଟିଏ ସପ୍ତାହ ମଧ୍ୟରେ ଭୋଗରାଇ ଏବଂ ଜଳେଶ୍ୱର ଅଞ୍ଚଳରେ ଦୁଇ ନାବାଳିକା ସହ ଜଣେ ବିବାହିତ ମହିଳାଙ୍କ ଦୁଷ୍କର୍ମ ଘଟଣା ଏବେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ।

ଜଳେଶ୍ୱର ବ୍ଲକ୍ ଶ୍ୟାମନଗର ଅଞ୍ଚଳରେ ଜନୈକା ମାନସିକ ବିକୃତ ୧୪ ବର୍ଷର ନାବାଳିକା ଗତ ଶୁକ୍ରବାର ▶ପୃଷ୍ଠା-୭

## ଟ୍ରେନ୍ ଧକ୍କାରେ ୨ ଶ୍ରମିକ ମୃତ

■ **ଯଖପୁରା, ୨୫।୫ (ସମିସ):** ଯାଜପୁର ଜିଲ୍ଲା ଯଖପୁରା ରେଳ ଡିଭିଜନରେ ରେଳ କେବୁଲ ଲାଇନ୍ ବିଛାଉଥିବା ବେଳେ କେନ୍ଦୁଡିପ ଲେବୁଲକ୍ରସିଂ ନିକଟରେ ପଛ ପଟୁ ଟ୍ରେନ ଧକ୍କା ଦେବାରୁ ଦୁଇ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଦୁଇ ଜଣଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନାପୁର ଜିଲ୍ଲା କୁନାରପୁର ଗ୍ରାମରେ। ଦୁଇ ମୃତ ଶ୍ରମିକ ହେଲେ ଲାଲୁ ଦିଗାର (୪୫) ଓ ସାଖର ଦିଗାର (୩୫) ବୋଲି ଜଣାପଡିଛି। ୧୦ରୁ ୧୨ ଜଣ ▶ପୃଷ୍ଠା-୭


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf – Among Indian Universities Ranked by NIRF, Govt. of India
A++ Grade – Accredited by NAAC
Tier 1 NBA – Re-accredited by NBA All Engineering Programs for 6 Years

KIITEE 2025 PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in
Last Date to Apply 4th June 2025 | No Examination Fee (Computer-Based Test)
KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking 2024 – World University Rankings
IET Accredited Programme – The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things &
- Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies | 5585+ Job Offers | ₹53 LPA Highest Salary Offered
₹8.50 LPA Average CTC | 1500+ Paid Internships | 1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.






ଦଶମରେ କମ୍ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନରେ ୯୦% ଉର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀ

| Roll No. | Applicant Name | +2 % | 10th % |
|---|---|---|---|
| 350DB004 | SUBHASHREE BISWAL | 95.17 % | 84 % |
| 350DB008 | PRIYANKA PRIYA. BISWAL | 94.17 % | 82.5 % |
| 350DB002 | PADMINI MAHARANA | 92.33 % | 87.5 % |
| 350DB054 | AMRUTANSHU ROUT | 92.17 % | 76 % |
| 350DB005 | AKASH SAHU | 91 % | 84 % |
| 350DB080 | MUKESH OJHA | 91 % | 63.83 % |
| 350DB011 | SHUBHAM HATI | 90.5 % | 81.67 % |
| 350DB016 | ANSHUMAN SAHOO | 90.17 % | 80 % |
| 350DB091 | GYANAMANGALAM | 87.83 % | 71 % |
| 350DB015 | MONALISHA SAHOO | 86.83 % | 72 % |
| 350DB089 | LARENS SAHU | 85.33 % | 71 % |
| 350DB012 | SOUMYADEEP BEHERA | 85.17 % | 73.5 % |
| 350DB120 | JIBANTOSH MUDULI | 85 % | 68.83 % |
| 350DB060 | RUDRA NARAYAN RAJ | 84.67 % | 70.14 % |
| 350DB024 | BIKASH RANA | 84.33 % | 71.12 % |
| 350DB007 | MAHENDRA SAMAL | 83.5 % | 72.72 % |
| 350DB030 | SAGAR BEHERA | 83.33 % | 71.68 % |
| 350DB074 | BARSARANI SAHOO | 83.33 % | 73.84 % |

NEET, JEE-MAIN
by experts form KOTA

AT.: DHENKANAL / M- 9437799193, 9437027391,8917381641

# ମେମୁ ଟ୍ରେନ୍ ଚଳାଚଳ ଓ ବଗି ସଂଖ୍ୟା ବୃଦ୍ଧି ଦାବି

**ନୟାଗଡ଼,୨୫।୫(ସମିସ)**

ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ରବିବାର ନୟାଗଡ଼ ରେଳ ଷ୍ଟେସନଠାରେ ମେମୁ ଟ୍ରେନ୍ ଚଳାଚଳ, ବଗି ସଂଖ୍ୟା ବୃଦ୍ଧି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନୟାଗଡ଼ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବହୁ ଲୋକ ଏଥିରେ ସାମିଲ ହୋଇଥିଲେ। ନୟାଗଡ଼ ଜିଲ୍ଲାରୁ ବ୍ୟାବସାୟିକ କାର୍ଯ୍ୟ, ଉଚ୍ଚଶିକ୍ଷା, ପରିଭ୍ରମଣ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଜିଲ୍ଲାବାସୀ ରାଜ୍ୟ ବହାରକୁ ଯଥା- କୋଲକାତା, ବେଙ୍ଗାଲୁରୁ, ବିଶାଖାପାଟଣା, ମୁମ୍ବାଇ ଆଦି ସ୍ଥାନକୁ ଯାଇଥା'ନ୍ତି। ମୁଖ୍ୟତଃ ଜିଲ୍ଲାର ଅଧିକାଂଶ ଅଧିବାସୀ ବ୍ୟବସାୟ ପାଇଁ କୋଲକାତା ତଥା ଉଚ୍ଚଶିକ୍ଷା ଏବଂ ଚାକିରି ପାଇଁ ବେଙ୍ଗାଲୁରୁ ଉପରେ ନିର୍ଭର କରିଥା'ନ୍ତି। ନୟାଗଡ଼ରୁ ହାଓଡ଼ା ଏବଂ ବେଙ୍ଗାଲୁରୁକୁ ତୁରନ୍ତ ରେଳ ସଂଯୋଗ କରାଯିବା ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ରେଳ ବିଭାଗ ନିକଟରେ ଦାବି କରାଯାଇଛି। ଜିଲ୍ଲାବାସୀ ଉତ୍ତମ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ଏବଂ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟ ଉପରେ ନିର୍ଭର କରୁଥିବାରୁ ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ମେମୁ ଟ୍ରେନ୍ କଟକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ଦଶପଲ୍ଲାରୁ ପୁରୀ ଯାଉଥିବା ପାସେଞ୍ଜର ଟ୍ରେନ୍‌କୁ ବଦଳାଇ ମେମୁ ଟ୍ରେନ୍ ପ୍ରଚଳନ କରିବା, ଦିନକୁ ଦିନ ରେଳଯାତ୍ରୀଙ୍କ ସଂଖ୍ୟା ବଢୁଥିବାରୁ ଚଳାଚଳ କରୁଥିବା ଟ୍ରେନ୍‌ଗୁଡ଼ିକର ବଗି ସଂଖ୍ୟା ବୃଦ୍ଧି କରିବା, ରେଳ ଷ୍ଟେସନରେ ଆଉ ଏକ ଟିକଟ୍ କାଉଣ୍ଟର ଖୋଲିବା କିମ୍ବା ନୂତନ କରି ସ୍ଥାପିତ ହୋଇଥିବା ଟିକଟ୍ ଭେଣ୍ଡିଂ ମେସିନରେ କର୍ମଚାରୀ ନିଯୁକ୍ତ କରିବା, ନୟାଗଡ଼-ଭୁବନେଶ୍ୱର ମଧ୍ୟରେ ଅଧିକ ପାସେଞ୍ଜର ଟ୍ରେନ୍ ଚଳାଚଳ କରିବା ତଥା ନୟାଗଡ଼ ଟାଉନ ଷ୍ଟେସନ ପରିସର ଏବଂ ଏହାର ପରିବେଶ ସଫାସୁତରା ରଖିବା ଆଦି ଦାବି କରାଯାଇଛି।




## ଆନ୍ଦୋଳନରେ କଲେଜ ଅଧ୍ୟକ୍ଷ ଓ ଶିକ୍ଷକ

ଏହି ଆନ୍ଦୋଳନକୁ ଦୃଷ୍ଟିରେ ରଖି ରେଲ୍‌ୱେ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ରେଳ ବିଭାଗ ବିରୋଧରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ନୟାଗଡ଼ ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷ ମାନସ କୁମାର ଶତପଥିଙ୍କ ସମେତ ୪ ଜଣ ଶିକ୍ଷକ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଏମାନେ ହେଲେ ନୟାଗଡ଼ ଲେଙ୍କୁଡ଼ିପଡ଼ା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସଂଗ୍ରାମ କେଶରୀ ସାହୁ, ନୟାଗଡ଼ ବ୍ଲକ୍ ସଜନାପଡ଼ା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପ୍ରଦ୍ୟୁମ୍ନ ନନ୍ଦ, ନୟାଗଡ଼ ଏନ୍‌ଏସି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପ୍ରଦୀପ ଡାକୁଆ ଏବଂ ଲକ୍ଷ୍ମୀଧର ସାହୁ। ଅଧ୍ୟକ୍ଷ ଓ ଶିକ୍ଷକମାନେ କିଭଳି ରେଳ ବିଭାଗ ଆନ୍ଦୋଳନରେ ସାମିଲ ହେଲେ ବୋଲି ପ୍ରଶ୍ନ ଉଠିଛି। ସରକାରୀ କର୍ମଚାରୀ ନିଜ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମୋଦନରେ ନିଜ ବିଭାଗ ଆନ୍ଦୋଳନରେ ସାମିଲ୍ ହୋଇପାରିବେ ନାହିଁ ବୋଲି ନିୟମ ରହିଥିବାବେଳେ ଏମାନେ ରେଳ ବିଭାଗ ବିରୋଧରେ ଅନୁଷ୍ଠିତ ଆନ୍ଦୋଳନରେ ସାମିଲ ହେବା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆନ୍ଦୋଳନ ନାଁରେ ଶିକ୍ଷକ ଓ ଅଧ୍ୟକ୍ଷ ପରୋକ୍ଷରେ ରାଜନୀତି କରିବାକୁ ଆଗ୍ରହୀ କି ବୋଲି ପ୍ରଶ୍ନ ଉଠିଛି। ଶିକ୍ଷକ ସମ୍ପର୍କରେ ମତାମତ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ୍ ଉଠାଇ ନାହାନ୍ତି। ମତାମତ ପାଇଁ ଲାଠିପଡ଼ା ମଡେଲ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିବା ବେଳେ ସେ ମଧ ଫୋନ୍ ଉଠାଇ ନାହାନ୍ତି।

# ୩୦ରେ ଭଞ୍ଜପୀଠରେ ଭଞ୍ଜ ଜୟନ୍ତୀ

**ନୟାଗଡ଼,୨୫।୫(ସମିସ):** ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଭଞ୍ଜ ଜୟନ୍ତୀ ଉତ୍ସବ ପାଳିତ ହୋଇ ଆସୁଥିବା କବିସମ୍ରାଟଙ୍କ ସାଧନା ପୀଠ ନୟାଗଡ଼ର ମାଳିସାହିଠାରେ ଆସନ୍ତା ୩୦ ତାରିଖ ସନ୍ଧ୍ୟାରେ ଚଳିତ ବର୍ଷର ସାମ୍ବତ୍ସରିକ ଉତ୍ସବ ପାଳନ କରାଯିବ ବୋଲି ଉପେନ୍ଦ୍ର ଭଞ୍ଜ ସାହିତ୍ୟ ଓ ସଂସ୍କୃତି ପରିଷଦର କାର୍ଯ୍ୟନିର୍ବାହୀ କମିଟି ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ନିଷ୍ପତ୍ତି ଗ୍ରହଣ କରିଛି। ଏହି ଉତ୍ସବରେ ପାରମ୍ପରିକ ଭାବେ ସମ୍ବର୍ଦ୍ଧନା କ୍ରମେ ଓଡ଼ିଆ ଭାଷା ସାହିତ୍ୟର କୃତବିଦ୍ୟ ସାଧକ ତଥା ଜନ୍ମମାଟି ମାଳିସାହିର ଗୌରବ ଡ. ପ୍ରେମାନନ୍ଦ ମହାପାତ୍ର, ପ୍ରଖ୍ୟାତ କଣ୍ଠଶିଳ୍ପୀ ନବକିଶୋର ମିଶ୍ର ଓ ବିଶିଷ୍ଟ ସମାଜସେବୀ ତଥା ସାରସ୍ୱତ ସଂଗଠକ ପ୍ରମୋଦ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରିବାକୁ ସ୍ଥିର କରାଯାଇଛି। ଏହି ଉତ୍ସବରେ ଯୋଗଦେବା ପାଇଁ କମିଟିର ସମ୍ପାଦକ ବିଶ୍ୱନାଥ ମହାପାତ୍ର ସାହିତ୍ୟପ୍ରେମୀଙ୍କୁ ଅନୁରୋଧ ଜଣାଇଛନ୍ତି।

# କାଗଜ କପ୍ ବ୍ୟବହାରକୁ ନା




**ଓଡ଼ଗାଁ,୨୫।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ତରଫରୁ ଚଳିତ ସପ୍ତାହରେ ପଲିଥିନ୍ ବ୍ୟବହାର ଓ ବିକ୍ରି ଉପରେ ଲଗାମ ଲଗାଇବାକୁ ବିଭିନ୍ନ ଦୋକାନ ବଜାର ଉପରେ ଚଢ଼ଉ କରାଯାଇଥିଲା। ଏପରିସ୍ଥଳେ କେତେକ ଦୋକାନରୁ ବେଆଇନ ଭାବେ ବିକ୍ରି ପାଇଁ ମହଜୁଦ ଥିବା ପ୍ରାୟ ୪ କ୍ୱିଣ୍ଟାଲ ପଲିଥିନ୍ ଗୋଦାମରୁ ଜବତ କରିବା ସହିତ ଜରିମାନା ଆଦାୟ କରିଥିଲେ। ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଅପରାହ୍ଣରେ ଏନ୍‌ଏସି ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ସାହୁ ସ୍ଥାନୀୟ ହନୁମାନ ଛକ ଓ ଅନ୍ୟ କେତେକ ଚା' ଦୋକାନରେ ଚଢ଼ଉ କରି ଚା' ପିଇବା ପାଇଁ ବ୍ୟବହାର କରାଯାଉଥିବା ପେପର କପ୍ ସ୍ୱାସ୍ଥ୍ୟ ପାଇଁ ହାନୀକାରକ ବୋଲି ବୁଝାଇବା ସହିତ ପେପର କପ୍ ବଦଳରେ ଗ୍ଲାସ୍ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଏପରିକି ସମ୍ପୃକ୍ତ ଚା' ଦୋକାନୀ ତୁରନ୍ତ କାଚ ଗ୍ଲାସ୍ କିଣି ଆଣି ଗ୍ରାହକଙ୍କୁ ପେପର କପ୍ ପ୍ରତିବଦଳରେ କାଚ ଗ୍ଲାସ୍ ଦେଇଥିଲେ। ଏହା କେବଳ ସଚେତନତା ପାଇଁ ଅଭିଯାନ କରାଯାଇଥିବା ବେଳେ ଆଗାମୀ ଦିନରେ ଏଥିରେ ବ୍ୟତିକ୍ରମ ହେଲେ ଜରିମାନା ଆଦାୟ କରିବା ସହିତ ମାମଲା ରୁଜୁ କରାଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି।

# ଅଧ୍ୟାପକଙ୍କ ଅକାଳ ବିୟୋଗ



**କଣାସ,୨୫।୫(ସମିସ):** କଣାସ ବ୍ଲକ୍ ଦୟାବିହାରଠାରେ ପ୍ରତିଷ୍ଠିତ ଯୁକ୍ତ ଦୁଇ ମହାବିଦ୍ୟାଳୟର ଭୂଗୋଳ ଅଧ୍ୟାପକ ତଥା ଏନ୍‌ସିସି ଅଫିସର ପ୍ରତାପ କେଶରୀ ହରିଚନ୍ଦନ (୫୮)ଙ୍କର ରବିବାର ସକାଳୁ ପରଲୋକ ହୋଇଯାଇଥିବା ଜଣାପଡ଼ିଛି। ଶ୍ରୀ ହରିଚନ୍ଦନ ସକାଳୁ ପୁରୀ ବାସଭବନରେ ବସିଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ପରିବାର ଲୋକ ଚିକିତ୍ସା ପାଇଁ ପୁରୀ ଡାକ୍ତରଖାନାକୁ ନେଇଯାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ସ୍ୱର୍ଗଦ୍ୱାରାଠାରେ ସଂସ୍କାର କରାଯାଇଥିଲା। ତାଙ୍କ ବିୟୋଗରେ କଲେଜ ଏବଂ କଣାସ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସମସ୍ତଙ୍କର ପ୍ରିୟ ଥିଲେ ନିରଞ୍ଜନ ସାର୍



**ଅସ୍ତରଙ୍ଗ,୨୫।୫(ସମିସ):** ସରକାରୀ ଚାକିରି କରିନଥିଲେ କିନ୍ତୁ ପିଲାଙ୍କୁ ପାଠପଢ଼ାଇବାର ଆଗ୍ରହ ରଖିଥିଲେ। ଏକ ଦୁର୍ଘଟଣାରେ ସେ ଭିନ୍ନକ୍ଷମ ହୋଇ ମଧ ଟ୍ରାଇସାଇକଲରେ ଯାଇ ପିଲାଙ୍କୁ ପାଠପଢ଼ାଉଥିଲେ। ତାଙ୍କର ଏହି ଉଦ୍ୟମ ଯୋଗୁଁ ସେ ସମସ୍ତଙ୍କର ପ୍ରିୟ ଶିକ୍ଷକ ହୋଇପାରିଥିଲେ। ଏଭଳି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଅସ୍ତରଙ୍ଗ ବ୍ଲକ୍ ସରିପୁର ପଞ୍ଚାୟତ ମୁଦୁଗଲ ଗ୍ରାମର ଉଚ୍ଚଶିକ୍ଷିତ ନିରଞ୍ଜନ ଦୀକ୍ଷିତ। ଗତ ୧୩ ତାରିଖରେ ସେ ସବୁଦିନ ପାଇଁ ଆଖିବୁଜି ଦେଇଛନ୍ତି। କିନ୍ତୁ ତାଙ୍କର ଆଦର୍ଶ ପାଇଁ ଆଜି ସମସ୍ତେ ଝୁରୁଛନ୍ତି।

୧୯୬୭ ଜାନୁଆରୀ ୧ରେ ଜନ୍ମ ଗ୍ରହଣ କରିଥିବା ନିରଞ୍ଜନ ବି.କମ୍ ପାସ୍ କରିବା ପରେ ପ୍ରଥମେ ଶିକ୍ଷକତା ଆରମ୍ଭ କରି ନିଜ ଗ୍ରାମ ସିଦ୍ଧେଶ୍ୱର ବିଦ୍ୟାପୀଠ ମୁଦୁଗଲରେ ସେକ୍ରେଟାରୀ ଥିଲେ। ସ୍ତ୍ରୀ, ଦୁଇ ଝିଅଙ୍କ ଭରଣପୋଷଣ ପାଇଁ ଉଚ୍ଚ ଚାକିରି ପାଇଁ ୧୯୯୬ ମସିହାରେ ଏଣ୍ଟ୍ରାନ୍ସ ଦେବା ପାଇଁ ସ୍କୁଟରରେ ଭୁବନେଶ୍ୱର ଯାଉଥିବା ସମୟରେ ଗୁଡ଼ିଆପୋଖରୀ ନିକଟରେ ଏକ ମଇଁଷି ହଠାତ୍ ତାଙ୍କ ସହିତ ମାଡ଼ ହେବାରୁ ବଡ଼ ଦୁର୍ଘଟଣା ଘଟିଥିଲ। ଫଳରେ ତାଙ୍କର ସ୍ପାଇନାଲକର୍ଡ ଆଘାତ ପାଇ ଚିପି ହୋଇଯାଇଥିଲା। କଟକ ବଡ଼ ମେଡିକାଲରେ ଆସୁ ଆରୋଗ୍ୟ ପରେ ବନ୍ତିଲୋର ଏକ ଘରୋଇ ସ୍କୁଲରେ ଶିକ୍ଷକତା କରିଥିଲେ। ଠିକ୍ ସେହି ସମୟରେ ଶରୀର ଅଚଳ ହେବାରୁ ଏକ ଟ୍ରାଇସାଇକଲରେ ଯାଇ ନିଜ ଗ୍ରାମ ୟୁପି ସ୍କୁଲରେ କିଛିଦିନ କୋଚିଂ ଦେଉଥିଲେ। ୨୦୨୪ରେ ତାଙ୍କର ଦୁଇଟାଯାକ କିଡ୍‌ନୀ ଖରାପ ହୋଯାଇଥିଲା। ଅନେକ ଚିକିତ୍ସାରେ ବିଫଳ ହୋଇ ଗତ ୧୩ ତାରିଖ ରାତି ୧ଟା ୪୦ରେ ସବୁଦିନ ପାଇଁ ଆଖି ବୁଜିଦେଲେ। ତାଙ୍କର ଦ୍ୱାଦଶାହ ଅବସରରେ ପୁରାତନ ଛାତ୍ରଛାତ୍ରୀ, ବନ୍ଧୁ ଓ ପରିବାର ବର୍ଗ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ଖଣ୍ଡପଡ଼ା ରାଜ୍ୟ ଗୋପାଳ ସମାଜର ବୈଠକ



**ଭାପୁର,୨୫।୫(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ କେନ୍ଦୁପଲ୍ଲୀ ପଞ୍ଚାୟତ କେନ୍ଦୁପଲ୍ଲୀ ଗ୍ରାମଠାରେ ଖଣ୍ଡପଡ଼ା ରାଜ୍ୟ ଗୋପାଳ ସମାଜର ୪୦ତମ ସାଧାରଣ ବୈଠକ ଦୁଇଦିନ ଧରି ଆୟୋଜିତ ହୋଇଯାଇଛି। ସମାଜର ସ୍ଥାୟୀ ସଭାପତି ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାପୁର ଓ ଖଣ୍ଡପଡ଼ା ବ୍ଲକ୍‌ର ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ। ସମ୍ପାଦକ ଦୁର୍ଯ୍ୟୋଧନ ବେହେରା ପୂର୍ବ ବୈଠକର ବିବରଣୀ ଆଲୋଚନା କରିଥିଲେ। ଉପସଭାପତି ଗୋକୁଳ ଚନ୍ଦ୍ର ବେହେରା, ସହସମ୍ପାଦକ ଦଣ୍ଡପାଣି ବେହେରାଙ୍କ ସହ ଅନେକ କର୍ମକର୍ତ୍ତା ସଭା ମଣ୍ଡନ କରିଥିଲେ। ଏହି ବୈଠକରେ ଦେଶ ଗଠନରେ ଗୋପାଳ ସମାଜର ଭୂମିକା ଓ ଜାତି ଭିତରେ ରହିଥିବା କିଛି ଅବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। କେନ୍ଦୁପଲ୍ଲୀ ଗ୍ରାମର ଆରାଧ୍ୟ ଠାକୁର ଗୋପୀନାଥ ଦେବଙ୍କ ମନ୍ଦିରଠାରୁ ସମାଜର ଯୁବକମାନେ ଲଉଡ଼ି ଖେଳି ଗ୍ରାମ ପରିକ୍ରମା କରି ସଭା ମଣ୍ଡପରେ ପହଞ୍ଚିଥିଲେ। ସମାଜର କର୍ମକର୍ତ୍ତାମାନେ ଜାତିର ତଥା ଅଞ୍ଚଳର ଯୋଗ୍ୟ ଦାୟାଦ ଅଭିଷେକ ବେହେରା ୨୦୨୪ରେ ଡାକ୍ତରୀ ପାଠ ପଢ଼ିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ତରଫରୁ ତାଙ୍କ ବାପା ସହଦେବ ପଲେଇ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ଏ ବର୍ଷ ମାଟ୍ରିକ୍ ଓ +୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଓ ଗୋ ସେବା ପାଇଁ ଉତ୍ସର୍ଗୀକୃତ କେତେକ ବ୍ୟକ୍ତିଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ନୟାଗଡ଼ ପୌର ପରିଷଦ; 'କିଛି ତ ହେଉନି'

**ନୟାଗଡ଼,୨୫।୫(ସମିସ):** ବର୍ଷେ ହେଲାଣି ପୌର ପରିଷଦରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହୋଇ ପାରୁନି। ପୌର ପରିଷଦ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଏବଂ ଦୁର୍ନୀତିଖୋର୍ ମନୋବୃତ୍ତି ପାଇଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। କାଉନ୍‌ସିଲରଙ୍କଠାରୁ ଆରମ୍ଭ କରି ଅଧ୍ୟକ୍ଷାଙ୍କ ପର୍ଯ୍ୟନ୍ତ ସମସ୍ତେ ବିତସ୍ପୃହ। ନୟାଗଡ଼ ବିକାଶ ଏକରକମ ଠପ୍ ହୋଇଯାଇଛି। ବିଜେପି ସରକାର ଆସିବା ପରେ ରାଜ୍ୟରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲେ ବି ନୟାଗଡ଼ ଅବସ୍ଥା ସବୁଠାରୁ ଭୟାନକ ହୋଇଯାଇଛି। ବିଜେପି ନେତାଙ୍କ ପ୍ରାଦୁର୍ଭାବ ଓ ପ୍ରରୋଚନାରେ ନୟାଗଡ଼ ପୌର ପରିଷଦରେ ଉନ୍ନୟନ କାର୍ଯ୍ୟକୁ ଧିମେଇ ଦିଆଯାଇଥିବା ସାଧାରଣରେ ଆଲୋଚନା ହେଉଛି। ନୟାଗଡ଼ ବିକାଶ ଓ ପର୍ଯ୍ୟଟନ କ୍ଷେତ୍ରକୁ ଆଗକୁ ନେବା ପାଇଁ ନୟାଗଡ଼ ବଲାଙ୍ଗୀ ପାର୍କ ମୁଖ୍ୟ ଆକର୍ଷଣ ପାଲଟିଛି। ନିର୍ବାଚନ ପରଠାରୁ ବଲାଙ୍ଗୀ ପାର୍କରେ କୌଣସି ନୂଆ କାମ ହେଉନାହିଁ। ଶନିବାର ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଅଧ୍ୟକ୍ଷା ନିରୂପମା ଖଟେଇ ପୌର ପରିଷଦର କର୍ମଚାରୀଙ୍କୁ ନେଇ ବଲାଙ୍ଗୀ ପାର୍କକୁ ଆକର୍ଷଣୀୟ କରିବାକୁ ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନାକୁ ପୌର ପରିଷଦ କାର୍ଯ୍ୟକାରୀ କରିବା ପାଇଁ କେତେ ତତ୍ପରତା ପ୍ରକାଶ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଦୁଇ ବର୍ଷ ତଳୁ ପୌର ପରିଷଦ ପାଖରେ ଅନେକ ପାଣ୍ଠି ପଡ଼ିରହିଛି। ସେଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଆଗ୍ରହ ପ୍ରକାଶ କରାଯାଉନାହିଁ।

## କିଏ ନେଲା ଦେବଦାରୁ ଗଛ

**ନୟାଗଡ଼,୨୫।୫(ସମିସ):** ନୟାଗଡ଼ ନାରାୟଣୀ ପାର୍କ ନିକଟରେ ନିର୍ମାଣ ହେବ ବସ୍‌ଷ୍ଟପ୍। ଏଥିପାଇଁ ସେଠାରେ ରହିଥିବା କିଛି ଦେବଦାରୁ ଗଛକୁ ପୌର ପରିଷଦ ପକ୍ଷରୁ କଟାଯାଇଥିଲା। ଏହି ଦେବଦାରୁ ଗଛ କାଠକୁ ଅଜଣା ଶବ ସତ୍କାର ପାଇଁ ଶ୍ମଶାନକୁ ପଠାଇବାକୁ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଶ୍ମଶାନକୁ କିଛି ଡାଳ ପଠାଇଦେଇ ଗଣ୍ଡିକୁ କେହି ନେଇ ଯାଇଥିବା ଜଣାପଡ଼ିଛି। ଏହା ପଛରେ ପୌର ପରିଷଦର ଜନୈକ କର୍ମଚାରୀଙ୍କ ଭୂମିକା ସନ୍ଦେହକୁ ଆସିଛି। ଶବ ସତ୍କାର ପାଇଁ ଦେବଦାରୁ ଗଛ ଯିବାକୁ କୁହାଯାଇଥିବାବେଳେ ଅତ୍ୟନ୍ତ ଚତୁରତାର ସହିତ ଗଣ୍ଡିଗୁଡ଼ିକୁ ସେ ହରିଲୁଟ୍ କରିଥିବା ଅଭିଯୋଗ ହୋଇଛି।

## ■ ବିତସ୍ପୃହ ହେଲେଣି କାଉନ୍‌ସିଲର ■ କର୍ମଚାରୀଙ୍କ ସମନ୍ୱୟ ଅଭାବ

ଆମ ପୋଖରୀ ଯୋଜନାରେ ୨କୋଟି ଟଙ୍କା ଆସିଥିବାବେଳେ ଗତ ୭ ତାରିଖରେ ସ୍ୱୟଂ ସହାୟକ ଗୋଷ୍ଠୀକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବର୍ଷା ଋତୁ ଆସୁଥିବାରୁ ଏବେ ପୋଖରୀ ଖନନ ତଥା ସଫେଇ କରିବା ସମ୍ଭବ ନୁହେଁ ବୋଲି ଜଣାପଡ଼ିଛି। କେବଳ କାର୍ଯ୍ୟାଦେଶରେ ଚଳିତ ବର୍ଷର କାମ ସୀମିତ ରହିଯିବ ବୋଲି ଆଲୋଚନା ହେଉଛି। ସମାନ ଭାବେ କାଉନ୍‌ସିଲରମାନେ ନିଜ ନିଜ ୱାର୍ଡ ବିକାଶ ପାଇଁ ଅନେକ ପ୍ରସ୍ତାବ ଦେଉଥିଲେ ମଧ ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ସେମାନେ ବିତସ୍ପୃହ ଅବସ୍ଥାରେ ରହିଲେଣି। ବିଗତ ଦିନରେ ହୋଇଥିବା କାର୍ଯ୍ୟଗୁଡ଼ିକର ବିଲ୍ ମଧ ସଠିକ୍ ଭାବେ କରାଯାଉ ନ ଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଠିକାଦାରମାନେ ମଧ ଅସନ୍ତୋଷ ଅବସ୍ଥାରେ ରହିଛନ୍ତି। ନୟାଗଡ଼ ସହରବାସୀଙ୍କ ମୌଳିକ ସମସ୍ୟା ଦୂରୀଭୂତ କରିବା କ୍ଷେତ୍ରରେ ପୌର ପରିଷଦ ଅବହେଳା ଜଳଜଳ ଦେଖାଯାଉଛି। ସଫେଇ କାର୍ଯ୍ୟ ସଠିକ୍ ଭାବେ ହେଉ ନ ଥିବାବେଳେ ଅନେକ ସ୍ଥାନରେ ଆଲୋକୀକରଣ କାର୍ଯ୍ୟରେ ମଧ ଅବହେଳା ହେଉଛି। ସହର ମଧ୍ୟରେ ରହିଥିବା ଶୌଚାଳୟଗୁଡ଼ିକ ସଫେଇ କରିବା ପାଇଁ ଧ୍ୟାନ ଦିଆଯାଉନାହିଁ।

## ଜିଲ୍ଲା ଓକିଲ ସଂଘ ସମୂହ କାର୍ଯ୍ୟକର୍ତ୍ତା ସମ୍ମିଳନୀ

# ନୟାଗଡ଼ରେ ଭିଜିଲାନ୍ସ ଅଦାଲତ ସ୍ଥାପନା ଦାବି

**ନୟାଗଡ଼,୨୫।୫(ସମିସ):** ନୟାଗଡ଼ ଜିଲ୍ଲାର ଓକିଲ ସଂଘ ସମୂହ ସଭାପତି, ସମ୍ପାଦକ ଏବଂ କାର୍ଯ୍ୟକର୍ତ୍ତା ସମ୍ମିଳନୀ ରବିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବରିଷ୍ଠ ଆଇନଜୀବୀ ତଥା ଜିଲ୍ଲା ଓକିଲ ସଂଘ ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟରେ ଆଇନଜୀବୀ ପରିବାରକୁ ଆୟୁଷ୍ମାନ ଯୋଜନା ସ୍ୱାସ୍ଥ୍ୟ ଚିକିତ୍ସାରେ ଅନ୍ତର୍ଭୁକ୍ତ କରିବା ସହିତ ନୟାଗଡ଼ ଜିଲ୍ଲାରେ ଭିଜିଲାନ୍ସ ଅଦାଲତ ପ୍ରତିଷ୍ଠା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହିତ ହୋଇଛି। ଏ ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ଜିଲ୍ଲାର ବିଧାୟକମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ, ରାଜ୍ୟ ଆଇନ ମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ନୟାଗଡ଼ ଜିଲ୍ଲାର ପ୍ରାୟ ୧୩୦ ଦୁର୍ନୀତି ଭ୍ରଷ୍ଟାଚାର ସଂକ୍ରାନ୍ତୀୟ ମୋକଦ୍ଦମା ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ବିଚାରାଧୀନ ରହିଛି। ମାସକୁ ଗୋଟିଏ ଦିନ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ନୟାଗଡ଼ରେ ସର୍କିଟ୍ ଅଦାଲତ କରୁଛନ୍ତି। ତେଣୁ ନୟାଗଡ଼ରେ ଭିଜିଲାନ୍ସ ଅଦାଲତ ଖୋଲିବାର ପ୍ରାସଙ୍ଗିକତା ରହିଛି ବୋଲି ଶ୍ରୀ ଦାଶ କହିଛନ୍ତି। ୧୦ ବର୍ଷ ଯାଏଁ ଦଣ୍ଡାଦେଶ କ୍ଷମତା ସମ୍ପନ୍ନ ଉପଖଣ୍ଡସ୍ତରୀୟ ସହକାରୀ ଦୌରାଜଜ୍ ପଦ ସୃଷ୍ଟି କରିବା ପାଇଁ ହାଇକୋର୍ଟ, ଆଡ୍‌ଭୋକେଟ ଜେନେରାଲ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ମତପ୍ରକାଶ ପାଇଥିଲା। ଏହି ବିଶେଷ ବୈଠକରେ ଜିଲ୍ଲା ଓକିଲ ସଂଘ ସମ୍ପାଦକ ସ୍ୱଦେଶ ମିଶ୍ର, ଦଶପଲ୍ଲା ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ପାତ୍ର, ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ଓକିଲ ସଂଘ ସଭାପତି ସଂଗ୍ରାମ କେଶରୀ ମିଶ୍ର, ସମ୍ପାଦକ ବିକ୍ରମ କେଶରୀ ଦେଓ, କୋଷାଧ୍ୟକ୍ଷ ମନୋଜ ମିଶ୍ର, ରଣପୁର ଓକିଲ ସଂଘ ସଭାପତି ଶତ୍ରୁଘ୍ନ ପାଇକେରା, ଓଡ଼ଗାଁ ଓକିଲ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ବଟକୃଷ୍ଣ ମିଶ୍ର, ନୟାଗଡ଼ ଓକିଲ ସଂଘ ଯୁଗ୍ମ ସମ୍ପାଦକ ଆଶୁତୋଷ ସାମନ୍ତରାୟ, କୋଷାଧ୍ୟକ୍ଷ ବିଶ୍ୱେଶ ରଞ୍ଜନ ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ଚିତ୍ତରଞ୍ଜନ ପ୍ରଧାନ, ବିଭୁଦତ୍ତ ସାହୁ, ନିରାକାର ମହଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଘର ଉପସଭାପତି ସନ୍ତୋଷ କୁମାର ରାଉତରାୟ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।



# 'ଅବ୍ୟକ୍ତ' ଭାସ୍କର୍ଯ୍ୟ କଳା ଶିବିର ଉଦ୍‌ଯାପିତ

**ନୟାଗଡ଼,୨୫।୫(ସମିସ):** କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ଓ ଦି ଷ୍ଟୋନ୍ ୱାଲ୍ ଆନୁକୂଲ୍ୟରେ "ଅବ୍ୟକ୍ତ' ଏକ ଭାସ୍କର୍ଯ୍ୟ କଳା ଶିବିର ନୟାଗଡ଼ସ୍ଥିତ ଦି ଷ୍ଟୋନ୍ ୱାଲ୍ ଷ୍ଟୁଡିଓରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ ଏବଂ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ। ଶିବିରରେ ଭାଗ ନେଇଥିବା କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ଅଧ୍ୟାପକ ବିଶ୍ୱରଞ୍ଜନ କର, ମନୋରଞ୍ଜନ ଦାସ, ପ୍ରଶାନ୍ତ କୁମାର ମିଶ୍ର ଓ ୧୨ ଜଣ ଛାତ୍ରଛାତ୍ରୀ ଯଥା- ଅମରେଶ ଦାସ, ସ୍ୱାତୀ ସାଗରିକା ଜାଣି, ଶୁଭଲକ୍ଷ୍ମୀ ରାଉତ, ସ୍ମୃତିରଞ୍ଜନ ସ୍ୱାଇଁ, ସନ୍ତୋଷ ଦାସ, ପୂଜାରାଣୀ ଦାସ, ଶୁଭଦୀପ ମହାରଣା, ହିମାଂଶୁ ଭୋଇ, ଏସ୍. ଶିବା, ରୁଦ୍ର ନାରାୟଣ ବେହେରା, ସଞ୍ଜୟ କୁମାର ସାହୁ ଓ ତ୍ରିଲୋଚନ ମହାରଣାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଶିବିରର ପରିଚାଳକ ଗୋପାଳ କୃଷ୍ଣ ରଥ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ମଡର୍ଣ୍ଣ ଆର୍ଟ ଗ୍ୟାଲେରୀର ପ୍ରତିଷ୍ଠାତା ଓ କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତାରାକାନ୍ତ ପରିଡ଼ା ୧୦ ଦିନ ଧରି ଚାଲିଥିବା ଏହି ଭାସ୍କର୍ଯ୍ୟ ଶିବିରର ଅନୁଭୂତିକୁ ପ୍ରତିପାଦନ କରିବା ସହିତ ସମସ୍ତ ଜନସାଧାରଣ ଓ କଳାପ୍ରେମୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଟି ବହୁ ଉଚ୍ଚକୋଟିର ହୋଇପାରିଛି ବୋଲି କହିଥିଲେ। ଓଡ଼ିଶା ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ କର୍ମକର୍ତ୍ତା ସୁବ୍ରତ ମହାନ୍ତି କଲେଜର ଅଧ୍ୟାପିକା ସ୍ୱର୍ଣ୍ଣଲତା ଶତପଥୀ, ଅର୍ଦ୍ଧେନ୍ଦୁ କୁମାର ମାଝୀ, ବସେନ ଟୁଡୁ, ଦୁଷ୍ମନ୍ତ କୁମାର ମୁଖୀ ଓ ଅନିତା ସାହୁ ଏବଂ ନୟାଗଡ଼ର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସମସ୍ତ ଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। ପରିଶେଷରେ କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ଅଧ୍ୟାପକ ରଘୁନାଥ ସାହୁଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।




## ମେଗା ପାନୀୟଜଳ ଯୋଗାଣ ବ୍ୟବସ୍ଥା

# ଗୋଲେଇ ଛକ ତାଡ଼ିଲା ଜିଭିପିଆର୍

**ନୟାଗଡ଼,୨୫।୫(ସମିସ)**

ନୟାଗଡ଼ ସହରର ପକ୍କା ରାସ୍ତାକୁ ତାଡ଼ି ଖୋଳି ଛାରଖାର କରୁଛି ଜିଭିପିଆର୍। ମହାନଦୀରୁ ଓଡ଼ଗାଁକୁ ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର ବ୍ୟୟବରାଦ କରିବା ପରେ ଦୀର୍ଘଦିନ ଧରି ଏହାର ନିର୍ମାଣ କାର୍ଯ୍ୟ ଚାଲୁଛି। ଓଡ଼ଗାଁ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତକୁ ଜଳଯୋଗାଣ ବ୍ୟବସ୍ଥା କରାଯାଉଛି। ମହାନଦୀରୁ ବଡ଼ ବଡ଼ ପାଇପ୍‌ରେ ପାଣି ଓଡ଼ଗାଁ ବ୍ଲକ୍ ସୋଲପଟାଠାରେ ପହଞ୍ଚିବା ପାଇଁ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ନୟାଗଡ଼ ସହର ମଧ ଦେଇ ପାଇପ୍ ଲାଇନ୍ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇଛି। ନୟାଗଡ଼ବାସୀଙ୍କ ଜୋର୍‌ଦାର୍ ବିରୋଧ ପରେ ବି ରାସ୍ତାଘାଟ ତାଡ଼ି ଜିଭିପିଆର୍ ପାଇପ୍ ବିଛାଇବା କାର୍ଯ୍ୟ ଚାଲୁ ରଖିଛି। ନୟାଗଡ଼ ସହରବାସୀ ଏହି ପାଇପ୍ ଲାଇନ୍‌କୁ ସହର ବାହାରେ ନେବାକୁ ଦାବି କରୁଥିଲେ ମଧ ଏହାକୁ ଭ୍ରୂକ୍ଷେପ କରାଯାଉନାହିଁ।



ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଦୁଇ ବର୍ଷ ତଳୁ ପାଇପ୍ ଲାଇନ୍‌କୁ ସହର ବାହାରେ ନେବାକୁ ପ୍ରସ୍ତାବ ଦେଇଥିଲେ। ତତ୍କାଳୀନ ଜିଲ୍ଲାପାଳ ସ୍ୱାଧାଦେବ ସିଂ ଏନେଇ ପଦକ୍ଷେପ ନେବେ ବୋଲି କହିଥିଲେ। ମାତ୍ର ଏବେ ଜିଲ୍ଲା ପ୍ରଶାସନ ସହରବାସୀଙ୍କ ଦାବିକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇଙ୍କ ସମେତ ସମସ୍ତ କାଉନ୍‌ସିଲର ଏବଂ ଜନସାଧାରଣ ପାଇପ୍ ଲାଇନ୍ ବିଛାଇବାକୁ ବିଗତ ଦିନରେ ବାରଣ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ନୟାଗଡ଼-ଖଣ୍ଡପଡ଼ା ରାସ୍ତାରେ ଏବେ ପାଇପ୍ ଲାଇନ୍ ବିଛାଇବା କାର୍ଯ୍ୟ ଚାଲିଥିବାବେଳେ ଗତବର୍ଷ ନିର୍ମାଣ ହୋଇଥିବା ଗୋଲେଇ ଛକକୁ ଜିଭିପିଆର୍ ତାଡ଼ିବା ଆରମ୍ଭ କରିଛି। ଦୁଇ ଦିନ ହେଲା ନୟାଗଡ଼ର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ୧୫ ଫୁଟ୍ ଗଭୀର ଗାତ ଖୋଳାଯାଇଛି। ଏହି ଗାତ ଚାରିପାଖକୁ ଘେରାବନ୍ଦୀ କରାଯାଇଛି। ଜିଭିପିଆର୍ ଏହି ସ୍ଥାନରେ ପାଣି ପାଇପ୍ ଚାମ୍ବର ନିର୍ମାଣ କରିବ ବୋଲି ସୂଚନା ମିଳିଛି। ନୟାଗଡ଼ ସହରକୁ ସୌନ୍ଦର୍ଯ୍ୟମୟ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ଜିଭିପିଆର୍ କମ୍ପାନୀ ତାହାକୁ ଛାର୍‌ଖାର୍ କରୁଛି। ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତି ସାମ୍ନାରେ କିଏ ଚାମ୍ବର କରିବା ପାଇଁ ଅନୁମତି ଦେଇଛି ବୋଲି ପ୍ରଶ୍ନ ଉଠିଛି। ଶ୍ରୀ ବେହେରା ନୟାଗଡ଼ବାସୀଙ୍କ ଭାବାବେଗ ସହ ଯୋଡ଼ିହୋଇ ରହିଥିବାବେଳେ କାହିଁକି ତାଙ୍କୁ ଅସମ୍ମାନ କରିବା ଭଳି କାର୍ଯ୍ୟ କରାଯାଉଛି ବୋଲି ପ୍ରଶ୍ନ ଉଠିଛି। ଗୋଲେଇ ଛକର ସୌନ୍ଦର୍ଯ୍ୟକୁ ନଷ୍ଟ କରାଯାଉଥିବା ବେଳେ ପ୍ରଶାସନ ଚୁପ୍ ବସିବାକୁ ସାଧାରଣରେ ନିନ୍ଦା କରାଯାଉଛି।

# ଶ୍ରୀକ୍ଷେତ୍ର ସିଟି

୨୫/୫/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୮୩,୫୫୯/- ସୁନା: ୦୧.୦୫୦ ଗ୍ରାମ୍ ରୁପା: ୬୨.୦୦୦ ଗ୍ରାମ୍



## ନୟାହାଟ ଓ ଶିଖରଘାଟ ରାସ୍ତା ମରଣଯନ୍ତା



**ନୟାହାଟ,୨୫।୫(ସମିସ):** ନୟାହାଟରୁ ଶିଖରଘାଟ ରାସ୍ତା ଦୀର୍ଘ ୭ କି.ମି. ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି । ଉକ୍ତ ରାସ୍ତା ଉପରେ ପ୍ରତ୍ୟେକ ଦିନ ନୟାହାଟରୁ ବ୍ୟବସାୟୀମାନେ ନାଉଗାଁ, ଜଗତସିଂହପୁର, ପାରାଦୀପକୁ ଯାତାୟାତ କରନ୍ତି ଓ ପାରାଦୀପରୁ ପୁରୀକୁ ଏହି କଚ୍ଚା ରାସ୍ତା ଦେଇ ବିପଦ୍ପୂର୍ଣ୍ଣ ଅବସ୍ଥାରେ ଯାତ୍ରୀବାହୀ ବସ୍ ଯିବାଆସିବା କରନ୍ତି । ପ୍ରତିଦିନ ଶିଖରଘାଟରୁ ଶତାଧିକ ବାଲିବୋଝେଇ ହାଇୱା ଏବଂ ଭାରୀଯାନ ଯିବା ଫଳରେ ଧୂମାଳ ଗୋହରି, ନରସିଂହପୁର, ବାହାଡ଼ାପାଟଣା, ବେତେଣ୍ଡା ପ୍ରମୁଖ ସ୍ଥାନରେ ବଡ଼ ବଡ଼ ଖାଲମାନ ସୃଷ୍ଟି ହୋଇଛି । ବର୍ଷା ଦିନରେ ଏହି ଖାଲରେ ପାଣି ଜମିରହିବା ଫଳରେ ରାସ୍ତା ନଷ୍ଟ ହେବା ସାଙ୍ଗକୁ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି । ଉକ୍ତ ରାସ୍ତା ମରାମତି ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରେ ସେ କହିଲେ ଯେ ଟେଣ୍ଡର ପାଇଁ ଯାଇଛି, ଏହା ପାସ୍ ହେଲେ କାମ ଆରମ୍ଭ କରାଯିବ ।

## ଦୋକାନୀଙ୍କୁ ଆକ୍ରମଣ; ଯୁବକ ଗିରଫ

**ପୁରୀ,୨୫।୫(ସମିସ):** ବିରିୟାନୀ ଦୋକାନୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ଟାଉନ ଥାନା ଅଧୀନ ଇନ୍ଦିରା ମାର୍ଗ କଲୋନୀର ଆଲୋକ ମହାକୁଡ଼ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଭାବେ ବିରିୟାନୀ ଦୋକାନୀଙ୍କୁ ଆକ୍ରମଣ ହୋଇଥିଲା । ଅଭିଯୋଗ ଅନୁଯାୟୀ, ଏସ୍‌ସିଏସ୍ କଲେଜ ଛକଠାରେ ଇନ୍ଦିରା ମାର୍ଗ କଲୋନୀର ଶାନ୍ତନୁ ବେହେରାଙ୍କର ଏକ ବିରିୟାନୀ ଦୋକାନ ରହିଛି । ଗତ ୧୦ ତାରିଖରେ ଶାନ୍ତନୁ ତାଙ୍କ ଦୋକାନରେ ଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆଲୋକ ତାଙ୍କ ସହଯୋଗୀ ଆସି ଶାନ୍ତନୁଙ୍କୁ ଏକ ଛୁରୀରେ ଆକ୍ରମଣ କରିଥିଲେ । ତାଙ୍କ ଆଖିପତାରେ ଗଭୀର ଆଘାତ ଲାଗିଥିଲା । ଏପରିକି ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ । ଏ ନେଇ ଶାନ୍ତନୁଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା (ନଂ. ୨୧୦/୨୫)ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଆଲୋକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି ।

## ଦୟାନଦୀରେ ମାଛ ମଡ଼କ

**କଣାସ,୨୫।୫(ସମିସ):** ଦୟାନଦୀର ଜଳ ବିଷାକ୍ତ ହୋଇଯାଇଥିବାରୁ ଦୀର୍ଘ ଦୁଇମାସ ଧରି ଗଡ଼ିଶାଗୋଦା, ନଇକୂଳପାଟଣା, ନୂଆଗାଁ, ଜାଗୁଳାଇପଦର, କଳାପଦର, ଗୋପୀନାଥପୁର ନଦୀକୂଳ ଗ୍ରାମରରେ ଝାଡ଼ାବାନ୍ତି ଲାଗିରହିବାରୁ ଜିଲ୍ଲା ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇପଡ଼ିଥିଲା । ଏବେ ଦୁଇଦିନ ହେଲା ନୂଆଗାଁଠାରୁ ଗଡ଼ିଶାଗୋଦା ପର୍ଯ୍ୟନ୍ତ ଦୀର୍ଘ ୧ କିମି ମଧ୍ୟରେ ଦୟାନଦୀରେ ଛୋଟ ବଡ଼ ମାଛ ମରି ଭାସୁଛନ୍ତି । ବିଷାକ୍ତ ଜଳ ଯୋଗୁଁ ମରିଯାଉଥିବା ମାଛକୁ ଲୋକମାନେ ଛୁଉଁନାହାନ୍ତି । ପ୍ରକାଶ ଥାଉକି, ଭୁବନେଶ୍ୱର ସହରର ନର୍ଦ୍ଦମା ଜଳ ଗଙ୍ଗୁଆ ନାଳ ଦେଇ ଦୟାନଦୀରେ ମିଶୁଥିବାରୁ ଏହାର ଜଳ ଜହର ପାଲଟିଛି ।

### ୨୦୨୫ରେ ଅଦିନିଆ ରଥଯାତ୍ରାର ଲମ୍ବା ତାଲିକା

# ବିଧି, ପରମ୍ପରାକୁ ଇସ୍କନର ବେଖାତିର

**ପୁରୀ,୨୫।୫(ସମିସ):** ବାରମ୍ବାର ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନିତ କରୁଛି ଇସ୍କନ । ବିଧି, ପରମ୍ପରାକୁ ଭାଙ୍ଗି ଅଦିନିଆ ରଥଯାତ୍ରା କରୁଛି । ଏଭଳି ମନମାନୀ କରି କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଖେଳୁଛି । ଏଭଳି ପରମ୍ପରା ବିରୋଧୀ କାମ ନ କରିବା ପାଇଁ ପୂର୍ବରୁ ଅନେକଥର ଅବଗତ କରାଯାଇଥିଲେ ମଧ୍ୟ ନିଜ ଚରିତ୍ରରେ ସୁଧାର ଆଣୁନାହିଁ । ଏପରିକି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ଶାସ୍ତ୍ର ପୁରାଣ ପ୍ରମାଣିକତାକୁ ବି ଗ୍ରହଣ କରୁନାହିଁ । ନିକଟରେ ଗତମାସ ୧୮ ତାରିଖରେ ଲଣ୍ଡନର ଚେମ୍‌ସଫୋର୍ଡରେ ଇସ୍କନ ଆୟୋଜନ କରିଥିଲା ଅଦିନିଆ ରଥଯାତ୍ରା । ଏହାକୁ ତୀବ୍ର ବିରୋଧ କରାଯାଇଥିଲା । ଏହାସତ୍ତ୍ୱେ ଇସ୍କନ ତା' ଜିଦ୍‌ରେ ଅଟଳ ରହିଛି । ଏବେ ଅଦିନିଆ ରଥଯାତ୍ରାର ଏକ ଲମ୍ବା ତାଲିକା ବାହାର କରିଛି । ବିଭିନ୍ନ ଦେଶରେ ଅଦିନରେ ଏବେ ଗଡ଼ିବ ରଥ । ଇସ୍କନର ଏଭଳି ମନମାନୀକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।




ଅଦିନିଆ ରଥଯାତ୍ରାକୁ ନେଇ ମନମାନୀ ଚଳାଇଛି ଇସ୍କନ । ନିକଟରେ ଲଣ୍ଡନର ଚେମ୍‌ସଫୋର୍ଡରେ ରଥ ଗଡ଼ାଇଥିବା ଇସ୍କନ ଆଗକୁ ଅଦିନିଆ ରଥଯାତ୍ରାର ଏକ ଲମ୍ବା ତାଲିକା ବାହାର କରିଛି । ସୂଚନା ଅନୁଯାୟୀ, ଇସ୍କନ ପକ୍ଷରୁ ୟୁକେ ଏବଂ ଆୟରଲାଣ୍ଡର ବିଭିନ୍ନ ସ୍ଥାନରେ ଜୁନ୍, ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ରଥଯାତ୍ରା ଆୟୋଜନ କରାଯାଇଛି । ଜୁନ୍ ୮ରେ ନର୍ଟିଂହାମ୍, ୧୫ରେ ବର୍ମିଂହାମ୍, ୨୨ରେ ଲିସେଷ୍ଟାର, ୨୮ରେ ବ୍ରିଷ୍ଟଲ ଓ ସ୍ୱିଣ୍ଡନ, ଜୁଲାଇ ୫ରେ କେମ୍ବ୍ରିଜ, ୬ରେ ମାଞ୍ଚେଷ୍ଟର, ୧୨ରେ ମିଲ୍‌ଟନ, ୧୩ରେ ସାଉଥ୍‌ଏଣ୍ଡ ଅନ୍ ସି, ୧୯ରେ ୱାଟ୍‌ଫୋର୍ଡ, ୨୦ରେ ଲଣ୍ଡନ, ୨୬ରେ ବେଲ୍‌ଫାଷ୍ଟ ଏବଂ ୨୭ରେ ଡବ୍‌ଲିନ୍‌ରେ ରଥଯାତ୍ରା ଅନୁଷ୍ଠିତ ହେବ । ସେହିପରି ଆୟରଲାଣ୍ଡରେ ଅଗଷ୍ଟ ୨ ତାରିଖରେ ଗ୍ଲାସ୍‌ଗୋ ଓ କ୍ରଏଡନ୍, ୯ରେ କାର୍ଡିଫ୍, ୧୦ରେ କ୍ରୱେଲି, ୨୩ରେ ଲିଭରପୁଲ, ସେପ୍ଟେମ୍ବର ୭ରେ ଗ୍ଲାଷ୍ଟନ୍‌ବୁରୀ, ୧୩ରେ ବ୍ରିଘଟନ ଏବଂ ଜୁଲାଇ ୨୧ରେ ଲିଫୋର୍ଡରେ ରଥଯାତ୍ରା ଅନୁଷ୍ଠିତ ହେବ । ସେହିପରି ଜୁଲାଇ ୧୨ ଓ ୧୩ରେ କାନାଡ଼ାର ଟରଣ୍ଟୋ, ଜୁଲାଇ ୪ରୁ ୬ କୋପେନହାଜେନରେ ରଥଯାତ୍ରା ଆୟୋଜନ କରାଯିବ ବୋଲି ଇସ୍କନ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି ।

ଇସ୍କନର ଅଦିନିଆ ରଥଯାତ୍ରା ଆଜିକାଲିର ନୁହେଁ । ଦୀର୍ଘବର୍ଷ ହେବ ମଝିରେ ମଝିରେ ଅଦିନିଆ ରଥଯାତ୍ରା କଥା ଉଠୁଛି । ସେହି ସମୟରେ ଜଗନ୍ନାଥପ୍ରେମୀ ଭକ୍ତ ଓ ଶ୍ରୀମନ୍ଦିର ସେବାୟତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ଆୟୋଜକଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଉଛି । ହେଲେ କିଛିଦିନ ପରେ ସମସ୍ତେ ନୀରବି ଯାଉଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାରମ୍ବାର ଇସ୍କନ ଏଭଳି ବିଧି, ପରମ୍ପରାକୁ କୁଠାରାଘାତ କରୁଛି । କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ପରିଚାଳନା କମିଟି ଏ ଦିଗରେ ଯେଉଁଭଳି ପଦକ୍ଷେପ ନେବା କଥା ତାହା ନେଉନାହାନ୍ତି । ଅବଶ୍ୟ ବୈଠକରେ ଆଲୋଚନା କରାଯାଉଛି । ନିଆଯାଉଥିବା ନିଷ୍ପତ୍ତି କିନ୍ତୁ ଠିକଣା ଢଙ୍ଗରେ କାର୍ଯ୍ୟକାରୀ ହେଉନି । ମୂଳପୀଠରେ ଏଭଳି ନୀରବତାର ସୁଯୋଗ ନେଇ ଇସ୍କନ ଜାଣିଶୁଣି କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଖେଳୁଥିବା ଚର୍ଚ୍ଚା ହେଉଛି ।

ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ବଡ଼ଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ଓହ୍ଲାଇ ଆସନ୍ତି ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ । ଭାଇ, ଭଉଣୀଙ୍କୁ ସାଥିରେ ଧରି ନବଦାନାତ୍ମକ ଯାତ୍ରାରେ ଯାଆନ୍ତି ଗୁଣ୍ଡିଚା ମନ୍ଦିର । ତେବେ ଏହାର ତିଥି ଧାର୍ଯ୍ୟ ସ୍କନ୍ଦ ପୁରାଣରେ ମହାପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ ଅଟେ । ହେଲେ ଅଦିନରେ ଏବଂ ଅତିଥିରେ ରଥଯାତ୍ରା ଆୟୋଜନ କରାଯାଇ ଶ୍ରୀଜଗନ୍ନାଥ ସଂସ୍କୃତି, କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଖେଳ ଖେଳାଯାଉଛି । ବିଧି, ପରମ୍ପରାକୁ ଭାଙ୍ଗି ଅଦିନରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଆୟୋଜନ କରୁଛି ଇସ୍କନ । ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଘୋର୍ ଅପମାନ । ଏହାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିବାଦ ସୃଷ୍ଟି ହେଉଥିଲେ ହେଁ ଏଥିରେ ରୋକ୍ ଲାଗିପାରୁ ନାହିଁ । ତେବେ ତୀବ୍ର ବିରୋଧ ପରେ ଅନେକ ସମୟରେ ଇସ୍କନ ତା' ନିଷ୍ପତ୍ତିରୁ ଓହରୁଛି । ଏଭଳି ବ୍ୟତିକ୍ରମ ହେବ ନାହିଁ ବୋଲି କହୁଛି । ହେଲେ କିଛିଦିନ ପରେ ପୁଣି ସେହି ଭୁଲ୍ କରିଚାଲିଛି ।

## 'ଭାବଭକ୍ତି ସହ ଠାକୁରଙ୍କ ପାଖରେ ସମର୍ପିତ ହୁଅ'



**ବ୍ରହ୍ମଗିରି,୨୫।୫(ସମିସ):** ହୃଦୟରେ ଭାବ ଓ ଭକ୍ତି ରଖି ଠାକୁରଙ୍କ ପାଖରେ ସମର୍ପିତ ହୁଅ, ଦେଖିବ ଠାକୁର ସାଥିରେ ରହିବେ ବୋଲି କହିଛନ୍ତି ଭାଗବତ ଭାଷ୍ୟକାର ଡ. ବଦ୍ରି ମିଶ୍ର । ବ୍ରହ୍ମଗିରିର ଆମ୍ବପଡ଼ା ସାମିଲ ବଳଭଦ୍ରପାଟଣା ଗ୍ରାମର ମା' ହରଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ବାମୁଣ୍ଡିର ଭାଗବତ ଟୁଙ୍ଗି ଏବଂ ଓଡ଼ିଶା ଯୁବ ଚେତନା ସଂଗଠନର ମିଳିତ ସହଯୋଗରେ ଅନୁଷ୍ଠିତ "ଗାଁ ଗାଁରେ ଭାଗବତ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମିଶ୍ର କହିଥିଲେ ଯେ ଶ୍ରୀମଦ୍ ଭଗବତ ଗୀତା ଓ ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଗବତରେ ଠାକୁର କହିଛନ୍ତି "ସମସ୍ତ କର୍ମ ପରିହରି, ଯେ ମୋର ପାଦେ ଆଶ୍ରା କରି, ତାହାର ନିର୍ବାହର ଭାର, କାନ୍ଧରେ ରହିଛି ମୋହର' । ଭାଗବତ

### 'ଗାଁ ଗାଁରେ ଭାଗବତ' କାର୍ଯ୍ୟକ୍ରମ

ଟୁଙ୍ଗି ବାମୁଣ୍ଡିର ସଭାପତି ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଓ ଘରେ ଘରେ ଭାଗବତର ମୁଖ୍ୟ ପରିଚାଳିକା ସୁନନ୍ଦା ପଟ୍ଟନାୟକଙ୍କ ମିଳିତ ପରିଚାଳନାରେ ଅନୁଷ୍ଠିତ ଏହି ଭାଗବତ କାର୍ଯ୍ୟକ୍ରମରେ ଆମ୍ବପଡ଼ା ସରପଞ୍ଚ ସୁଜାତା ନାୟକ, ବିଶିଷ୍ଟ ପାଲାକାର ଅଭିମନ୍ୟୁ ଦୀକ୍ଷିତ, ଗ୍ରାମ ସଭାପତି କଣ୍ଠ ପ୍ରଧାନ, ଶିକ୍ଷାବିତ୍ ରବିନ୍ଦ୍ର କୁମାର ପ୍ରଧାନ, ଅତିବଡ଼ି ଜଗନ୍ନାଥ ଦାସଙ୍କ ଜନ୍ମପୀଠର ଯୁବ ଭାଷ୍ୟକାର ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଜ୍ୟୋତିପ୍ରକାଶ ମହାପାତ୍ର ଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକ ଜନଜାଗରଣରେ ଗାଁ ଗାଁରେ ଭାଗବତ ଏକ ଆବଶ୍ୟକତା ବୋଲି ମତପୋଷଣ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଉଦ୍‌ଘୋଷିକା ନିର୍ମଳା ଫତେସିଂହ ଭାଗବତ ପ୍ରବଚନ ଦେଇଥିବାବେଳେ ଚୌଧୁରୀ ମୀନତି ମହାନ୍ତି, ଦ୍ରୌପଦୀ ବଳିଆରସିଂହ, ରାଜେନ୍ଦ୍ର ମିଶ୍ର, ସୁଲୋଚନା ମିଶ୍ର, ଏ.ମୀନାକୁମାରୀ, ସୁଧୀର ଦଳାଇ, ରାଜଶ୍ରୀ ମିଶ୍ର, ଦେବଯାନୀ ମିଶ୍ର ଓ ଉଷାରାଣୀ ମହାନ୍ତିଙ୍କ ସମେତ ବୁଦ୍ଧିଜୀବୀ, ସ୍ଥାନୀୟ ଗ୍ରାମବାସୀ ଯୋଗଦେଇଥିଲେ । ଆଗାମୀ ଦିନରେ ଠାକୁରଙ୍କ ପାତାଳୀ କ୍ଷେତ୍ର ଗଡ଼କୋକଲରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଜଣାଇଛନ୍ତି ।

## କବି ଆର୍ତ୍ତତ୍ରାଣ ସମ୍ବର୍ଦ୍ଧିତ

**କଣାସ,୨୫।୫(ସମିସ):** କଣାସ ବ୍ଲକ୍ ଅନ୍ତର୍ଗତ ରାଇଗରପୁର ଗ୍ରାମର କବି ଆର୍ତ୍ତତ୍ରାଣ ସାହୁଙ୍କୁ ଭୁବନେଶ୍ୱର ଜୟଦେବ ଭବନଠାରେ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶା ସିନେ ୱାର୍କର୍ସ ଆସୋସିଏସନ୍ ପକ୍ଷରୁ ଏକାମ୍ର ବିଧାୟକ ବାବୁ ସିଂ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଚିକିଟି ବିଧାୟକ ମନୋରଞ୍ଜନ ଜ୍ଞାନ ସାମନ୍ତରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିଲେ । ସୂଚନା ଥାଉକି, ଆର୍ତ୍ତତ୍ରାଣ ସାହୁ ୧୦ଟି ପୁସ୍ତକ ରଚନା କରିଛନ୍ତି ଓ ବିଭିନ୍ନ ଅନୁଷ୍ଠାନରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି ।



## ପୋଟେରି ଓ ଢୋକ୍ରା କ୍ରାଫ୍ଟ କର୍ମଶାଳା ଉଦ୍‌ଯାପିତ



**ପୁରୀ,୨୫।୫(ସମିସ):** ଓଡ଼ିଶା ଇକୋ ଟୁରିଜିମ୍ ଫାଉଣ୍ଡେସନ ପକ୍ଷରୁ ନୀଳାଦ୍ରି ବିଚ୍ ପରିସରରେ ୬ଦିନ ଧରି ଚାଲିଥିବା ପୋଟେରି ଓ ଢୋକ୍ରା କ୍ରାଫ୍ଟ କର୍ମଶାଳା ଶିବିର ଉଦ୍‌ଯାପିତ ହୋଇଯାଇଛି । ଆୟୋଜିତ କର୍ମଶାଳାରେ ସୁଖଜିତ୍ ସିନ୍ଧୁ ଅଧ୍ୟକ୍ଷତା କରିବା ସହ ଆଧୁନିକତାର ସ୍ପର୍ଶରେ ହଜିଯାଉଥିବା ଓଡ଼ିଶାର ପ୍ରାଚୀନ ପରମ୍ପରା ଓ କୌଳିକ ବୃତ୍ତିକୁ ସମାଜରେ ଉଜ୍ଜୀବିତ ରଖିବା ପାଇଁ ଛାତ୍ରଛାତ୍ରୀ, ଯୁବପୀଢ଼ି ଓ ପର୍ଯ୍ୟଟକମାନଙ୍କୁ ଟିକେ ମାଟିମନସ୍କ ହେବା ପାଇଁ ବାର୍ତ୍ତା ଦେଇଥିଲେ । ମୁଖ୍ୟ ଅତିଥି ରୂପେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଯୋଗଦେଇ କହିଥିଲେ ଆମ ସଂସ୍କୃତି, ଆମ ଐତିହ୍ୟ ଓ ଆମ ପରମ୍ପରା ଆମ ପରିଚୟ । ସମ୍ମାନିତ ଅତିଥି ଭାବେ ହର୍ଦ୍ଦେଶ ଖାଲ୍‌ସୀ ଓ ଆଇନଜୀବୀ ସଂଗ୍ରାମ କେଶରୀ ଲେଙ୍କା ମଞ୍ଚରେ ଉପସ୍ଥିତ ଥିଲେ । ଢୋକ୍ରା କ୍ରାଫ୍ଟ ମାଷ୍ଟର ବାନୁ ନାୟକ ଓ ପୋଟେରି କୋଚ୍ ପ୍ରକାଶ ମୁଦୁଲି ୬ଦିନ ଧରି ପ୍ରଶିକ୍ଷଣ ଦେଇଥିଲେ । ଯୋଗଗୁରୁ ଡ. ଆଲୋକ କୁମାର ସ୍ୱାଇଁ ଓ ନୃତ୍ୟଗୁରୁ ସୋମନାଥ ନାୟକଙ୍କୁ ସମ୍ମାନିତ କରାଯିବା ସହ କର୍ମଶାଳାରେ ଶତାଧିକ ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା । ଓଡ଼ିଶା ଇକୋ ଟୁରିଜିମ୍ ଫାଉଣ୍ଡେସନର ସଭାପତି ଯୁଗବ୍ରତ କରଙ୍କୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ତଥା ବିଦେଶୀ ପର୍ଯ୍ୟଟକ ଭୂୟସୀ ପ୍ରଶଂସା କରିଥିଲେ । ଆଶିଷ କୁମାର ସ୍ୱାଇଁ ମଞ୍ଚ କାର୍ଯ୍ୟ ସଂଯୋଜନା କରିଥିଲେ । ପରିଶେଷରେ ଓଡ଼ିଶା ଇକୋ ଟୁରିଜିମ୍ ଫାଉଣ୍ଡେସନର ସଭାପତି ଯୁଗବ୍ରତ କର ଧନ୍ୟବାଦ ଅର୍ପଣ କରିଥିଲେ ।

### ଶ୍ରୀଜୀଉ ଫାଉଣ୍ଡେସନର ଶିକ୍ଷାଶ୍ରୀ ସମ୍ମାନ ସମାରୋହ

## 'ପଢ଼ିବା ସହ ସମାଜସେବା ବି କର'

**ପୁରୀ,୨୫।୫(ସମିସ):** ପୁରୀର ଅଗ୍ରଣୀ ଅନୁଷ୍ଠାନ ଶ୍ରୀଜୀଉ ଫାଉଣ୍ଡେସନ ପକ୍ଷରୁ ଶିକ୍ଷାଶ୍ରୀ ସମ୍ମାନ ସମାରୋହ ରବିବାର ସ୍ଥାନୀୟ ପୌର ସଦନଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ବଲାଙ୍ଗିରର ସମାଜସେବୀ ବାସୁଦେବ ପତି, ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ଇ-୨୪ ହସ୍ପିଟାଲର ପରିଚାଳକ ଇଂ. ରାଜେଶ ମିଶ୍ର, କୈଳାଶ ପରିଡ଼ା, ମଧୁସୂଦନ ସିଂହାରୀ, ରବି ଦାସ, ପୁରୀ ଜିଲ୍ଲା ବିଜେପି ସଭାପତି ଡ. ଦେବେନ୍ଦ୍ରନାଥ ତରେଇ, ବିନୟ ନୃସିଂହ ମହାପାତ୍ର, ହରିହର ମହାପାତ୍ର, ଅନୁଷ୍ଠାନର ସଭାପତି ସଞ୍ଜୀବ କୁମାର ରଥଶର୍ମା, ସମ୍ପାଦକ ଅରୁଣ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସଭାକାର୍ଯ୍ୟ ଆରମ୍ଭରେ ଅତିଥିମାନେ ଅଭିଭାଷଣରେ ବୃକ୍ଷ ହିଁ ଜୀବନ । ଜୀବନରେ ବିଦ୍ୟା ଅଧ୍ୟୟନ କରିବା ସହ ସମାଜସେବାରେ ନିଜକୁ ନିୟୋଜିତ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହାପରେ ବିଭିନ୍ନ



କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଛି ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବା ସହ ଚଳିତବର୍ଷ ପୁରୀ ଜିଲ୍ଲାର ଦଶମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୭୦ ଜଣ ଏବଂ ଯୁକ୍ତ ୨ରେ ଟପ୍ପର ହୋଇଥିବା ୧୮ ଜଣ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଏହାପରେ ବିଭିନ୍ନ ନୃତ୍ୟ ଅନୁଷ୍ଠାନ ନଟରାଜ ଡ୍ୟାନ୍ସ ଏକାଡେମୀ, ଷ୍ଟେପପ୍ ଡ୍ୟାନ୍ସ ସେଣ୍ଟର୍, ଆରତୀ ଡ୍ୟାନ୍ସ ଏକାଡେମୀ, ସିବିଏସ୍ ଡ୍ୟାନ୍ସ ଏକାଡେମୀ, ଝାଡ଼େଶ୍ୱରୀ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ମୁଖ୍ୟ ଆକର୍ଷଣ ଥିଲା ଅପରେସନ 'ସିନ୍ଦୂର' ନୃତ୍ୟ । ଯେଉଁଭଳି ଭାବେ ଭାରତୀୟ ସେନା ପାକିସ୍ତାନରେ ପଶି ଆତଙ୍କୀ ଆଡ୍ଡାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ ତାହାକୁ କଳାକାରମାନେ ମଞ୍ଚରେ ଉପସ୍ଥାପନ କରିଥିଲେ । ଏହାକୁ ବେଶ୍ ଉତ୍କଣ୍ଠାର ସହ ଦର୍ଶକମାନେ ଦେଖିଥିଲେ । ଶେଷରେ ଅନୁଷ୍ଠାନର ସଭାପତି ଶ୍ରୀ ରଥଶର୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ ।

## ସଚେତନ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

### ମାଟ୍ରିକ୍ କୃତୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ସମ୍ମାନ


**ପୁରୀ,୨୫।୫(ସମିସ):** ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚର ୨୭ତମ ବାର୍ଷିକ ଉତ୍ସବ ୟୁଥ୍ ହଷ୍ଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥିଭାବେ ପୁରୀ ବ୍ଲକ୍ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା, ବରିଷ୍ଠ ସେବାୟତ ଭଗବାନ ମହାସୁଆର ଯୋଗଦେଇଥିଲେ ।

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ପୁରୀ ସହରରେ ଏ-୧ ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ମେଧାବୃତ୍ତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା । ମାଟ୍ରିକ୍ ପରୀକ୍ଷା ହେଉଛି ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼୍ । ଏହି ପରୀକ୍ଷା ପରେ ପିଲାମାନେ ସେମାନଙ୍କ ଲକ୍ଷ୍ୟକୁ ସ୍ଥିର କରି ଆଗେଇ ଯାଆନ୍ତି । ତେଣୁ ମାଟ୍ରିକ୍ ପରୀକ୍ଷାରେ ଭଲ ମାର୍କ ରଖି କୃତକାର୍ଯ୍ୟ ହେଲେ ପିଲାଙ୍କ ଭିତରେ ଆତ୍ମବିଶ୍ୱାସ ଆହୁରି ବଢ଼ିଯାଏ । ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ପ୍ରେରଣା ଦେଇଥାଏ ବୋଲି ଅତିଥିମାନେ କହିଥିଲେ । ତେବେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରୁଥିବାରୁ ଆୟୋଜକ ସଚେତନ ନାଗରିକ ମଞ୍ଚର ଉଦ୍ୟମକୁ ପ୍ରଶଂସା କରିଥିଲେ ଅତିଥି । ୬ଟି ବିଦ୍ୟାଳୟର ମୋଟ୍ ୩୭ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏଥିସହିତ ମଞ୍ଚ ଦ୍ୱାରା ପ୍ରଥମଥର ଶ୍ରୀକ୍ଷେତ୍ର ସେବକ ସମ୍ମାନରେ ମାଧବ ଚନ୍ଦ୍ର ପୂଜାପଣ୍ଡାଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ଏଥିରେ ବିଭିନ୍ନ ବ୍ଲକ୍‌ର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ । ଆସନ୍ତା ମାସ ପ୍ରଥମ ସପ୍ତାହରେ ଗୋପ, ନିମାପଡ଼ା, କାକଟପୁର, ଅସ୍ତରଙ୍ଗ, ସାକ୍ଷୀଗୋପାଳ ବ୍ଲକ୍‌ର ଏ-୧ ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଗୋପ-ନିମାପଡ଼ା ଶାଖା ସଭାପତି ସଚ୍ଚିଦାନନ୍ଦ ଗୋଛାୟତ ସୂଚନା ଦେଇଥିଲେ ।




କାର୍ଯ୍ୟକ୍ରମକୁ ମଞ୍ଚର ରାଜ୍ୟ ସଭାପତି ପ୍ରସନ୍ନ କୁମାର ଦାଶଙ୍କ ସମେତ ଅନୁଷ୍ଠାନର ଉପଦେଷ୍ଟା ସମାଜସେବୀ ଚକ୍ରଧର ମହାପାତ୍ର, ସମାଜସେବୀ ଗୌରୀଶଙ୍କର ସିଂହାରୀ, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର, ସ୍ତମ୍ଭକାର ହରିଶଙ୍କର ମିଶ୍ର, ସାମ୍ବାଦିକ ନାରାୟଣ ଦାଶ ଓ ରାଜକୁମାର ମହାନ୍ତି, ଉପସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ମନୋଜ କୁମାର ସାମଲ, ସମ୍ପାଦକ ତନ୍ମୟ ଚାଟାର୍ଜୀ, ଯୁଗ୍ମ ସମ୍ପାଦକ ଅମର ମହାପାତ୍ର, ସହସମ୍ପାଦକ ଅଶୋକ କୁମାର ଆଢ୍ୟ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# ସମ୍ପାଦକୀୟ



'ଅ' ଠାରୁ 'କ୍ଷ' ଅକ୍ଷର ମାଆ ମୁହଁ ପରି ଦିଶେ,
ମାତୃଭାଷାର ପ୍ରତିଟି ଶବ୍ଦ ସ୍ୱର୍ଗରୁ ଭାସି ଆସେ।
-ରାମକୃଷ୍ଣ ନନ୍ଦ

ସକାଳ
THE SAKALA

## କୃତଘ୍ନ ପଡ଼ୋଶୀ

ବାଂଲାଦେଶର କାମଚଳା ସରକାରର ମୁଖ୍ୟ ତଥା ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ ଇସ୍ତଫା ନେଇ ଦୁଇଦିନ ଧରି ଚର୍ଚ୍ଚା ହେବା ପରେ ସେଥିରେ ସାମୟିକ ପୂର୍ଣ୍ଣଚ୍ଛେଦ ପଡ଼ିଛି। 'ସାମୟିକ' ଉଲ୍ଲେଖ କରିବା ପଛର ଯୁକ୍ତି ହେଉଛି ଏବେ ବାଂଲାଦେଶ ଯେଉଁଭଳି ପରିବେଶ ଓ ଯେଉଁ ତତ୍ତ୍ୱମାନଙ୍କ ପ୍ରଚ୍ଛନ୍ନ ହସ୍ତକ୍ଷେପରେ ପରିଚାଳିତ ହେଉଛି ସେଥିରେ ଘଡ଼ିକେ ଘୋଡ଼ା ଛୁଟିବା ଅସ୍ୱାଭାବିକ ନୁହେଁ। ଇସ୍ତଫା ଦେବା ବିଷୟରେ ୟୁନୁସ୍ ସିଧାସଳଖ ଘୋଷଣା କରି ନଥିଲେ ହେଁ ସାମ୍ପ୍ରତିକ ପରିସ୍ଥିତି ଓ ଅସ୍ଥିର ପରିବେଶ ଭିତରେ କାମ କରିବା ସମ୍ଭବ ନୁହେଁ ବୋଲି ଛାତ୍ରସଂଗଠନ ନ୍ୟାଶନାଲ୍ ସିଟିଜେନ୍ ପାର୍ଟିକୁ ସମ୍ବୋଧିତ କରିବା ଅବସରରେ କହିଥିଲେ ଏବଂ ତତ୍‌ପରବର୍ତ୍ତୀ କ୍ୟାବିନେଟ୍ ବୈଠକକୁ ମଧ୍ୟ ବର୍ଜନ କରିଥିଲେ। ଏହାପରେ ସେ ଇସ୍ତଫା ଦେବାକୁ ଯାଉଥିବା ଚର୍ଚ୍ଚା ଜୋର ଧରିଥିଲା। ତେବେ ଶନିବାର ବସିଥିବା କ୍ୟାବିନେଟ୍ ବୈଠକ ପରେ ଏଭଳି ଚର୍ଚ୍ଚାକୁ କାମଚଳା ସରକାରର ଅନ୍ୟତମ ଉପଦେଷ୍ଟା ୱାହିଦୁଦ୍ଦିନ୍ ମହମ୍ମଦ୍ ଖଣ୍ଡନ କରିବା ସହିତ ୟୁନୁସ୍ କିମ୍ବା ଉପଦେଷ୍ଟାମାନେ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି। ଏହି ସୂଚନା ଭାରତ ପାଇଁ କିଛିଟା ଆଶ୍ୱସ୍ତି ସୃଷ୍ଟି କରିଛି। କାରଣ ଅସ୍ଥିର ପଡ଼ୋଶୀ ସବୁବେଳେ ଗୋଟିଏ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ।

ତୀବ୍ର ଜନଆନ୍ଦୋଳନ ଓ ବିଦ୍ରୋହର ପୃଷ୍ଠଭୂମିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦେଶାନ୍ତର ପରେ ବାଂଲାଦେଶରେ ସୃଷ୍ଟ ଅରାଜକତାକୁ ଦୂର କରିବାରେ ୟୁନୁସ୍‌ଙ୍କ ନେତୃତ୍ୱରେ ଗଠିତ କାମଚଳା ସରକାର ଏ ପର୍ଯ୍ୟନ୍ତ ଯେ ଆଶାନୁରୂପ ଅଗ୍ରଗତି ପରିପାରିନାହିଁ ତାହା ଜଣାପଡୁଛି। ବାଂଲାଦେଶରେ ଯାହା ଚାଲିଛି ତାହା ସେଠାକାର ଆଭ୍ୟନ୍ତରୀଣ ସମସ୍ୟା। କିନ୍ତୁ ଏହାର ଫାଇଦା ଆମେରିକା ଓ ଚୀନ୍ ନେବାକୁ ଯେ ଚାହିଁ ବସିଛନ୍ତି ଏହା ୟୁନୁସ୍ ବୋଧହୁଏ ବୁଝିପାରୁନାହାନ୍ତି କିମ୍ବା ତାଙ୍କ ଭଳି ବିଜ୍ଞ ବୁଦ୍ଧିଜୀବୀଙ୍କ ପକ୍ଷରେ ମୌଳବାଦୀ ରାଜନୀତିର ଜଟିଳ ଅଙ୍କ ବୁଝିବା ସହଜ ହେଉନାହିଁ। ଏକ ରାଜନୈତିକ ଅସ୍ଥିର ଦେଶର ଶାସନ ଭାର ହାତକୁ ନେଇଥିବା ଏକ ଅସ୍ଥାୟୀ ସରକାରର ଉଦ୍ୟମ ସେଠାକାର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପୁନଃପ୍ରତିଷ୍ଠା କରିବାର ପଥ ଉନ୍ମୋଚନ କରିବା ବଦଳରେ ବିଭିନ୍ନ ସମୟରେ ଭାରତ ବିରୋଧୀ ଆଭିମୁଖ୍ୟ ପୋଷଣ କରି ନିଜର କୃତଘ୍ନତାର ପରିଚୟ ଦେବାରେ ସୀମିତ ରହିଯାଇଛି।

ୟୁନୁସ୍ ଦାୟିତ୍ୱ ନେବା ପରଠାରୁ ତାଙ୍କ ନିୟନ୍ତ୍ରଣ ଓ ନେତୃତ୍ୱରେ ଶାସନକାର୍ଯ୍ୟ ପରି ଯେ ପରିଚାଳିତ ହେଉ ନାହିଁ ତାହା ବିଭିନ୍ନ ସମୟରେ ସେଠାକାର ନେତା ଓ ଅଧିକାରୀମାନେ ଦେଇଥିବା ମନ୍ତବ୍ୟରୁ ଆପାତତଃ ସ୍ପଷ୍ଟ ହେଉଛି। ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ପ୍ରଚ୍ଛନ୍ନ ଧମକ ହେଉ କିମ୍ବା ଚିକେନ୍ ନେକ୍ ଉପରେ ଆକ୍ରମଣ ଚେତାବନୀ ହେଉ କିମ୍ବା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଭାରତର ମୂଳଭୂଖଣ୍ଡଠାରୁ ସ୍ୱାଧୀନ ଏବଂ ବଙ୍ଗୋପସାଗରରେ କେବଳ ଚୀନ୍‌ର ଅଧିକାର ରହିଛି ବୋଲି ୟୁନୁସ୍‌ଙ୍କ ବିବାଦୀୟ ମନ୍ତବ୍ୟ ହେଉ - ସେଥିରୁ ସେଠାକାର କାମଚଳା ସରକାରର ପିଲାଳିଆମୀ କେବଳ ଯାହା ପ୍ରମାଣିତ ହୋଇଛି। ଇସ୍‌ଲାମ୍ ମୌଳବାଦୀଙ୍କ ସଖିକଣ୍ଢେଇ ସାଜିଥିବା ବାଂଲାଦେଶର କାମଚଳା ସରକାରର ଏଭଳି ମନ୍ତବ୍ୟ ରାଜନୈତିକ ପ୍ରତିହିଂସାର ଏକ ନିରର୍ଥକ ପ୍ରତିଫଳନ କହିବା ଭୁଲ୍ ହେବ ନାହିଁ। ବାଂଲାଦେଶ ନିଜର ଅପକର୍ମ ଓ ଅଯୋଗ୍ୟତା ପାଇଁ ଭାରତକୁ ବିରୋଧ କରିବା ଔଷଧ ବିକଳରେ ତାଟିଆ କାମୁଡ଼ିବା ସଙ୍ଗେ ସମାନ। ସେଠାକାର କତିପୟ ନେତାଙ୍କ ଭାରତ ବିରୋଧୀ ମନୋଭାବ ପଛରେ ମୁଷ୍ଟିମେୟ ଗୋଷ୍ଠୀର ହାତ ରହିଛି, ଯାହାକୁ ଚୀନ୍ ଓ ଆମେରିକା ପରୋକ୍ଷରେ ସମର୍ଥନ ଦେଇଆସୁଛନ୍ତି। ବିଶେଷକରି 'ଅପରେସନ୍ ସିନ୍ଦୂର'ର ଅପାର ସଫଳତା ପରେ ବାଂଲାଦେଶ ମୌଳବାଦୀଙ୍କ ଭାରତ ବିରୋଧୀ ଅସୂୟା ଆହୁରି ଉତ୍କଟ ହୋଇଛି।

ଜନ୍ମଦାତା ଭାରତକୁ ଗୋଇଠା ମାରି ଚୀନ୍ କୋଳରେ ବସିବାକୁ ବାଂଲାଦେଶ ଯଦି ଲାଳାୟିତ ତେବେ ସେଥିରେ କାହାର କିଛି କହିବାର ନାହିଁ। କିନ୍ତୁ ତାହାର ପରିଣତି ଯେ ପାକିସ୍ତାନ, ନେପାଳ ଓ ମାଳଦ୍ୱୀପ, ଶ୍ରୀଲଙ୍କା ପରି ହେବା ନିଶ୍ଚିତ ତାହା ୟୁନୁସ୍‌ଙ୍କ ପରି ବିଜ୍ଞ ବ୍ୟକ୍ତିଙ୍କୁ ବୁଝାଇବା ଚେଇଁ ଶୋଇଥିବା ବ୍ୟକ୍ତିକୁ ଉଠାଇବା ପ୍ରୟାସ ସମାନ। ଭାରତ ସବୁବେଳେ ନିଜର ପଡ଼ୋଶୀଙ୍କ ଉନ୍ନତି, ସ୍ଥିରତା ଓ ଶାନ୍ତି ପାଇଁ ସ୍ୱତନ୍ତ୍ର 'ନେବର ଫାଷ୍ଟ ପଲିସି'(ପଡ଼ୋଶୀ ପ୍ରଥମ) ନୀତି ଆପଣେଇ ଆସିଛି। ଏଥିରେ ବାଂଲାଦେଶ, ଭୁଟାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ, ଆଫଗାନିସ୍ତାନ ଆଦି ଦେଶକୁ ଆର୍ଥିକ ସହାୟତା ସହିତ ବାଣିଜ୍ୟ କାରବାରରେ ଭାରତ ଅଗ୍ରାଧିକାର ଦେଉଛି। କୋହଳ ବାଣିଜ୍ୟ ନୀତି ଜରିଆରେ ସେସବୁ ଦେଶରୁ ବିଭିନ୍ନ ସାମଗ୍ରୀ ଆମଦାନୀ କରୁଛି। ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରଙ୍କ ସହିତ ସମ୍ପର୍କ ସ୍ଥାପନରେ ଯେଉଁ ମର୍ଯ୍ୟାଦା ଏବଂ ଶିଷ୍ଟାଚାର ରଖାଯିବା କଥା ଭାରତ ତାହାକୁ ଭୁଲିନାହିଁ। ଏହାସତ୍ତ୍ୱେ କିଏ ଯଦି ଭାରତର ପ୍ରଭାବ ଓ ପ୍ରତିଷ୍ଠାରେ ଈର୍ଷାନ୍ୱିତ ହୋଇ କୁତ୍ସାରଟନା କରିବ, ତାହା ସେମାନଙ୍କର ହୀନମନ୍ୟତା ବୋଲି କହିବାକୁ ପଡ଼ିବ। ଭାରତ କୌଣସି ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ରାଜନୀତିରେ ହସ୍ତକ୍ଷେପ କରେ ନାହିଁ। ଶ୍ରୀଲଙ୍କା, ମାଳଦ୍ୱୀପ ପରେ ବାଂଲାଦେଶ ତାହାର ଜ୍ୱଳନ୍ତ ଉଦାହରଣ। ସର୍ବୋପରି ବାଂଲାଦେଶକୁ ଏକ ନୂତନ ରାଷ୍ଟ୍ର ଭାବେ ଜନ୍ମନେବାର ଶ୍ରେୟ ଭାରତକୁ ଦିଆଯାଉଥିଲେ ମଧ୍ୟ ଭାରତ ଆମେରିକା ପରି ନିଜର ବଡ଼ଭାଇ ପଣିଆ ବାଂଲାଦେଶ ଉପରେ କେବେ ହେଲେ ଲଦି ଦେଇନାହିଁ କି ଚୀନ୍ ଭଳି ପ୍ରଭୁତ୍ୱ ବିସ୍ତାର ପାଇଁ ଉଦ୍ୟମ କରିନାହିଁ।

ବାଂଲାଦେଶରେ ସ୍ଥିର ସରକାର ରହୁ, ଭାରତ ଏହା ଚାହେଁ ଏବଂ ସେଠି ଯିଏ ବି କ୍ଷମତାକୁ ଆସିବ, ତା' ସହିତ ଭଲ ସମ୍ପର୍କ ରଖିବ। ଦୁଇଦେଶ ମଧ୍ୟରେ ଧାର୍ମିକ ଭିନ୍ନତା ସତ୍ତ୍ୱେ ଏକ ନିବିଡ଼ ସାଂସ୍କୃତିକ ସମ୍ପର୍କ ରହିଆସିଛି। ସେହି ସମ୍ପର୍କର ଦୃଢ଼ତା ଧର୍ମ ଓ ରାଷ୍ଟ୍ରଠାରୁ ଅଧିକ ମହତ୍ତର। କିନ୍ତୁ ସେଠାକାର ମୌଳବାଦୀ ନେତାଙ୍କୁ ଏହା ବୁଝାଇବାରେ ୟୁନୁସ୍ ଲଗାତାର ବିଫଳ ହୋଇଛନ୍ତି, ଯାହା ତାଙ୍କର ଇସ୍ତଫା ଦେବା ମାନସିକତାରେ ପ୍ରତିଫଳନ ଘଟିଛି। ଅପରପକ୍ଷରେ ଏହାର ଫାଇଦା ନେବାକୁ ଚୀନ୍ ଏବଂ ଏବେ ପାକିସ୍ତାନ ୟୁନୁସ୍ ସରକାର ପ୍ରତି ବନ୍ଧୁତ୍ୱର ହାତ ବଢ଼ାଉଛନ୍ତି। ୟୁନୁସ୍ ମଧ୍ୟ ଅପରିଣାଦର୍ଶୀ ଭାବେ ସାମରିକ ଓ ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚୀନ୍ ଓ ପାକିସ୍ତାନ ହାତକୁ ଟେକି ଦେବାରେ କୁଣ୍ଠା ପ୍ରକାଶ କରୁନାହାନ୍ତି। ଭାରତକୁ ପରାଭବ ଦେବା ଲକ୍ଷ୍ୟରେ ବାଂଲାଦେଶର ଚୀନ୍ ଓ ପାକିସ୍ତାନକୁ ଏଭଳି ଅକୁଣ୍ଠ ସମର୍ଥନ 'ସମର୍ପଣ' ମନୋଭାବରେ ପରିବର୍ତ୍ତନ ନ ହେଉ। ବାଂଲାଦେଶ ପୁଣି ପୂର୍ବ-ପାକିସ୍ତାନ ନାମ ଫେରି ପାଇବା ପୂର୍ବରୁ ୟୁନୁସ୍‌ଙ୍କ ଚେତନା ଉଦୟ ହେଉ।

# ଜଳସଙ୍କଟ ଓ ଆଭାସୀ ଜଳବାଣିଜ୍ୟ

**ବିଦ୍ୟାଧର ମହାରଣା**

ଭାରତରେ ବିଶ୍ୱର ମାତ୍ର ୩.୮୩% ମଧୁର ଜଳ ରହିଛି, ଯାହା ୧୪୫ କୋଟି ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ସର୍ବନିମ୍ନ ଚାହିଦା ୧୭୦୦ ଘନମିଟର ହୋଇଥିବା ବେଳେ ସମ୍ପ୍ରତି ଭାରତରେ ମୁଣ୍ଡପିଛା ଜଳ ପରିମାଣ ୧୪୮୬ ଘନମିଟର। ତେଣୁ ଦେଶର ପ୍ରାୟ ୬୦ କୋଟି ଲୋକ ଜଳ କଷ୍ଟ ଅନୁଭବ କରୁଛନ୍ତି। ନିତି ଆୟୋଗ ରିପୋର୍ଟ ଅନୁସାରେ ୨୦୩୦ ବେଳକୁ ଆମର ଜଳ ଚାହିଦା ଦୁଇଗୁଣ ହେବ। ତେଣୁ ଏପରି ଜଳସଙ୍କଟର ମୁକାବିଲା କରିବା ପାଇଁ କେତେକ ରଣନୀତି ଆବଶ୍ୟକ। ବିଶେଷକରି ଦେଶର ଜଳସମ୍ପଦ ପରିଚାଳନା ଓ ଖାଦ୍ୟ ନିରାପତ୍ତା ପାଇଁ ଜାତୀୟ ନୀତି ପ୍ରଣୟନ କରିବା ବେଳେ 'ଜଳ ପଦଚିହ୍ନ' ଓ 'ଆଭାସୀ ଜଳ' ବାଣିଜ୍ୟ ବିଷୟରେ ଅନୁଶୀଳନ ଆବଶ୍ୟକ।

'ଆଭାସୀ ଜଳ' ବା 'ଭର୍ଚୁଆଲ ୱାଟର' କହିଲେ ଉତ୍ପାଦନଚକ୍ର ମଧ୍ୟରେ ଉତ୍ପାଦନ ପାଇଁ ବିନିଯୋଗ ହେଉଥିବା ଜଳ ପରିଣାମ ଏବଂ ଉତ୍ପାଦିତ ଦ୍ରବ୍ୟ ମଧ୍ୟରେ ଶେଷପର୍ଯ୍ୟନ୍ତ ରହୁଥିବା ଜଳକୁ ବୁଝାଯାଏ। ସାଧାରଣତଃ ଶସ୍ୟଗୁଡ଼ିକରେ ୧୫% ଜଳ ରହିଲା ବେଳେ ପନିପରିବାରେ ୮୫% ଓ ଫଳରେ ୭୫% ଜଳ ରହିଯାଏ। 'ଜଳ ପଦଚିହ୍ନ' ହେଉଛି ମୋଟ ବ୍ୟବହୃତ ଜଳ ପରିମାଣ, ଯାହାକୁ ଫସଲ ଜୀବନ କାଳରେ ବ୍ୟବହାର କରେ। ଏହି 'ଜଳ ପଦଚିହ୍ନ' ସବୁଜ, ନୀଳ ଓ ଧୂସର ହୋଇଥାଏ। ସବୁଜ ଜଳ ମାଟି ମଧ୍ୟରେ କିମ୍ବା ଜଙ୍ଗଲ ଗଛଲତା ଭିତରେ ଥାଏ। ନୀଳ ଜଳ ଆମେ ସମୁଦ୍ର, ହ୍ରଦ, ନଦୀ ଓ ବିଭିନ୍ନ ଜଳସ୍ରୋତରେ ଦେଖୁ, ଯାହାକୁ ଆମେ କୃଷି, ଶିଳ୍ପ ଓ ଘରୋଇ କାର୍ଯ୍ୟରେ ବ୍ୟବହାର କରୁ। ଯେଉଁ ଜଳ ଅପଶିଷ୍ଟ ହୋଇ ଦୂଷିତ ଜଳ ହିସାବରେ ନାଳ ନର୍ଦ୍ଦମାରେ ବହିଯାଏ ତାହାକୁ ଧୂସର ଜଳ କୁହାଯାଏ।

ଜଳ ପଦଚିହ୍ନ କୃଷି ପଦ୍ଧତି, ଜଳ ବିନିଯୋଗ ଦକ୍ଷତା, ସ୍ଥାନୀୟ ଜଳବାୟୁ ଉପରେ ନିର୍ଭର କରେ। ଏହାବ୍ୟତୀତ ଆଭାସୀ ବା ଭର୍ଚୁଆଲ ଜଳ ବିଭିନ୍ନ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ବସ୍ତୁରେ ଅଦୃଶ୍ୟ ଆକାରରେ ଥାଏ। ଆମେ ଖାଦ୍ୟ, ବସ୍ତ୍ର, ବିନିର୍ମାଣ ବା ମାନୁଫେକ୍‌ଚରିଂ କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଭାବରେ ବ୍ୟବହାର କରୁଥିବା ଜଳକୁ ଆଭାସୀ ବା ଭର୍ଚୁଆଲ ଜଳ ଭାବରେ ହିସାବ କରି ପାରିବା। ଆମ ଦେଶରେ ଚାଷ ହେଉଥିବା ଧାନଫସଲ ପାଇଁ ପ୍ରାୟ ୩୧୮୦୦ କୋଟି ଘନମିଟର ଜଳ ବ୍ୟବହାର ହେଉଛି, ଯାହାକି ଦେଶର ମୋଟ ଜଳ ସମ୍ପଦର ୧୬.୬୭ ପ୍ରତିଶତ। ବିଭିନ୍ନ ଦ୍ରବ୍ୟ ରପ୍ତାନୀରେ ବିଦେଶକୁ ପ୍ରାୟ ୩୨୦୦ କୋଟି ଘନମିଟର ଜଳ ରପ୍ତାନୀ ହେବା ସ୍ଥଳେ ଆମଦାନୀ ସାମାନ୍ୟ ହୋଇଥାଏ।

୧୯୯୦ ମସିହାରୁ ଏପରି ଆଭାସୀ ଜଳ ବିଷୟରେ ଆଲୋଚନା କରାଗଲା। ଉଦାହରଣ ସ୍ୱରୂପ, ଗୋଟିଏ ମକା (୫୦୦ ଗ୍ରାମ) ପାଇଁ ୪୫୦ ଲିଟର ପାଣି ଆବଶ୍ୟକ ଥିବା ବେଳେ ୩୦୦ ଗ୍ରାମ ମାଂସ ପାଇଁ ୪୫୦୦ ଲିଟର ପାଣି ଆବଶ୍ୟକ। ଏକ ଟନ୍ ଗହମ ଉତ୍ପାଦନ ପାଇଁ ୧୦୦୦-୧୩୦୦ ଘନମିଟର ଏବଂ ଚାଉଳ ଏକକିଲୋ ଉତ୍ପାଦନ ପାଇଁ ୩୪୦୦ ଲିଟର ଜଳ ଆବଶ୍ୟକ। ଗୋଟିଏ ପିଜା ପ୍ରସ୍ତୁତି ପାଇଁ ୧୨୬୦ ଲିଟର ଜଳ ଆବଶ୍ୟକ ଥିବା ବେଳେ ଗୋଟିଏ କାର୍ପାସ ଟି ଶାର୍ଟ ପାଇଁ ୨୭୦୦ ଲିଟର ପାଣି ବ୍ୟବହାର ହୋଇଥାଏ। ଦେଶ-ଦେଶ ମଧ୍ୟରେ ଯେଉଁ ଖାଦ୍ୟ ଓ ଅନ୍ୟ ଉତ୍ପାଦ ରପ୍ତାନୀ ଓ ଆମଦାନୀ କରାଯାଏ ତାହାକୁ 'ଆଭାସୀ ଜଳ ବାଣିଜ୍ୟ' ବା 'ଭର୍ଚୁଆଲ ୱାଟର ଟ୍ରେଡ୍' କୁହାଯାଏ। ଉଦାହରଣ ସ୍ୱରୂପ ଆମେ କୌଣସି ଦେଶକୁ ଏକ ଟନ୍ ଗହମ ରପ୍ତାନୀ କଲେ ଆମ ଦେଶର ୧୩୦୦ ଘନମିଟର ଆଭାସୀ ଜଳ ରପ୍ତାନୀ ଆକାରରେ ବିଦେଶକୁ ଚାଲିଗଲା। ଅନ୍ୟପକ୍ଷରେ ଆମେ ଯଦି ଏକ ଟନ ଗହମ ଆମଦାନୀ କଲେ ତାହାହେଲେ ଆମେ ୧୩୦୦ ଘନମିଟର ଜଳ ସଞ୍ଚୟ କଲେ। ସୁତରାଂ ଗୋଟିଏ ଦେଶ ଅନ୍ୟ ଏକ ଦେଶରୁ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ଉପକରଣ ଆମଦାନୀ କରିବା ଅର୍ଥ ହେଉଛି ସେହି ଦ୍ରବ୍ୟ ପାଇଁ ଅନ୍ୟ ଦେଶ ଯେଉଁ ଜଳ ବ୍ୟବହାର କରିଛି ତାହା ସିଏ ଆମଦାନୀ କଲେ। ଏହାହିଁ ହେଉଛି ଆଭାସୀ ଜଳ ବାଣିଜ୍ୟ କାରବାର। ଯେଉଁ ଦେଶରେ ଜଳସଂକଟ ଅଧିକ ଥାଏ ସେହି ଦେଶ ଅନ୍ୟ ଦେଶରୁ ଖାଦ୍ୟ ଇତ୍ୟାଦି ଆମଦାନୀ କରିବାକୁ ପସନ୍ଦ କରିବେ। ଜାପାନ ବାହାର ଦେଶର ଖାଦ୍ୟ ଆମଦାନୀ କରି ନିଜ ଦେଶର ଜଳସଞ୍ଚୟ କରୁଛି।

ଏପରି ଆଭାସୀ ଜଳ ବାଣିଜ୍ୟ କାରବାରରେ କେତେକ ଫାଇଦା ମିଳିଥାଏ। ପ୍ରଥମରେ ଦେଶରେ ଜଳସଂକଟ ପରିସ୍ଥିତିର ମୁକାବିଲା କରିବା ପାଇଁ ଏହା ଏକ ଉତ୍ତମ ମାର୍ଗ। ଦ୍ୱିତୀୟରେ ଦେଶରେ ଖାଦ୍ୟ ନିରାପତ୍ତା ହାସଲ ପାଇଁ ଅଧିକ ଜଳ ବ୍ୟବହାର କରୁଥିବା ଖାଦ୍ୟ ଯଥା: ଚାଉଳ, ମାଂସ ଇତ୍ୟାଦି ଅନ୍ୟ ଦେଶରୁ ଆମଦାନୀ କଲେ ଖାଦ୍ୟ ନିରାପତ୍ତା ସହଜରେ ହାସଲ ହୋଇ ପାରିବ। ତୃତୀୟରେ ଜଳ ସଙ୍କଟ ପରିଚାଳନା ପାଇଁ କେତେକ ଦେଶ କମ୍ ଜଳ ଆବଶ୍ୟକ କରୁଥିବା ଦ୍ରବ୍ୟ ଉତ୍ପାଦନ କରିବାରେ ପାରଙ୍ଗମ ହେବା ଦ୍ୱାରା ଅର୍ଥନୈତିକ ପ୍ରଗତି ହାସଲ ହୋଇଥାଏ। ବିନିର୍ମାଣ କ୍ଷେତ୍ରରେ ବିଭିନ୍ନ ବସ୍ତୁ ତିଆରି କରାଯାଇ ବିଦେଶକୁ ରପ୍ତାନୀ କରାଯାଏ। ଏହି ଦ୍ରବ୍ୟଗୁଡ଼ିକ ମାଧ୍ୟମରେ ଆଭାସୀ ଜଳ ବିଦେଶକୁ ରପ୍ତାନୀ କରାଯାଏ। ଅନ୍ୟାନ୍ୟ ସେବା କ୍ଷେତ୍ରରେ (ପର୍ଯ୍ୟଟନ ଇତ୍ୟାଦି) ମଧ୍ୟ ବହୁଳ ଭାବରେ ଜଳ ବିନିଯୋଗ ହୁଏ। ପର୍ଯ୍ୟଟକମାନେ ଯେଉଁ ଦ୍ରବ୍ୟ ବ୍ୟବହାର କରନ୍ତି ସେଥିରେ ମଧ୍ୟ ବହୁ ପରିଣାମରେ ଆଭାସୀ ଜଳ ରହିଥାଏ।

ଆଭାସୀ ଜଳ ବାଣିଜ୍ୟରେ ସୀମିତ ଜଳସମ୍ପଦ ଥିବା ଅଞ୍ଚଳରେ ଜଳସଙ୍କଟ ଦେଖାଯାଏ। ବିଭିନ୍ନ ବସ୍ତୁ ନିର୍ମାଣ ବେଳେ ଯେଉଁ ଜଳ ବ୍ୟବହାର ହୁଏ ତାହା ପରିବେଶ ପ୍ରଦୂଷଣ କରିପାରେ ଏବଂ ଜଳସମ୍ପଦ ହ୍ରାସ କରିପାରେ। ଜଳସଙ୍କଟ ଅଞ୍ଚଳକୁ ପ୍ରଚୁର ଜଳସମ୍ପଦ ଥିବା ଅଞ୍ଚଳରୁ ଅଧିକ ଜଳ ଖର୍ଚ୍ଚ କରୁଥିବା ସମାଗ୍ରୀ ଆମଦାନୀ କରିବା ଫଳରେ ବିଭିନ୍ନ ଅଞ୍ଚଳରେ ଅର୍ଥନୈତିକ ବୈଷମ୍ୟ ଦେଖାଯିବା ସ୍ୱାଭାବିକ। ଭାରତ ଆମେରିକା, ସ୍ପେନ୍, ମାଲେସିଆ, ରୁଷିଆ, ଥାଇଲାଣ୍ଡ ଓ ଅଷ୍ଟ୍ରେଲିଆକୁ ଅନେକ ଦ୍ରବ୍ୟ ରପ୍ତାନୀ କରୁଥିବାରୁ ଆମ ଦେଶରୁ ବହୁ ପରିଣାମରେ ଜଳ ବିଦେଶକୁ ଚାଲିଯାଉଛି।

କହିବା ବାହୁଲ୍ୟ ଯେ ଆଭାସୀ ଜଳ ବାଣିଜ୍ୟ ଏକ ଜଟିଳ ବିଷୟ, ଯାହାର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ରହୁଛି। ଦେଶର ଖାଦ୍ୟ ନିରାପତ୍ତା ହାସଲ ପାଇଁ ଜଳସମ୍ବଳ ପରିଚାଳନା ନିମନ୍ତେ ଏହାକୁ ଏକ ସାଧନ ହିସାବରେ ବ୍ୟବହାର କରାଯାଇ ପାରିବ। ପରିବେଶ ସମସ୍ୟା ଓ ଜଳସଙ୍କଟ ସମାଧାନ ପାଇଁ ଏହାକୁ ସତର୍କତାର ସହିତ ପରିଚାଳନା କରିବା ମଧ୍ୟ ଆବଶ୍ୟକ। ଆଭାସୀ ଜଳ ବାଣିଜ୍ୟ କ୍ଷେତ୍ରରେ କେତେକ ବ୍ୟକ୍ତିଗତ ପଦକ୍ଷେପ ମଧ୍ୟ ଆବଶ୍ୟକ। ଆମେ ସର୍ବଦା ନୂତନ ବସ୍ତ୍ର ପରିଧାନ ନକରି ପୁରୁଣା ବସ୍ତ୍ରକୁ ପରିଷ୍କାର କରି ପିନ୍ଧିପାରିବା। ଏହାଦ୍ୱାରା ବସ୍ତ୍ର ନିର୍ମାଣ ପାଇଁ ଆବଶ୍ୟକ ଜଳ ବ୍ୟବହାର ହ୍ରାସ ପାଇବ। ଅଧିକ ଜଳ ଆବଶ୍ୟକ କରୁଥିବା ଖାଦ୍ୟଶସ୍ୟ ବଦଳରେ ଆମେ ଅଧିକ ପନିପରିବା ଖାଇ ପାରିବା। ଘରେ କମ୍ ବିଜୁଳି ଶକ୍ତି ଆବଶ୍ୟକ କରୁଥିବା ଉପକରଣ ବ୍ୟବହାର କରିପାରିବା। କୌଣସି ତରଳ ପଦାର୍ଥକୁ ସାଇତି ରଖିବା ପାଇଁ ନୂଆ ବୋତଲ ପରିବର୍ତ୍ତେ ପୁରୁଣା ବୋତଲ ବ୍ୟବହାର କରି ପାରିବା। ରାସ୍ତାରେ ପରିବହନ ପାଇଁ ଗାଡ଼ି ବଦଳରେ ଯଥାସମ୍ଭବ ସାଇକେଲ କିମ୍ବା ସର୍ବସାଧାରଣ ଗାଡ଼ି ବ୍ୟବହାର କରିପାରିବା। ସୁତରାଂ ଆଭାସୀ ଜଳବାଣିଜ୍ୟର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ।

ଆଭାସୀ ଜଳ ସମସ୍ୟା ସମାଧାନ ପାଇଁ କେତେକ ପଦକ୍ଷେପ ନିଆ ଯାଇପାରେ। ଏଥିପାଇଁ ଜଳ ପରିଚାଳନାରେ ଉନ୍ନତି, ସେଚଜଳର ଦକ୍ଷତା ବୃଦ୍ଧି, ଅତ୍ୟଧିକ ଜଳ ଆବଶ୍ୟକ କରୁଥିବା ଫସଲ ପରିବର୍ତ୍ତନ ଏବଂ ଗୋଷ୍ଠୀ ଭିତ୍ତିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ପ୍ରଥମ ରଣନୀତି ହିସାବରେ ଜଳ ପରିଚାଳନା ଉନ୍ନତି ଓ ଭିତ୍ତିଭୂମି ବିକାଶ ପାଇଁ କୃଷି କ୍ଷେତ୍ରରେ ଜଳ ଅପଚୟ ହ୍ରାସ ଏବଂ ସିଞ୍ଚନ କିମ୍ବା ବୁନ୍ଦା ଜଳସେଚନ ପ୍ରଣାଳୀ ଅନୁସରଣ ଆବଶ୍ୟକ। ଦ୍ୱିତୀୟ ରଣନୀତି ହିସାବରେ ଜଳ ମହଜୁଦ ଓ ପୁନଃଭରଣା ପାଇଁ ନଦୀରେ ଜଳଭଣ୍ଡାର, ନଦୀ ବନ୍ଧ ଓ ବ୍ୟାରେଜ ନିର୍ମାଣ , ଭୂତଳ ଜଳପତ୍ତନ ବୃଦ୍ଧି ପାଇଁ ପୁନଃଭରଣ କରିବା ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ। ତୃତୀୟରେ ଜଳ ପୁନଃବିନିଯୋଗ ଓ ପୁନଃଚକ୍ରିକରଣ ନିମନ୍ତେ ଅପଶିଷ୍ଟ ଜଳକୁ ଉପଚାର କରି ଜଳସେଚନ କିମ୍ବା ଶିଳ୍ପକ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଚତୁର୍ଥତଃ, ଜଳବଣ୍ଟନ ପ୍ରଣାଳୀରେ ଜଳ ଯେପରି ପାଇପ୍ ରୁ ବାହାରି ନ ଯାଏ ସେଥିପ୍ରତି ଧ୍ୟାନ ଦେବାକୁ ହେବ। ପଞ୍ଚମରେ ବର୍ଷାଜଳ ଅମଳ ଓ ସଂରକ୍ଷଣ ପାଇଁ ଗୋଷ୍ଠୀଭିତ୍ତିକ ଜଳଅମଳ ଓ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ, ଫାର୍ମ ପୋଖରୀ ଓ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ହେବ। କୃଷିକ୍ଷେତ୍ରରେ ଅଧିକ ଜଳ ଆବଶ୍ୟକ କରୁଥିବା ଧାନ, ଆଖୁ ଇତ୍ୟାଦି ଫସଲ ପରିବର୍ତ୍ତେ ଡାଲି ଫସଲ ଓ ତୈଳବୀଜ ଇତ୍ୟାଦି ଫସଲ ଚାଷକରିବା ଆବଶ୍ୟକ। ଏହା ସହିତ ଜଳବାୟୁ ସହନଶୀଳ କୃଷିପଦ୍ଧତି ହିସାବରେ ଫସଲ ଓ ବିହନ ପରିବର୍ତ୍ତନ, ସଠିକ୍ ପ୍ରଣାଳୀରେ ଜଳସେଚନ, ଜୈବିକକୃଷି, ସମ୍ମିଳିତ ପୋଷକ ଯୋଗାଣ, ଅଙ୍ଗାର ପୃଥକୀକରଣ ପାଇଁ କୃଷି ବନୀକରଣ ଇତ୍ୟାଦି କାର୍ଯ୍ୟକ୍ରମ ଗ୍ରହଣ ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଶିଳ୍ପ, ନିର୍ମାଣ, ଗୃହ, ଅନୁଷ୍ଠାନ ଇତ୍ୟାଦି ସ୍ଥଳରେ ଜଳସଞ୍ଚୟ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ଅତି ଜରୁରୀ। ଏଥିପାଇଁ ଗୋଷ୍ଠୀ ସମ୍ପ୍ରଦାୟକୁ ଶିକ୍ଷା ଓ ସଚେତନତା ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଭାରତର ଅମୋଘ ବାୟୁ ପ୍ରତିରକ୍ଷା କବଚ

**ନିକୁଞ୍ଜ ବିହାରୀ ସାହୁ**

ଅପରେସନ୍ ସିନ୍ଦୂରର ପ୍ରତିକ୍ରିୟାରେ ପାକିସ୍ତାନ ଭାରତୀୟ ସହର ଓ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର, ରକେଟ ଓ ଡ୍ରୋନ୍ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ମାତ୍ର ଭାରତର ରୁଷିଆ ନିର୍ମିତ ଏସ୍‌୪୦୦ ଅମୋଘ ପ୍ରତିରକ୍ଷା ପ୍ରଣାଳୀ ସେସବୁକୁ ଆକାଶମାର୍ଗରେ ହିଁ ନଷ୍ଟ କରି ଭାରତର ଧନଜୀବନକୁ ସୁରକ୍ଷିତ ରଖିଥିଲା। ଏହାପରେ ଏସ୍‌୪୦୦କୁ ନେଇ ଭାରତ ଓ ଭାରତ ବାହାରେ ଅନେକ ଚର୍ଚ୍ଚା ହେଉଛି।

ଏସ୍‌୪୦୦ ମୁଖ୍ୟତଃ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଯାହା ଆକାଶମାର୍ଗରେ ଶତ୍ରୁ ପକ୍ଷରୁ ହେଉଥିବା ବାଲଷ୍ଟିକ କିମ୍ବା କ୍ରୁଜ୍ କ୍ଷେପଣାସ୍ତ୍ର, ଡ୍ରୋନ୍, ରକେଟ ଓ ଲଢୁଆ ବିମାନ ଆଦି ଜରିଆରେ ହେଉଥିବା ଆକ୍ରମଣକୁ ସଫଳତାର ସହ ପ୍ରତିହତ କରିଥାଏ। ଏହାର ମୂଳ ନାମ ଟ୍ରାୟାମ୍ଫ। ଏହାର ବିକାଶ ନିମନ୍ତେ ୧୯୯୧ରେ ତତ୍କାଳୀନ ସୋଭିଏତ ରୁଷ୍ ସରକାର ସବୁଜ ସଙ୍କେତ ଦେଇଥିଲେ। କିନ୍ତୁ ସୋଭିଏତ୍ ସଂଘ ଭାଙ୍ଗିଯିବା ପରେ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା। ୧୯୯୩ ମସିହାରେ ରୁଷୀୟ ବାୟୁସେନା ଏହି ପ୍ରକଳ୍ପକୁ ପୁନଃକାର୍ଯ୍ୟକ୍ଷମ କରି ୧୯୯୯ ମସିହାରେ ସଫଳତାର ସହିତ ପରୀକ୍ଷଣ କରିଥିଲା ଏବଂ ୨୦୦୭ ମସିହାରେ ବାୟୁସେନାରେ ସାମିଲ୍ କରାଯାଇ ଯୁଦ୍ଧକ୍ଷେତ୍ରରେ ସଫଳତାର ସହ ପ୍ରୟୋଗ କରାଯାଇଥିଲା। ରୁଷିଆର ଏଲମାଜ୍ ସେଣ୍ଟ୍ରାଲ ଡିଜାଇନ୍ ବ୍ୟୁରୋ ଦ୍ୱାରା ବିକଶିତ ଏହି ପ୍ରତିରକ୍ଷା ପ୍ରଣାଳୀ ଭାରତ ବ୍ୟତୀତ ଚୀନ୍, ତୁର୍କୀ, ଆଲଜେରିଆ, ବେଲାରୁଷ ଓ ସିରିୟା ପାଖରେ ରହିଛି। ଏଭଳି ୫ଟି ପ୍ରଣାଳୀ ଯୋଗାଣ କରିବା ପାଇଁ ଭାରତ ଓ ରୁଷିଆ ମଧ୍ୟରେ ୨୦୧୮ ମସିହାରେ ୪୦,୦୦୦ କୋଟି ଟଙ୍କା ବିନିମୟରେ ଚୁକ୍ତି ହୋଇଥିଲା। ସେଥି ମଧ୍ୟରୁ ୩ଟି ପ୍ରଣାଳୀ ଯୋଗାଣ ହୋଇ ସାରିଥିଲା ବେଳେ ଆଉ ୨ଟିର ଯୋଗାଣ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପାଇଁ ବିଳମ୍ବ ଘଟିଛି।

ଏସ୍. ୪୦୦ ପ୍ରତିରକ୍ଷା ପ୍ରଣାଳୀର ସବୁଠାରୁ ବଡ଼ ବିଶେଷତ୍ୱ ହେଲା ଏହାର ଗତିଶୀଳତା। ସମଗ୍ର ପ୍ରଣାଳୀ ଏକ ଗତିଶୀଳ ଯାନ ଉପରେ ଅବସ୍ଥାପିତ ହୋଇ ଥିବାରୁ ଏହାକୁ ସହଜରେ ଲକ୍ଷ୍ୟସ୍ଥଳୀ ଅଭିମୁଖେ ପଠାଯାଇପାରିବ। ଏଥିରେ ଖଞ୍ଜା ଥିବା ରାଡାର ଏକସମୟରେ ୬୦୦ କି.ମି. ଦୂରରେ ଥିବା ଏବଂ ୧୭,୦୦୦ କି.ମି. ପ୍ରତି ଘଣ୍ଟା ବେଗରେ ଗତି କରୁଥିବା ଶତ୍ରୁପକ୍ଷର ଏକାଧିକ ବସ୍ତୁକୁ ଠାବ କରିପାରିବ ଏବଂ ନିର୍ଦ୍ଦେଶ ମିଳିବାର ମାତ୍ର ୫ ରୁ ୧୦ ମିନିଟ ମଧ୍ୟରେ କାର୍ଯ୍ୟକ୍ଷମ ହୋଇ ଏକସମୟରେ ଶତ୍ରୁପକ୍ଷର ୧୬୦ ଟି ବାୟୁବାହିତ ବସ୍ତୁକୁ ଠାବ କରିପାରେ। ଏକାସଙ୍ଗରେ ୩୬ଟି ବସ୍ତୁକୁ ଧ୍ୱଂସ କରିବା ପାଇଁ ୭୨ଟି ଅସ୍ତ୍ର ପ୍ରୟୋଗ କରିପାରେ। ଏସ୍‌୪୦୦ ପ୍ରତିରକ୍ଷା ପ୍ରଣାଳୀର ପ୍ରତିଟି ସ୍କ୍ୱାଡ୍ରନରେ ୬ଟି ଲଞ୍ଚର, ଗୋଟିଏ ରାଡାର, ଗୋଟିଏ କମାଣ୍ଡ କେନ୍ଦ୍ର ଓ ୧୨୮ଟି ଅସ୍ତ୍ର ଥାଏ। ଏହାର ରାଡାର ବ୍ୟବସ୍ଥା ବହୁସ୍ତର ବିଶିଷ୍ଟ ଏବଂ ପ୍ରତ୍ୟେକ ସ୍ତର କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଅଭିପ୍ରେତ। ପ୍ରଣାଳୀର ନିର୍ଦ୍ଦେଶ ବା କମାଣ୍ଡ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ସ୍ୱୟଂଚାଳିତ, ଡିଜିଟାଲ ଭିତ୍ତିକ ଏବଂ ଯୋଗାଯୋଗ ବ୍ୟବସ୍ଥା କ୍ଷେତ୍ରରେ ଜାମ୍ ନିରୋଧୀ। ଏହା ପ୍ରଣାଳିର ମସ୍ତିଷ୍କ ସଦୃଶ। ଏହା ପକୃତ ସମୟରେ ରାଡାରରୁ ତଥ୍ୟ ସଂଗ୍ରହ ଓ ତଥ୍ୟ ପରିଚାଳନା, ଅସ୍ତ୍ର ପ୍ରୟୋଗ ନିମନ୍ତେ ନିର୍ଦ୍ଦେଶ ଜାରି ତଥା ଏକାଧିକ ଲଞ୍ଚର ମଧ୍ୟରେ ସମନ୍ୱୟତା ରକ୍ଷା କରିଥାଏ। ଏହି ବ୍ୟବସ୍ଥା ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯେ, ଏହାର କୌଣସି ଗୋଟିଏ ବିଭାଗ କିଛି କାରଣରୁ କାର୍ଯ୍ୟ ନକଲେ ସୁଦ୍ଧା ସମୁଦାୟ କେନ୍ଦ୍ରର କାର୍ଯ୍ୟଦକ୍ଷତା ଅପରିବର୍ତ୍ତିତ ରହିଥାଏ।

ଏସ୍‌୪୦୦ ପ୍ରତିରକ୍ଷା ପ୍ରଣାଳୀରେ ଅଲଗା ଅଲଗା ମାର୍ଗଦୂରତାର ସମୁଦାୟ ୪ଟି କ୍ଷେପଣାସ୍ତ୍ର ସାମିଲ ଥାଏ। ଏହି କ୍ଷେପଣାସ୍ତ୍ରସବୁ ଆବଶ୍ୟକତା ଅନୁସାରେ ଅର୍ଥାତ ଆକ୍ରମଣକାରୀ ବସ୍ତୁର ଦୂରତା ଓ ଉଚ୍ଚତା ଅନୁସାରେ କାର୍ଯ୍ୟକାରୀ ହୋଇଥା'ନ୍ତି ଏବଂ ସେଗୁଡ଼ିକ ଅତ୍ୟଧିକ ଉଚ୍ଚତାରେ ଦ୍ରୁତ ଧାବମାନ ବାଲଷ୍ଟିକ କ୍ଷେପଣାସ୍ତ୍ରଠାରୁ ଆରମ୍ଭକରି ନିମ୍ନଉଚ୍ଚତାରେ ଉଡୁଥିବା କ୍ରୁଜ କ୍ଷେପଣାସ୍ତ୍ର କିମ୍ବା ଲୁଚି ଲୁଚି ଆସୁଥିବା ଷ୍ଟିଲଥ ବୋମାବର୍ଷୀ ବିମାନ ସହିତ ନିୟୋଜିତ ହୋଇପାରନ୍ତି। ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର, ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର, ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଅତି-ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର। ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ମାରକସୀମା ୪୦ କି.ମି. ପର୍ଯ୍ୟନ୍ତ, ମଧ୍ୟମ ଦୂରଗାମୀ ଅସ୍ତ୍ର ର ମାରକସୀମା ୧୨୦ କି.ମି. ପର୍ଯ୍ୟନ୍ତ, ଦୂରଗାମୀ କ୍ଷେପଣାସ୍ତ୍ର ର ମାରକସୀମା ୨୫୦ କି.ମି. ପର୍ଯ୍ୟନ୍ତ ଏବଂ ଅତିଦୂରଗାମୀ କ୍ଷେପଣାସ୍ତ୍ରର ମାରକସୀମା ୪୦୦ କି.ମି. ପର୍ଯ୍ୟନ୍ତ ହୋଇଥାଏ। ଏସ୍‌୪୦୦ ପ୍ରତିରକ୍ଷା ପ୍ରଣାଳୀରେ ଏକ ସର୍ବେଲାନ୍ସ ରାଡାର ସ୍ଥାନିତ ଥାଏ, ଯାହା ନିଜର କାର୍ଯ୍ୟକାରୀ କ୍ଷେତ୍ରର ଚତୁଃପାର୍ଶ୍ୱରେ ଏକ ସୁରକ୍ଷା ବଳୟ ନିର୍ଦ୍ଧାରଣ କରିଥାଏ। ଏହି ବଳୟ ମଧ୍ୟରେ ଶତ୍ରୁପକ୍ଷର କୌଣସି ବସ୍ତୁ ପ୍ରବେଶ କରିବା ସଙ୍ଗେ ସଙ୍ଗେ ତାହାକୁ ଠାବ କରିଥାଏ ଏବଂ ତାହା ଏହି ସଙ୍କେତକୁ କମାଣ୍ଡ ଗାଡ଼ିକୁ ପ୍ରେରଣ କରିଥାଏ। ସଙ୍କେତ ମିଳିବା ମାତ୍ରେ ଗାଇଡେନ-ରାଡାର ବସ୍ତୁର ଅବସ୍ଥିତି ନିର୍ଭୁଲ ରୂପେ ନିରୂପଣ କରି ନିକଟତମ ଗାଡ଼ିରୁ ପ୍ରତିକ୍ଷେପଣାସ୍ତ୍ର ପ୍ରୟୋଗ ପୂର୍ବକ ଆକ୍ରମଣକାରୀ ବସ୍ତୁକୁ ଆକାଶମାର୍ଗରେ ହିଁ ନଷ୍ଟ କରି ଦିଆଯାଏ। ଏଥିରେ ସ୍ଥାନିତ ଏଲ୍-ବ୍ୟାଣ୍ଡରେ କାର୍ଯ୍ୟ କରୁଥିବା ବିଗ୍ ବାର୍ଡ ରାଡାର ୬୦୦ କି.ମି. ଦୂରତା ପର୍ଯ୍ୟନ୍ତ ଶତ୍ରୁପକ୍ଷର ଟାର୍ଗେଟ୍‌କୁ ଚିହ୍ନଟ କରିପାରେ। ଏସ୍-ବ୍ୟାଣ୍ଡରେ କାମ କରୁଥିବା ଅନ୍ୟ ଏକ ରାଡାରକୁ ଆକ୍ରମଣକାରୀ ବସ୍ତୁର ଉଚ୍ଚତା ନିର୍ଣ୍ଣୟ ତଥା କମ୍ ଉଚ୍ଚତାରେ ଉଡୁଥିବା ବସ୍ତୁକୁ ଟ୍ରାକିଂ କରିବା ପାଇଁ ସକ୍ଷମ। ଏହା ବ୍ୟତୀତ, ପ୍ରଣାଳୀର ଏକ ବିକଳ୍ପ ଭିଏଚ୍‌ଏଫ୍ ବ୍ୟାଣ୍ଡ ରାଡାର ମଧ୍ୟ ସ୍ଥାନିତ ଥାଏ, ଯାହା ଶତ୍ରୁପକ୍ଷର ଲୁଚି ଲୁଚି ଆସୁଥିବା ଗୁପ୍ତ ବିମାନକୁ ସହଜରେ ଚିହ୍ନଟ କରିପାରେ।

ଏହି ଦୁର୍ଦ୍ଧର୍ଷ ଓ ଅପରାଜେୟ ଏସ୍‌୪୦୦ ବ୍ୟବସ୍ଥାକୁ "ସୁଦର୍ଶନ ଚକ୍ର' ବୋଲି ଆଖ୍ୟା ଦିଆଯାଇଛି। ଭଗବାନ ଶ୍ରୀକୃଷ୍ଣଙ୍କ ସୁଦର୍ଶନଚକ୍ର ଯେପରି ନ୍ୟାୟର ପ୍ରତୀକ, ଏହି ପ୍ରତିରକ୍ଷା ପ୍ରଣାଳୀ ସେହିପରି ଶତ୍ରୁର ଅନ୍ୟାୟ ଆକ୍ରମଣରୁ ଦେଶ ଓ ନାଗରିକଙ୍କୁ ରକ୍ଷା କରି ଧର୍ମ ଓ ସୁଶାସନ ପ୍ରତିଷ୍ଠା ନିମନ୍ତେ ସଦାଚେଷ୍ଟିତ। ସୁତରାଂ ଏହି ପ୍ରତିରକ୍ଷା ପ୍ରଣାଳୀ ଆମ ବାୟୁସେନାର ଏକ ଅଭେଦ୍ୟ ଓ ଅମୋଘ ପ୍ରତିରକ୍ଷା କବଚ।

ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୋପାଳ, ମୋ: ୮୦୧୮୭୦୮୮୫୮

# ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

## ଅରଖ

**ସୌଭାଗ୍ୟସୁନ୍ଦର**

ଆମର ଅତି ପରିଚିତ 'ଅରଖ'ର ଅନ୍ୟ ନାମ ହେଉଛି ମୁକୁଟ ଫୁଲ। ଭାରତ, ଚୀନ୍, କାମ୍ବୋଡିଆ, ଭିଏତନାମ, ବାଂଲାଦେଶ, ଇଣ୍ଡୋନେସିଆ, ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା, ପାକିସ୍ତାନ ଏବଂ ନେପାଳରେ ଏହା ଏକ ସ୍ଥାନୀୟ ଗୁଳ୍ମ ଜାତୀୟ ଉଦ୍ଭିଦ। ୪ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି ବଡ଼ ବୁଦାଜାତୀୟ ଉଦ୍ଭିଦ ଶୁଷ୍କ, ପଥୁରିଆ ମାଟିରେ ବଢ଼ିବା ସହିତ ପ୍ରାୟତଃ ମରୁଭୂମି, ରାସ୍ତାକଡ଼ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଏ। ଫୁଲ ଗୁଡ଼ିକ ଧଳା କିମ୍ବା ବାଇଗଣି ରଙ୍ଗର। ଏହାକୁ ବୈଜ୍ଞାନିକ ଭାଷାରେ ଗାଇନୋଷ୍ଟେଜିୟମ୍ କୁହାଯାଏ। ଏହାର ଫଳ ଲୋମଶ ବିହନ ସହିତ ଏକ ଯୋଡ଼ା ଫୋଲିକଲ୍, ଯାହା ଶୁଖିଗଲେ ପବନ ଦ୍ୱାରା ବିସ୍ତାରିତ ହୁଏ। ଫୁଲ ଏବଂ ଫଳ ଧରିବା ସମୟ ସାଧାରଣତଃ ନଭେମ୍ବରରୁ ଏପ୍ରିଲ ମାସ।

ଆୟୁର୍ବେଦରେ ଶ୍ୱାସରୋଗ ଜୀବାଣୁ ସଂକ୍ରମଣ, ଲାଲ ଫୁଲା, ଘାଆ, ଯକୃତ ଓ ପ୍ଲୀହା ରୋଗ, ଚର୍ମ ରୋଗ, ଅଜୀର୍ଣ୍ଣ, ରକ୍ତ ସଂଚାଳନରେ ବିଭ୍ରାଟ, ସ୍ନାୟୁରୋଗ, ଜ୍ୱର, ବାନ୍ତି, ହଇଜା, ଭାତୁଡ଼ି, ଅନ୍ତନାଳୀ ଘାଆ, କୃମି, କୋଷ୍ଠକାଠିନ୍ୟ, କୁଷ୍ଠ ରୋଗ ଆଦି ଚିକିତ୍ସାରେ ଅରଖର ବିଭିନ୍ନ ଅଂଶ ଆବଶ୍ୟକ ଅନୁସାରେ ବ୍ୟବହୃତ ହୁଏ। ଅରଖର କ୍ଷୀର ରସ ଗଣ୍ଠିବାତ ରୋଗ, ମାଂସ ପେଶୀ ଯନ୍ତ୍ରଣା, କର୍କଟ ରୋଗ ଓ ସାପ କାମୁଡ଼ା ଚିକିତ୍ସା ପାଇଁ ପ୍ରତିଷେଧକ ଭାବରେ ବ୍ୟବହାର କରାଯାଇଥାଏ। ଏଥିରେ ଗଚ୍ଛିତ ଥିବା ରାସାୟନିକ ଦ୍ରବ୍ୟ କ୍ୟାଲୋଟ୍ରୋପିନକୁ ଗର୍ଭନିରୋଧକ ଭାବରେ ମଧ୍ୟ ବ୍ୟବହାର କରାଯାଏ। ଅରଖର ଏକ ପ୍ରଭାବଶାଳୀ କବକନାଶକ ଏବଂ କୀଟନାଶକ ଗୁଣ ରହିଥିବା ବିଷୟରେ ମଧ୍ୟ ସୂଚନା ରହିଛି। ଅରଖ ରସ ଅନେକ ଶସ୍ୟର ଅଙ୍କୁରୀକରଣ ଏବଂ ଚାରା ବର୍ଦ୍ଧକ ଶକ୍ତିକୁ ପ୍ରଭାବିତ କରେ।

ମୂଳତଃ ଅରଖ ଏକ ବିଷାକ୍ତ ଉଦ୍ଭିଦ। ଏଥିରେ ଗଚ୍ଛିତ ଥିବା ସକ୍ରିୟ ତତ୍ତ୍ୱଗୁଡ଼ିକ ହେଉଛି ଉସଚାରିନ, କାଲୋଟକ୍ସିନ୍, କାଲାକ୍ଟିନ୍ ଓ କାଲୋଟ୍ରୋପିନ୍। ଅରଖର ଲାଟେକ୍ସରେ କାର୍ଡିଆକ୍ ଗ୍ଲାଇକୋସାଇଡ୍, ଫ୍ୟାଟି ଏସିଡ୍ ଓ କ୍ୟାଲସିୟମ୍ ଅକ୍ସାଲେଟ୍ ଥାଏ। ଏହାର ମୂଳରେ କାଲୋଟ୍ରୋପୋନ୍ ମଧ୍ୟ ଥାଏ। ପତ୍ର ଓ କାଣ୍ଡକୁ ସାମାନ୍ୟ ଆଘାତ କିମ୍ବା ଛୁରୀରେ କାଟିଲେ ଘନ କ୍ଷୀର ଭଳି ରସ ବା ଲାଟେକ୍ସ ନିଷ୍କାସନ ହୋଇ ବାହାରିଥାଏ। ଏହି ରସକୁ ତୀର ଦେହରେ ବୋଳି ବିଷ ଭାବରେ ପଶୁ ଶିକାର ପାଇଁ ବ୍ୟବହାର କରାଯାଏ। ମଣିଷ ପାଇଁ ମଧ୍ୟ ଏହା ବିଷାକ୍ତ ଓ ପ୍ରାଣନାଶକ। ଅରଖର ଲାଟେକ୍ସ ଚକ୍ଷୁ ସଂସ୍ପର୍ଶରେ ଆସିଲେ ବ୍ୟକ୍ତି କେରାଟୋକଞ୍ଜଙ୍କଟିଭାଇଟିସ୍ ଦ୍ୱାରା ଆକ୍ରାନ୍ତ ହୁଅନ୍ତି। ଏହା ସଂସ୍ପର୍ଶରେ ଆସିବା ଫଳରେ ଚର୍ମ ଲାଲ ପଡ଼ିଯାଏ ଏବଂ ଭେସିକେସନ୍ ବା ପାଣି ଫୋଟକା ସୃଷ୍ଟି କରେ। ତେଣୁ ଶିଶୁମାନଙ୍କୁ ଅରଖ ଗଛ ଠାରୁ ଦୂରେଇ ରଖିବାକୁ ହେବ।

ଜାପାନୀ ଏନସେଫାଲାଇଟିସ୍ ବା ମସ୍ତିଷ୍କ ପ୍ରଦାହ ପାଇଁ ବାହକ ଭାବରେ କାର୍ଯ୍ୟ କରୁଥିବା କୁଲେକ୍ସ ମଶା ନିୟନ୍ତ୍ରଣ କରିବା ପାଇଁ ଅରଖ ଦକ୍ଷ ଶକ୍ତି ଗୁଣ ପ୍ରଦର୍ଶନ କରୁଥିବା ପ୍ରମାଣ କରାଯାଇଛି। ଅରଖର କାଣ୍ଡରୁ ଏକ ପ୍ରକାର ଦୀର୍ଘ ସ୍ଥାୟୀ ତନ୍ତୁ ଉତ୍ପାଦନ ହୁଏ, ଯାହା ଦଉଡ଼ି, କାର୍ପେଟ, ମାଛ ଧରିବା ଜାଲ ଏବଂ ସିଲାଇ ସୂତା ପାଇଁ ଉପଯୋଗୀ ଅଟେ। ବିହନ ସହିତ ସଂଲଗ୍ନ ଥିବା ପଶମ ସୂତା ବା ତନ୍ତୁ, ତକିଆ, ଶେଜ ଇତ୍ୟାଦିରେ ଷ୍ଟଫିଂ ଭାବରେ ବ୍ୟବହାର କରାଯାଏ। ଅରଖ ରସ ଏବଂ ଲୁଣର ମିଶ୍ରଣରୁ କିଣ୍ୱନ ପ୍ରକ୍ରିୟାରେ ଉତ୍ପନ୍ନ ଉପାଦାନ ଛେଳି ଓ ମେଣ୍ଢା ଚମଡ଼ାରୁ କେଶ ବାହାର କରି ସେମାନଙ୍କ ଚମଡ଼ା ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଏ, ଯାହା ଶସ୍ତା ବହି ବାଇଣ୍ଡିଂ ପାଇଁ ବହୁଳ ବ୍ୟବହୃତ ହୁଏ। ଅରଖ ଇକୋସିଷ୍ଟମ ବା ପ୍ରାକୃତିକ ପରିସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ପ୍ରଜାପତି ଏବଂ ପରାଗକ ପାଇଁ ଏକ ମୂଳ ଉଦ୍ଭିଦ। ଜଳବାୟୁର ଯେ କୌଣସି ପରିସ୍ଥିତିରେ ଏହା ବଞ୍ଚିପାରେ।

ଭାରତରେ ମରାଠା ସଂସ୍କୃତି ଦ୍ୱାରା ଟୋଟେମ୍ ବା ପ୍ରତୀକ ଭାବରେ ବ୍ୟବହୃତ ପାଞ୍ଚଟି ଭିନ୍ନ ପତ୍ରର ଏକ ରୀତିଗତ ସଂଗ୍ରହ। ଶିବ ପୁରାଣ ଅନୁସାରେ, ଅରଖ ଫୁଲ ଭଗବାନ ଶିବଙ୍କର ବହୁତ ପସନ୍ଦର ଫୁଲ। ଅରଖ ମଧ୍ୟ ନଅଟି ଜ୍ୟୋତିଷ ଗଛ (ନବଗ୍ରହ ଗଛ) ର ଏକ ପ୍ରମୁଖ ଅଂଶ। ଅରଖ ଫୁଲକୁ ଉତ୍ତର-ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ହାୱାଇର ରାଣୀ ଲିଲିଉକଲାନି ପସନ୍ଦ କରିଥିଲେ, ଯିଏ ଏଗୁଡ଼ିକୁ ରାଜକୀୟତାର ପ୍ରତୀକ ବୋଲି ବିବେଚନା କରୁଥିଲେ ଏବଂ ସେଗୁଡ଼ିକୁ ମାଳା କରି ବାନ୍ଧି ବେକରେ ପିନ୍ଧୁଥିଲେ। କାମ୍ବୋଡିଆରେ ଏଗୁଡ଼ିକୁ କଳସ କିମ୍ବା ଅନ୍ତିମ ସଂସ୍କାରରେ ବ୍ୟବହାର କରାଯାଏ। ଇଣ୍ଡୋନେସିଆରେ ଏହାର ଫୁଲକୁ ୱିଦୁରି କୁହାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

## ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ରଥଖଳାରୁ...

## ଶେଷ ପର୍ଯ୍ୟାୟରେ ଚକ ନିର୍ମାଣ



ପୁରୀ,୨୫।୫(ସମିସ): ପାଖେଇ ଆସୁଛି ରଥଯାତ୍ରା। ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ କାମ ଆଗଉଛି। ରବିବାର ସୁଦ୍ଧା ତିନିରଥର ୪୨ ଚକ ମଧ୍ୟରୁ ୩୯ଟି ଚକ ନିର୍ମାଣ ଶେଷ ହୋଇଛି। ପ୍ରତ୍ୟେକ ରଥର ଆଉ ଗୋଟିଏ ଲେଖାଏଁ ଚକ ବାକି ଅଛି। ମହାରଣା ସେବକମାନେ ବଳକା ଚକର ପଇ ବିନ୍ଧ ଆରମ୍ଭ କରିଛନ୍ତି। ଭୋଇ ସେବକମାନେ ତିନିରଥ ଶେଷ ଚକର ତୁମ୍ବରେ ସିଙ୍ଗଡ଼ାବାଡ଼ିଆ କାର୍ଯ୍ୟ ଶେଷ କରିଛନ୍ତି। ସୋମବାର ଭୋଇ ସେବକମାନେ ଯନ୍ତା ଗାଡ଼ ବନ୍ଦ କରିବେ। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ପ୍ରଥମ ଭୂଇଁ, ଦ୍ୱିତୀୟ ଭୂଇଁ ଏବଂ ଅଗ ଭୂଇଁ ପାଇଁ ଉଦ୍ଦିଷ୍ଟ ୧୨ଟି ଲେଖାଏଁ ୨୦ ଫୁଟିଆ ଚଉପଟ ଭୂଇଁ ଚଉତା କାଠର ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣା ସମ୍ପନ୍ନ କରିଛନ୍ତି। ଏହି ଚଉତା କାଠଗୁଡ଼ିକରେ ୫ଟି ଲେଖାଏଁ ପାଖୁଡ଼ା ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତିନି ରଥର ୪ଟି ଯୋକା ନିର୍ମାଣ କାର୍ଯ୍ୟ ମଧ୍ୟ ସରିଛି। ଏହି ୧୮ ଫୁଟିଆ ଯୋକା ପ୍ରତ୍ୟେକ ରଥର ଅଖ, କୁଡୁକା, ଗୟଳ ଏବଂ ନିରାଡିକୁ ମଜଭୁତ୍ କରି ବାନ୍ଧି ରଖିବାରେ ସହାୟକ ହୋଇଥାଏ। ସେହିପରି ପ୍ରତ୍ୟେକ ରଥର ୮ଟି ଲେଖାଏଁ ୨୦ ଫୁଟିଆ ୧୪ ନାହାକାର ଚଉପଟ କାର୍ଯ୍ୟ ଶେଷ ହୋଇ ସେଗୁଡ଼ିକର ଆଠ କଣି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର ରୂପକାରମାନେ କୋଣ ଗୁଜ ବା ସାଲ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିବା ସହ ରୂପ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ ଓ ଅଳଙ୍କାର ପକା କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଘଡ଼ି ମୁହଁ ଦଣ୍ଡା କଣ୍ଟା, ଦଣ୍ଡା ବିଡ଼ିଆ ଅଗ ପାତେଳି କଣ୍ଟା ନିର୍ମାଣ କରୁଛନ୍ତି। ଦୋଳବେଦୀଠାରେ ପାହି ମହାରଣା ସ୍ନାନ ଯାତ୍ରା ଏବଂ ରଥଯାତ୍ରାରେ ରଥ ଉପରେ ମହାପ୍ରଭୁଙ୍କ ପୂଜାରେ ଆବଶ୍ୟକ କାଠ ନିର୍ମିତ ଉପକରଣମାନ ତିଆରି କରୁଛନ୍ତି।

# ମୌସୁମୀ ଆସିଲା; ଚାଷୀଙ୍କୁ ମିଳିଲାନି ବିହନ

ଭୁବନେଶ୍ୱର,୨୫।୫(ସମିସ): ଏଥର ସଅଳ ଆସିଛି ମୌସୁମୀ। ରାଜ୍ୟବ୍ୟାପୀ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି। ଆଉ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି ଚାଷୀ। ଜମିକୁ ହଳ କରି ଚାଷ ପାଇଁ ପ୍ରସ୍ତୁତ କରିସାରିଲାଣି। ହେଲେ ରାଜ୍ୟବ୍ୟାପୀ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ସରକାରୀ ବିହନ ଠିକ୍ ଭାବେ ମିଳୁନି। ପ୍ରାୟ ଅଧା ଚାଷୀଙ୍କ ପାଖରେ ବିହନ ପହଞ୍ଚି ନ ଥିଲାବେଳେ ସାର ବି ଏପର୍ଯ୍ୟନ୍ତ ଆସିନି। ଫଳରେ ଆରମ୍ଭରୁ ଚିନ୍ତାରେ ପଡ଼ିଲାଣି ଚାଷୀ। ଏପଟେ କୃଷି ଅଧିକାରୀ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ପାଇଁ ବ୍ୟସ୍ତ ଥିବାବେଳେ ବିଭାଗୀୟ ମନ୍ତ୍ରୀ ମଧ୍ୟ ବିଦେଶ ଗସ୍ତରେ ବୁଲୁଛନ୍ତି। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଓଡ଼ିଶରେ ଅଧିକାଂଶ ଜିଲ୍ଲାର ଚାଷୀ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାନ୍ତି। ଅଧାରୁ ଅଧିକ ଜମିକୁ ଜଳସେଚିତ ସୁବିଧା ନ ଥିବାରୁ ରବିରେ ଚାଷବାସ ପ୍ରାୟ ହୁଏନି। ଖରିଫ ଚାଷକୁ ଚାଷୀ ଗୁରୁତ୍ୱ ଦେଉଥିଲା ବେଳେ ଏଥର ଭଲ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚାଷ ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ରଜ ପରେ ପରେ ବୁଣାବୁଣି ଆରମ୍ଭ ହେବ। ଧାନ ସହିତ ଡାଲି ଓ ତୈଳବୀଜ ଜାତୀୟ ଫସଲ ପାଇଁ ବିହନ ପକାଇବେ ଚାଷୀ। ରାଜ୍ୟର ୩୦ ଜିଲ୍ଲାରେ ୬୧ ଲକ୍ଷ ୮୦ ହଜାର ହେକ୍ଟର ଚାଷ ଜମି ରହିଛି। ପ୍ରାୟ ୨୦ ପ୍ରତିଶତ ଜମିରେ ଡାଲିଜାତୀୟ ଓ ୧୦ ପ୍ରତିଶତ ଜମିରେ ତୈଳବୀଜ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରସ୍ତୁତି ସରିଥିଲେ ମଧ୍ୟ ଚାଷୀଙ୍କ ପାଖରେ ବିହନ



■ ନିଗମରେ ଅଛି; ପାକ୍ସରେ ପହଞ୍ଚୁନି
■ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ବ୍ୟସ୍ତ ଅଧିକାରୀ, ଚାଷୀଙ୍କୁ ପଚାରେ କିଏ?

ପହଞ୍ଚିପାରୁନି। ସରକାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ବିହନ ଯୋଗାଇବାକୁ ଯୋଜନା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ଯଥେଷ୍ଟ ପରିମାଣର ବିହନ ପହଞ୍ଚିନି। କିଛି ପ୍ୟାକ୍ସ ବିହନ ନେଇ ନ ଥିବାରୁ ସମସ୍ୟା ହୋଇଛି। ପୁଣି ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ବିହନ ଦାମ୍ ଅଧିକ ପଡୁଥିବାରୁ ଚାଷୀମାନେ ମଧ୍ୟ ହତାଶ ହୋଇଛନ୍ତି। ସବ୍‌ସିଡି ହ୍ରାସ ମଧ୍ୟ ଚାଷୀ ପାଇଁ ଆଉ ଏକ ଚିନ୍ତାର କାରଣ ସାଜିଛି।

ସୂଚନାନୁସାରେ, ଖରିଫରେ ଓଡ଼ିଶା ଚାଷୀଙ୍କୁ ୧୧ ଲକ୍ଷ କ୍ୱିଣ୍ଟାଲ ବିହନର ଆବଶ୍ୟକତା ଥାଏ। ପୂର୍ବରୁ ହେକ୍ଟର ପିଛା ୪୦ରୁ ୫୦ କେଜି ବିହନ ବ୍ୟବହାର କରାଯାଉଥିଲା। ବର୍ତ୍ତମାନ କିନ୍ତୁ ୨୦ କେଜି ବିହନରେ ଆବଶ୍ୟକତା ପୂରଣ ହେଉଛି। ତେଣୁ ଚାହିଦା ୧୫ ଲକ୍ଷରୁ ୧୦ ଲକ୍ଷ କ୍ୱିଣ୍ଟାଲକୁ ହ୍ରାସ ପାଇଛି। ଏଥିରୁ ୪ ଲକ୍ଷ କ୍ୱିଣ୍ଟାଲ ବିହନ ନିଗମ ଦେଇଥାଏ। ନିଗମ ପାଖରେ ବିଭିନ୍ନ କିସମର ବିହନ ଥିବାବେଳେ ଏମକ୍ୟୁ୧୨୧୦, ଏମକ୍ୟୁ୧୨୨୬, ସ୍ୱର୍ଣ୍ଣ, ଶକ୍ତି ଆଦି ବିହନର ଅଧିକ ଚାହିଦା ରହିଛି। କାରଣ ଏହାର ଉତ୍ପାଦନ ହେକ୍ଟର ପିଛା ୪ରୁ ୫ଟନ୍। ହେଲେ ଏହି ବିହନ ସମସ୍ତ ଚାଷୀଙ୍କୁ ଯୋଗାଇବା ସମ୍ଭବ ହେଉନି। ତେଣୁ ଚାଷୀ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ନିଜର ସଂରକ୍ଷିତ ବିହନକୁ ମଧ୍ୟ ବ୍ୟବହାର କରୁଛନ୍ତି। ଆଉ କିଛି ଚାଷୀ କମ୍ପାନିର ହାଇବ୍ରିଡ ବିହନ ଉପରେ ନିର୍ଭର କରୁଥିବା ଜଣାପଡ଼ିଛି। ଏହି ବିହନ ଅଧିକାଂଶ ସମୟରେ ଗଜା ହୋଇନଥାଏ। ଫଳରେ ଚାଷୀ କ୍ଷତି ସହିଥାଏ। ତେଣୁ କୃଷି ବିଭାଗ ପକ୍ଷରୁ ନକଲି ବିହନ ଉପରେ ଲଗାମ ଲଗାଇବା ପାଇଁ ଏଜେନ୍ସି ଗୁଡ଼ିକର ଯାଞ୍ଚ କରିଥାଏ। ହେଲେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ଏବେ ସରକାରୀ ବିହନ ମିଳିବାରେ ସମସ୍ୟା ହେଲେ ଚାଷୀ ଠକାମୀର ଶିକାର ହେବେ ବୋଲି ଅନୁମାନ କରାଯାଉଛି। ବିହନ ନିଗମ ପାଖରେ ଯଥେଷ୍ଟ ବିହନ ମହଜୁଦ ଥିଲେ ମଧ୍ୟ କିଛି ପାକ୍ସ ବିଳମ୍ବରେ ବିହନ ଉଠାଉଥିବାରୁ ସମସ୍ୟା ହୋଇଛି। ଯେଉଁ ପ୍ୟାକ୍ସରେ ବିହନ ମିଳୁଛି ଚାଷୀମାନେ ତାହା ସଂଗ୍ରହ କରୁଛନ୍ତି। ଯେଉଁ ଅଞ୍ଚଳରେ ପ୍ୟାକ୍ସ ବିହନ ନେଇନାହାନ୍ତି, ସେଠାରେ ଚାଷୀମାନେ ଅସୁବିଧାରେ ପଡ଼ିଛନ୍ତି।

ବିହନ ନିଗମର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନିଗମ ପାଖରେ ପର୍ଯ୍ୟାପ୍ତ ପରିମାଣର ବିହନ ମହଜୁଦ୍ ରହିଛି। କିନ୍ତୁ ଅନେକ ପାକ୍ସ ବିହନ ନେଇନାହାନ୍ତି। ସପ୍ତାହେ ଭିତରେ ବିହନ ସବୁ ଅଞ୍ଚଳରେ ପହଞ୍ଚିଯିବ। ଏପଟେ ଆରମ୍ଭରୁ ରାସାୟନିକ ସାର ଅଭାବ ଦେଖା ଦେଲାଣି। ଅଧାରୁ ଅଧିକ ପ୍ୟାକ୍ସ କେଜିଏ ହେଲେ ବି ସାର ପାଇନାହାନ୍ତି। ଉଦ୍‌ବେଗର ବିଷୟ, କେତେ ସାର ଦରକାର ସେଥିନେଇ ତାଲିକା ଏୟୁସିସି ବ୍ୟାଙ୍କ ପକ୍ଷରୁ ମାର୍କଫେଡ୍‌କୁ ଦିଆଯାଇନି। ଏଣୁ ଏଥର ସାର ଯୋଗାଣ ବିଳମ୍ବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। କୃଷି ଅଧିକାରୀ ଚାଷୀଙ୍କ ଏ ସମସ୍ୟାର ସମାଧାନ କରି ଚାଷ କାର୍ଯ୍ୟ ପାଇଁ ସଅଳ ବିହନ ଓ ସାର ଯୋଗାଇବା ପରିବର୍ତ୍ତେ ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବର ଗୁଣଗାନରେ ମାତିଛନ୍ତି। ତେଣୁ ପ୍ରାକ୍ ବର୍ଷା ଆରମ୍ଭ ହୋଇଯାଇଥିଲେ ହେଁ ଚାଷୀଙ୍କ ମୁହଁରେ ଖୁସି ଫୁଟି ପାରିନାହିଁ।

**ଅବକାରୀ ରାଜସ୍ୱରେ ନିଶା ନିବାରଣ କାର୍ଯ୍ୟକ୍ରମ**

# ଅବକାରୀ ଆଭିମୁଖ୍ୟ: କାଠଗଡ଼ାରେ ସରକାର

ଭୁବନେଶ୍ୱର,୨୫।୫(ସମିସ): ରାଜ୍ୟରେ ଆସନ୍ତା ୩୧ ତାରିଖରୁ ବିଧିବଦ୍ଧ ଭାବେ ନିଶା ନିବାରଣ ଅଭିଯାନ ଆରମ୍ଭ ହେବ। ଏହି ଅବସରରେ ସରକାର ଲୋକଙ୍କୁ ନିଶା ସେବନର ଖରାପ ପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ। ଜୁନ୍ ୨୬ ତାରିଖ ଯାଏଁ ପ୍ରତି ଗାଁରେ ଦାସକାଠିଆ, ଘୋଡା ନାଚ, ଲୋକକଳା ମାଧ୍ୟମରେ ଲୋକଙ୍କ ପାଖରେ ନିଶା ନିବାରଣର ବାର୍ତ୍ତା ପହଞ୍ଚାଇବାକୁ ଅବକାରୀ ବିଭାଗ ଲକ୍ଷ୍ୟ ରଖିଛି। ତେବେ ସରକାରଙ୍କ ଏହି ଅଭିଯାନର ଆନ୍ତରିକତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ଅଧିକ ଅବକାରୀ ରାଜସ୍ୱ ହାସଲ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ବିଅରଠାରୁ ଆରମ୍ଭ କରି ବିଦେଶୀ ମଦ ବିକ୍ରି ବଢୁଛି। ସେହିପରି ଯଅ, ମାଣ୍ଡିଆ ଓ ବାଜରା ଆଦି କ୍ଷୁଦ୍ରଶସ୍ୟରୁ ମିଲେଟ୍ ମଦ ପ୍ରସ୍ତୁତ ପାଇଁ ସରକାର ଘୋଷଣା କରିଛନ୍ତି। ଏପରିସ୍ଥଳେ କେଉଁ ସ୍ୱାର୍ଥରେ ଓ କାହା ପାଇଁ ସରକାର ନିଶା ନିବାରଣ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ବୁଦ୍ଧିଜୀବୀ ଏବଂ ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି।

ନିଶା ନିବାରଣ ପାଇଁ ଅବକାରୀ ବିଭାଗର ଯୋଜନା ଅନୁଯାୟୀ ମେ ୩୧ରୁ ଆରମ୍ଭ ହେବାକୁ ଥିବା ଏହି ଅଭିଯାନରେ ପୁଲିସ, ମିଶନ ଶକ୍ତି, ଉଚ୍ଚ ଶିକ୍ଷା, ଗଣ ଶିକ୍ଷା ଓ ସଂସ୍କୃତି ବିଭାଗ ମିଳିତ ଭାବେ ମାସେ ଧରି ଏହି ପ୍ରଚାର କରିବେ। ସ୍କୁଲ, କଲେଜରେ ରଚନା, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ମାତ୍ର ଅବକାରୀ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ ରଖିଥିବାବେଳେ ସରକାର ନିଶା ନିବାରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରିବାରେ କେତେ ଯଥାର୍ଥତା ରହିଛି ବୋଲି ପ୍ରଶ୍ନ କରିଛନ୍ତି ବିଭିନ୍ନ ସଂଗଠନ।

ସୂଚନା ଅନୁସାରେ ଓଡ଼ିଶାରେ୨୦୨୨-୨୩ ଆର୍ଥିକ ବର୍ଷରେ ୧୨.୯ କୋଟି ଲିଟର ବିଅର ବିକ୍ରି ହୋଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୫.୩୫ କୋଟି ଲିଟରକୁ ବୃଦ୍ଧି ପାଇଛି।

■ ଏପଟେ ରାଜସ୍ୱ ବୃଦ୍ଧି ଲକ୍ଷ୍ୟ, ସେପଟେ ନିଶା ନିବାରଣ ସଚେତନତା
■ ମାଣ୍ଡିଆ, ବାଜରା ଓ କ୍ଷୁଦ୍ରଶସ୍ୟରୁ ମଦ ପ୍ରସ୍ତୁତ ଲାଗି ହୋଇଛି ଯୋଜନା
■ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ପ୍ରଭେଦକୁ ନେଇ ଘେରିଲେ ବୁଦ୍ଧିଜୀବୀ
■ ମଦ ବ୍ୟବହାରକୁ ପ୍ରଶ୍ରୟ ଦେଇ ନିଶା ନିବାରଣ ଅଭିଯାନ କାହା ପାଇଁ

ଅନ୍ୟପକ୍ଷରେ ବିଦେଶୀ ବିଅର ବିକ୍ରି ପରିମାଣ ୫.୮୩ କୋଟି ଲିଟରରୁ ୫.୮୮ କୋଟି ଲିଟରକୁ ବୃଦ୍ଧି ପାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କୁ ୬୪୫୫ କୋଟି ଟଙ୍କାର ଅବକାରୀ ରାଜସ୍ୱ ମିଳିଥିବା ବେଳେ ୨୦୨୩-୨୪ରେ ଏହା ୭୨୧୬.୯୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଅବକାରୀ କ୍ଷେତ୍ରରୁ ୮୬୮୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗୋଟିଏ ପଟେ ସରକାର ଲୋକଙ୍କୁ ପରୋକ୍ଷରେ ମଦ ବ୍ୟବହାର କରିବାକୁ ଉତ୍ସାହିତ କରି ଅନ୍ୟପକ୍ଷରେ ନିଶା ନିବାରଣ ସଚେତନତା କରିବାର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠିଛି।

ବିଜେପି ନିର୍ବାଚନ ପ୍ରଚାର ବେଳେ ରାଜ୍ୟରୁ ମଦ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ପରେ ସାମାଜିକ ସଶକ୍ତିକରଣ ମନ୍ତ୍ରୀ ମଧ୍ୟ ଏହାକୁ ଦୋହରାଇଥିଲେ। ମାତ୍ର ପରେ ସରକାରଙ୍କ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ସରକାର ମଦରୁ ଅଧିକ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖୁଛନ୍ତି। ଏପରି ସ୍ଥଳେ ଏପରି ଅଭିଯାନର ମାନେ କିଛି ନାହିଁ ବୋଲି ବିଭିନ୍ନ ନିଶା ନିବାରଣ ଅଭିଯାନ ସହ ଜଡ଼ିତ ବ୍ୟକ୍ତିବିଶେଷ ମତ ରଖିଛନ୍ତି। ନିଜ ପ୍ରତିଶ୍ରୁତିକୁ ରକ୍ଷା କରି ସମଗ୍ର ରାଜ୍ୟ କିପରି ନିଶାମୁକ୍ତ ହୋଇପାରିବ, ସେନେଇ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଗାନ୍ଧୀବାଦୀ ପ୍ରହ୍ଲାଦ ସିଂ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ସାରା ରାଜ୍ୟରେ ବର୍ତ୍ତମାନ ଚୋରା ନିଶା କାରବାର ବଢ଼ି ବଢ଼ି ଚାଲିଥିବା ବେଳେ ରାଜ୍ୟରେ ଧଳା ଜହର ବେପାର ମଧ୍ୟ ଯୁବପିଢ଼ିଙ୍କୁ ବେଶ୍ ପଥଭ୍ରଷ୍ଟ କରୁଛି। ସମାନ ସମୟରେ ରାଜ୍ୟରେ ମଦ ବନ୍ୟା ମଧ୍ୟ ସାମାଜିକ ଅଶାନ୍ତିର କାରଣ ପାଲଟୁଛି। ସରକାର ସତରେ ଯଦି ନିଶା ନିବାରଣ କରିବାକୁ ଆନ୍ତରିକତା ରଖୁଛନ୍ତି, ତାହେଲେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ ଏହାକୁ ନି ଆଚରଣରେ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି**

# ଅସ୍ଥାୟୀ ଶେଡ୍ ପାଇଁ ୧ କୋଟି ଅପବ୍ୟୟ କାହିଁକି?

ପୁରୀ,୨୫।୫(ସମିସ): ରଥଯାତ୍ରା ଡ୍ୟୁଟିରେ ଆସୁଥିବା ପୁଲିସଙ୍କ ରହଣି ନିମନ୍ତେ ତିଆରି ହେବ ୨ଟି ଅସ୍ଥାୟୀ ଫେବ୍ରିକେଟେଡ୍ ଶେଡ୍। ଟେଣ୍ଡର ମାଧ୍ୟମରେ ଏହି କାମ ଦିଆଯିବାକୁ ଥିବାବେଳେ ବ୍ୟୟ ହେବ ୮୯ ଲକ୍ଷ ୪୭ହଜାର ୬୩୫ ଟଙ୍କା। ତେବେ ଏହାକୁ ନେଇ ସାଧାରଣରେ ବିଭିନ୍ନ ପ୍ରକାର ଚର୍ଚ୍ଚା, ଆଲୋଚନା ହେଉଛି। ଅସ୍ଥାୟୀ ଶେଡ୍ ପାଇଁ ଏତେ ଟଙ୍କା କାହିଁକି ଖର୍ଚ୍ଚ କରୁଛନ୍ତି ସରକାର। ସେହି ଅର୍ଥରେ ସ୍ଥାୟୀ କୋଠା ନିର୍ମାଣ କରିଦେଲେ ପ୍ରତିବର୍ଷ ବାହାରୁ ଆସୁଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ରହଣି ସମସ୍ୟା ରୁହନ୍ତା ନାହିଁ ବୋଲି ମତ ଦେଉଛନ୍ତି। ଏଭଳି ସ୍ଥିତିରେ ରବିବାର ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିଛନ୍ତି ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର। ଚିଠିରେ ସେ ଦର୍ଶାଇଛନ୍ତି, ଯଦି ଆମେ ଲୋକଙ୍କ ସରକାର ବୋଲି କହୁଛେ, ତେବେ ରଥଯାତ୍ରାରେ ପୁଲିସ ରହଣି କେନ୍ଦ୍ର ପାଇଁ ସରକାର କାହିଁକି ୮୯ଲକ୍ଷ ୪୭ହଜାର ୬୩୫ଟଙ୍କା ଅପବ୍ୟୟ କରୁଛନ୍ତି? ପୁରୀରେ ଅନେକ ସରକାରୀ ଜାଗା ଓ ଶ୍ରୀମନ୍ଦିରର ଜମି ରହିଛି। ଏହିଭଳି ଅନେକ ଜମି ଜବରଦଖଲରେ ବି ରହିଛି। ତାହାକୁ ଚିହ୍ନଟ କରି ସେଥିମଧ୍ୟରୁ ଉପଯୁକ୍ତ ଜମିରେ କୋଟିଏ ଟଙ୍କା ଖର୍ଚ୍ଚ କଲେ ତାହା ପ୍ରତିବର୍ଷ ପାଇଁ ରଥଯାତ୍ରା ଡ୍ୟୁଟିରେ ଆସୁଥିବା କର୍ତ୍ତବ୍ୟରତ ପୁଲିସମାନଙ୍କ ସ୍ଥାୟୀ ରହଣିସ୍ଥଳ ହୋଇପାରିବ। ସେଠାରେ କିଛି ଶୌଚାଳୟ ସହ ପିଇବା ପାଣିର ବ୍ୟବସ୍ଥା ହୋଇଗଲେ ବର୍ଷର ଅନ୍ୟ ଦିନମାନଙ୍କରେ ବହିରାଗତ ଗରିବ ଯାତ୍ରୀମାନେ ମଧ୍ୟ ଅଳ୍ପ ଦେୟରେ ଉପକୃତ ହୋଇପାରିବେ। ଫଳରେ ସରକାରଙ୍କ ଏହି ଟଙ୍କା ଠିକଣା ବାଟରେ ବିନିଯୋଗ ହେବା ସହ ଦୂରଦୂରାନ୍ତରୁ ଆସୁଥିବା ଗରିବ ଯାତ୍ରୀମାନେ ପୁରୀରେ ପକେଟ୍‌କୁ ସୁହାଇଲା ଭଳି ଖର୍ଚ୍ଚରେ ରହି ଭଲ ଅନୁଭୂତି ନେଇ ଫେରିବେ। ଏହା ନିଶ୍ଚିତ ଓଡ଼ିଶା ତଥା ପୁରୀ ପାଇଁ ଏକ ଗର୍ବର ବିଷୟ ହେବ। ଶ୍ରୀ ମିଶ୍ର ରାସ୍ତା ଓ ନିର୍ମାଣ ବିଭାଗର ବିଜ୍ଞପ୍ତି ୦୬/୨୦୨୫-୨୬ର ସୂଚନା ସହିତ ଉଲ୍ଲେଖ କରିଛନ୍ତି ଯେ ଯେହେତୁ ସରକାର ଜନଗଣଙ୍କର ତେଣୁ ସରକାର ଟେଣ୍ଡର କରିବା ପୂର୍ବରୁ ଏଭଳି ଅପବ୍ୟୟ ଉପରେ ଜନଶୁଣାଣି କରିବା ଆବଶ୍ୟକ ହୋଇପଡ଼ିଛି।

ସୂଚନାଥାଉ କି, ପୁରୀ ରଥଯାତ୍ରାକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥା'ନ୍ତି। ତେଣୁ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସାଙ୍ଗକୁ ଟ୍ରାଫିକ୍ ସୁପରିଚାଳନା ପାଇଁ ହଜାର ହଜାର ସଂଖ୍ୟାରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରୀ ଅଣାଯାଇଥାଏ। ଅଧିକାରୀମାନଙ୍କ ପାଇଁ ବିଭିନ୍ନ ହୋଟେଲରେ ରୁମ୍ ନିଆଯାଏ। କର୍ମଚାରୀମାନେ ପୁଲିସ ବାରାକ୍, ଅବକାଶ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ରହିଥା'ନ୍ତି। ବିଶେଷକରି ସ୍ନାନ ପୂର୍ଣ୍ଣିମା ଗୋଟିଏ ଦିନ ସରିବା ପରେ ଅଧିକାରୀ ଓ କର୍ମଚାରୀ ପଳାଇ ଯାଆନ୍ତି। ଏହାପରେ ରଥଯାତ୍ରା ଦୁଇ/ତିନିଦିନ ପୂର୍ବରୁ ପୁଣି ଆସି ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରୁହନ୍ତି। ଏମିତି ଦେଖିଲେ ମୋଟ୍ ୧୯ ଦିନ ରହିଥା'ନ୍ତି ପୁଲିସ ଅଧିକାରୀ ଓ କର୍ମଚାରୀ। ତେବେ ସେମାନଙ୍କ ପାଇଁ ସ୍ଥାୟୀ ରହଣିସ୍ଥଳ ହୋଇଗଲେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପିଲାଙ୍କ ପାଠପଢ଼ା ବି ବ୍ୟାଘାତ ହୁଅନ୍ତା ନାହିଁ।



# ଶିବଗଙ୍ଗାରେ ବୁଡ଼ିଗଲେ ଚାରି ଛାତ୍ର

■ ଭଦ୍ରକ/ଆରଡି,୨୫।୫(ସମିସ): ବାବା ଆଖଣ୍ଡଳମଣିଙ୍କ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ବୁଡ଼ି ଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିରେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ରବିବାର ସକାଳୁ ଭଦ୍ରକ ଜାନୁଗଞ୍ଜରେ ରହୁଥିବା ୪ଜଣ ଛାତ୍ର ସାଙ୍ଗ ହୋଇ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଆସିଥିଲେ। ଦର୍ଶନ ପୂର୍ବରୁ ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ୪ଜଣ ସାଙ୍ଗ ମିଳିମିଶି ଗାଧୋଇଥିବା ସମୟରେ ଗୋଡ ଖସିଯିବାରୁ ଅକାତ ପାଣିରେ ପୁଷ୍କରିଣୀ ଭିତରକୁ ଚାଲିଯାଇଥିଲେ। ଉପସ୍ଥିତ ଥିବା ସ୍ଥାନୀୟ ଲୋକ ସମସ୍ତ ୪ଜଣଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ଜଣଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ଆମ୍ବୁଲାନ୍ସ ଯୋଗେ ଆରଡି ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ର ଧାମନଗର ସୋହଡା ଅଞ୍ଚଳର ଦେବବ୍ରତ ମିଶ୍ର (୨୪) ଭଦ୍ରକ ସ୍ୱୟଂଶାସିତ କଲେଜରେ +୩ ୨ବର୍ଷର ଛାତ୍ର। ଜାନୁଗଞ୍ଜର ଏକ ମେସରେ ରହି ପାଠ ପଢୁଥିଲେ। ଅନ୍ୟ ୩ଜଣ ଛାତ୍ରଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୁସ୍ଥ ହେବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି।

**ଜଣେ ମୃତ, ୩ ଉଦ୍ଧାର**

ସୂଚନାଅନୁଯାୟୀ ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱର ପାହାଚ ନିର୍ମାଣ କାର୍ଯ୍ୟ ଠିକ ଭାବେ ହୋଇନଥିବାରୁ ଏପରି ଘଟଣା ବାରମ୍ବାର ଘଟୁଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏପରିକି ୪ବର୍ଷ ମଧ୍ୟରେ ପୁଷ୍କରିଣୀରେ ୪ଜଣ ବୁଡିଯାଇ ମୃତ୍ୟୁବରଣ କଲେଣି। ନିକଟରେ ୨ମାସ ତଳେ ଜଣେ ଛୋଟ ପିଲା ପୁଷ୍କରିଣୀକୂଳରେ ଖେଳୁଥିବା ବେଳେ। ଗୋଡ ଖସିଯିବାରୁ ମୃତ୍ୟୁ ଘଟିଥିଲା। ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଥିବା ସ୍ଥାୟୀ ଆଲୋକ ଅକାମୀ ହୋଇପଡିଥିବାରୁ ସନ୍ଧ୍ୟା ହେଲେ ଅନ୍ଧକାରମୟ ହୋଇ ପଡୁଛି ପୁଷ୍କରିଣୀ କୂଳ। ପୁଷ୍କରିଣୀ ଘାଟ ଓ ଚତୁଃପାର୍ଶ୍ୱର ଉନ୍ନତିକରଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଠିକ ଭାବେ କାର୍ଯ୍ୟ ହେଉନଥିବାରୁ ମୂଲ୍ୟବାନ ଜୀବନ ଚାଲିଯାଉଛି। ଏହାର ସ୍ଥାୟୀ ପ୍ରତିକାର କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

■ ସରକାରୀ କର୍ମଚାରୀଙ୍କ ଉପରେ ଲଗାମ୍

# ସାଢ଼େ ୫ ପୂର୍ବରୁ ଅଫିସ ଛାଡ଼ିବା ମନା

ଭୁବନେଶ୍ୱର,୨୫।୫(ସମିସ): ଏଣିକି ସାଢ଼େ ୫ ପୂର୍ବରୁ ଅଫିସ ଛାଡ଼ିପାରିବେ ନାହିଁ ସରକାରୀ କର୍ମଚାରୀ। ନିଜ ବିଭାଗର କର୍ମଚାରୀଙ୍କ ପାଇଁ ଏଭଳି କିଛି ନିର୍ଦ୍ଦେଶନାମା ଜାରି କରିଛି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ କର୍ମଚାରୀମାନେ ୧୦ଟା ବେଳେ ଅଫିସ ଆସିବେ ଓ ୫ଟା ୩୦ ପୂର୍ବରୁ ଅଫିସ୍ ଛାଡ଼ି ପାରିବେ ନାହିଁ। କର୍ମଚାରୀମାନେ ସର୍ବନିମ୍ନ ସାଢେ ୭ ଘଣ୍ଟା ଅଫିସରେ ରହିବାକୁ ବାଧ୍ୟତାମୂଳକ ଭାବେ ଦର୍ଶାଯାଇଛି। ଏହାସହ ବାୟୋ-ମେଟ୍ରିକ୍ ଜରିଆରେ କର୍ମଚାରୀ ଅଫିସ ପ୍ରବେଶ ଓ ପ୍ରସ୍ଥାନ କରିବେ। ଯଦି ବାୟୋମେଟ୍ରିକ ସଠିକ ଭାବେ କାର୍ଯ୍ୟକାରୀ ନ ହୁଏ, ଅର୍ଥାତ୍ ପ୍ରବେଶ ଓ ପ୍ରସ୍ଥାନ ସମୟରେ ବ୍ୟତିକ୍ରମ ହୁଏ ତେବେ ସମ୍ପୃକ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏଥିରେ ଦର୍ଶାଯାଇଛି।

**ସାଢ଼େ ୭ ଘଣ୍ଟା କାର୍ଯ୍ୟ ବାଧ୍ୟତାମୂଳକ**

## ଅବଶିଷ୍ଟାଂଶ...

### ଭାଙ୍ଗିବ ଗରିବଙ୍କ...

କେନ୍ଦ୍ରରୁ ୪୩୧୦ କୋଟି ଟଙ୍କା ଅନୁଦାନ ପାଇଥିଲା। ମାତ୍ର ବିଜେପି ସରକାର ଗଠନ ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଅନୁଦାନ ୮୨୫ କୋଟି ଟଙ୍କାକୁ ହ୍ରାସ ପାଇଛି। ଯାହା କି ପୂର୍ବବର୍ଷର ଅନୁଦାନର ୨୫ ପ୍ରତିଶତରୁ କମ୍ ବୋଲି କୁହାଯାଉଛି। ଏକପକ୍ଷରେ ପୂର୍ବ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଜୁ ପକ୍କା ଘର ଯୋଜନାକୁ ବନ୍ଦ କରି ଦିଆଯାଇଥିବାବେଳେ କେନ୍ଦ୍ରୀୟ ଅନୁଦାନ ହ୍ରାସ ଯୋଗୁଁ ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ଯୋଗାଇ ଦିଆଯାଇ ପାରୁନାହିଁ। ଫଳରେ ଗ୍ରାମାଞ୍ଚଳର ବହୁ ଗରିବ ଲୋକମାନେ ଏବେ ବି ପକ୍କାଘର ପାଇଁ ସରକାରଙ୍କ ଦୟାକୁ ଚାହିଁଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ଲୋକ ଓ ଫନି ପ୍ରଭାବିତ କ୍ଷତିଗ୍ରସ୍ତମାନେ ମଧ୍ୟ 'ଆବାସ'କୁ ଚାହିଁ ଚାହିଁ ନିରାଶ ହୋଇଛନ୍ତି । କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ନୁହେଁ, ଏହି ଯୋଜନାରେ ସହରାଞ୍ଚଳର ଗରିବମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି । ଗତ ଆର୍ଥିକ ବର୍ଷରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ମାତ୍ର ୭୩ ଲକ୍ଷ ଟଙ୍କା ମିଳିଛି । ବିଜେଡି ସରକାରଙ୍କ ଶେଷ ବର୍ଷରେ ଏହି ଯୋଜନାରେ ଓଡ଼ିଶା ୨୯୬ କୋଟି ଟଙ୍କା ଅନୁଦାନ ପାଇଥିଲା, ମାତ୍ର ବିଜେପି ସରକାରଙ୍କ ପ୍ରଥମବର୍ଷରେ ମାତ୍ର ୭୩ ଲକ୍ଷ ଟଙ୍କା କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତି ଡ଼ବଲ ଇଞ୍ଜିନ୍ ସରକାରଙ୍କ ବିକାଶ ଆନ୍ତରିକତାକୁ ସ୍ପଷ୍ଟ କରିଦେଇଛି ।

ସମ୍ପ୍ରତି ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି ଓ ଆଗାମୀ ୩ ବର୍ଷ ମଧ୍ୟରେ ଏହି ଯୋଜନାରେ ୧ ଲକ୍ଷ ଗୃହ ନିର୍ମାଣ କରାଯିବ ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଛନ୍ତି । ଏଥିପାଇଁ ଚଳିତ ବର୍ଷ ବଜେଟ୍‌ରେ ମଧ୍ୟ ୨୬୦୦ କୋଟି ଟଙ୍କା ବରାଦ କରାଯାଇଛି । ମାତ୍ର ବିଡ଼ମ୍ବନା ହେଉଛି ଏହି ଗୃହକୁ ନେଇ ଗ୍ରାମାଞ୍ଚଳରେ ରାଜନୀତି ଆରମ୍ଭ ହୋଇଛି । ଶାସକ ଦଳର ବିଧାୟକଙ୍କ ସୁପାରିସ ନ ହେଲେ ଏହି ଗୃହ ମିଳିବ ନାହିଁ ବୋଲି ସରକାରୀ ଅଧିକାରୀମାନେ ସଫାସଫା ମନା କରି ଦେଉଛନ୍ତି । ଏକ ପକ୍ଷରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ଓ ଅନ୍ୟପକ୍ଷରେ ଶାସକ ଦଳର ଅନ୍ତ୍ୟୋଦୟ ରାଜନୀତି ରାଜ୍ୟର ଗୃହହୀନ ଗରିବ ଲୋକମାନଙ୍କ ପାଇଁ ସମସ୍ୟାରେ ପରିଣତ ହୋଇଛି ।

### ସାତ ଦିନରେ...

ସକାଳେ ପାଇଖାନା ଯିବ କହି ଘରୁ ଯାଇଥିଲା ବେଳେ ଆଉ ଫେରି ନ ଥିଲା। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରି ପାଇନଥିଲେ। ତା ପର ଦିନ ଗାଁ ଠାରୁ ୨୫ କିଲୋମିଟର ଦୂର ଘୋବରଘଟା ସିଟ ଛକଠାରେ ବସିଥିବା ଦେଖି ଗ୍ରାମବାସୀ ତାର ଠିକଣା ଜାଣିବା ପରେ ଗାଁକୁ ପଠାଇବାର ବ୍ୟବସ୍ଥା କରିଥିଲେ। ନାବାଳିକା ଘରେ ପହଞ୍ଚିବା ପରେ ବଡ଼ ମା'ଙ୍କୁ ଦୁଷ୍କର୍ମ ସମ୍ପର୍କରେ କହିବା ପରେ ପରିବାର ଲୋକେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଦୁଷ୍କର୍ମ ଆଶଙ୍କା କରି ରାଇବଣିଆ ଥାନାକୁ ଜଣାଇ ଥିଲେ। ସନ୍ଧ୍ୟାରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପରେ ରାଇବଣିଆ ଅଞ୍ଚଳର ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି । ଏହାର ଦୁଇଦିନ ପରେ ଭୋଗରାଇ ଥାନା ଅନ୍ତର୍ଗତ ଲକ୍ଷ୍ମୀ ପାଟଣା ଅଞ୍ଚଳରେ ଜନୈକ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରି ହତ୍ୟା ଅଭିଯୋଗ ହୋଇଛି।

ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସମ୍ପୃକ୍ତା ଛାତ୍ରୀଙ୍କୁ ଗଣ ବଳାତ୍କାର କରି ହତ୍ୟା କରିଥିଲା ବେଳେ ଏହାକୁ ଆତ୍ମହତ୍ୟା ରୂପ ଦେବାପାଇଁ ଶୋଇବା ଘରେ ବେକରେ ରଶି ଲଗାଇ ଟାଙ୍ଗି ଦେଇଥିଲେ। ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ଏହାପରେ ବ୍ଲକର ତାଳସାରି ଥାନା ଅଧୀନ ଉଦୟପୁର ଅଞ୍ଚଳରେ ଜୈନିକା ଜଣେ ବିବାହିତା ମହିଳାକୁ ଗତ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକ ନିସ୍ତୁକ ମାଡ଼ ମାରି ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ଗୁରୁବାର ଦିନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ତାଳସାରି ସାମୁଦ୍ରିକ ଥାନା ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏପର୍ଯ୍ୟନ୍ତ ପୁଲିସ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇ ନଥିବା ଜଣାପଡ଼ିଛି। ତମାମ ଅଞ୍ଚଳରେ ଏଭଳି ଜଘନ୍ୟ ଅପରାଧ ଘଟୁଥିଲା ବେଳେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବୁଦ୍ଧିଜୀବୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଟ୍ରେନ୍ ଧକ୍କାରେ...

ଠିକା ଶ୍ରମିକ କେବୁଲ୍ ଲାଇନ୍ କାର୍ଯ୍ୟ କରୁଥିବା ସମୟରେ ହଠାତ୍ ଟ୍ରେନ ଆସିଗଲା। ଟ୍ରେନ୍ ଆସିବାରୁ ଅନ୍ୟ ଶ୍ରମିକମାନେ ଦୌଡା ଦୌଡ଼ି ହୋଇ ପଳାଇବା ବେଳେ ଦୁଇ ଜଣଙ୍କୁ ଟ୍ରେନ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିଲା। ପରେ ରେଲୱେ ପୁଲିସ ଆସି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଥିଲେ।

**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**AFFIDAVIT**
I, Alema Parween, W/o- Shaikh Riyazuddin, resident of Chandpur, Po/Ps- Brahmabarada, Dist-Jajpur, Pin-755005 Odisha decl-are by this affidavit No.4672 dtd.- 21/05/2025 that now onwards I shall be known as ALEMA BIBI for all future purposes.

# ଓଭର ଲୋଡ୍ ଯୋଗୁଁ ଲୋ-ଭୋଲ୍ଟେଜ୍ ଓ ବିଦ୍ୟୁତ୍ କାଟ୍ ସମସ୍ୟା

ନିରାକାରପୁର,୨୫।୫(ସମିସ):

ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବାବେଳେ ଗରମ ଗୁଳିଗୁଳିରେ ଲୋକେ ଛଟପଟ ହେଉଛନ୍ତି। ଏହି ସମୟରେ ବିଦ୍ୟୁତ୍ ବିଭାଗର ଅଘୋଷିତ ବିଜୁଳି କାଟ୍, ଲୋ-ଭୋଲ୍ଟେଜ୍ ଲୋକଙ୍କ କଷ୍ଟକୁ ଦୁଇଗୁଣ କରିଛି। ଏବେ ଲୋ-ଭୋଲ୍ଟେଜ୍ ସମସ୍ୟା ବିଦ୍ୟୁତ୍ କାଟ୍‌ଠାରୁ ବଳିଯାଇଛି। ବର୍ତ୍ତମାନ ଖୋର୍ଦ୍ଧା ବିଦ୍ୟୁତ୍ ବିଭାଗ ଅଧୀନସ୍ଥ ଜଂକିଆ ବିଦ୍ୟୁତ୍ ଉପଖଣ୍ଡରେ ବିଭିନ୍ନ ବିଦ୍ୟୁତ୍ ସମସ୍ୟା ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାଙ୍କ ନିଦ ହଜାଇ ଦେଇଛି।

ଜଂକିଆ, ମଳିପଡ଼ା ଓ ନିରାକାରପୁର ତିନିଟି ବିଦ୍ୟୁତ୍ ସେକ୍ସନ୍‌କୁ ନେଇ ଜଂକିଆ ବିଦ୍ୟୁତ୍ ଉପଖଣ୍ଡ ହୋଇଥିବାବେଳେ ଓଭରଲୋଡ୍ ଯୋଗୁଁ ମୁଖ୍ୟତଃ ଲୋ-ଭୋଲ୍ଟେଜ୍ ସହିତ ବିଦ୍ୟୁତ୍ କାଟ୍ ସମସ୍ୟା ଦେଖାଦେଇଛି। ଲୋ-ଭୋଲ୍ଟେଜ୍ ଯୋଗୁଁ ଉପଭୋକ୍ତାମାନେ ଷ୍ଟାବିଲାଇଜର୍ ଲଗାଇ ଭୋଲ୍ଟେଜ୍ ବଢ଼ାଇବାକୁ ଚେଷ୍ଟା କରିବାରୁ ଲାଗିଥିବା ସବ୍‌ଷ୍ଟେସନ୍ ଓ ବିଦ୍ୟୁତ୍ ତାର ଉପରେ ଚାପ ପଡ଼ି ତାହା ବାରମ୍ବାର ମରାମତି ଆବଶ୍ୟକ କରୁଛି। ଏହି ବିଦ୍ୟୁତ୍ ଉପଖଣ୍ଡ ମଧ୍ୟରେ ୩୦ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ବିଦ୍ୟୁତ୍ ସଂଯୋଗ ନେଇଥିବାବେଳେ ଅନେକ ବିଦ୍ୟୁତ୍ ସଂଯୋଗ ପାଇବା ଅପେକ୍ଷାରେ ବି ରହିଛନ୍ତି। ଏହା ମଧ୍ୟରେ ଜଂକିଆ ଓ ନିରାକାରପୁର ଅଞ୍ଚଳରେ ବିଭିନ୍ନ ପ୍ରକାରର ଛୋଟବଡ଼ କଳକାରଖାନା ପ୍ରତିଷ୍ଠା ହୋଇଛି।



ଜଂକିଆ ଉପଖଣ୍ଡ ଅଧୀନରେ ବହୁ ସଂଖ୍ୟାରେ କ୍ରସର୍ ୟୁନିଟ୍ ରହିଛି। ତା' ମଧ୍ୟରେ ୧୬ନଂ ଜାତୀୟ ରାଜପଥ ନୂତନ ଓଭରବ୍ରିଜ୍‌ଗୁଡ଼ିକ ଉପରେ ଲାଗିଥିବା ଶହ ଶହ ଷ୍ଟ୍ରିଟ୍ ଲାଇଟ୍ ଲାଗି ଏହି ଗ୍ରୀଡ୍‌ରୁ ବିଦ୍ୟୁତ୍ ସଂଯୋଗ ହୋଇଛି। ଫଳରେ ଅତ୍ୟଧିକ ବିଦ୍ୟୁତ୍ ଲୋଡ୍ ସମସ୍ୟା ସୃଷ୍ଟି କରିବାର ମୁଖ୍ୟ କାରଣ ହୋଇଛି। ପ୍ରକୃତପକ୍ଷେ ଖୋର୍ଦ୍ଧା ମୁଖ୍ୟ ଗ୍ରୀଡ୍‌କୁ ୧୩୨ କେଭି ବିଦ୍ୟୁତ୍ ଆସିବା କଥା, ସେଥିରୁ ଜଂକିଆ ଉପଖଣ୍ଡ ୩୩ କେଭି ବିଦ୍ୟୁତ୍ ପାଇବା ଆବଶ୍ୟକ। କିନ୍ତୁ ଏହାର ବ୍ୟତିକ୍ରମ ଘଟୁଥିବା ସୂଚନା ମିଳୁଛି। ୩୩ କେଭି ସ୍ଥାନରେ ୨୭/୨୮ କେଭି ବିଦ୍ୟୁତ୍ ଆସୁଥିବା କାରଣରୁ ୧୧ କେଭିରେ ବିଦ୍ୟୁତ୍ ୮/୯ କେଭି ବିଦ୍ୟୁତ୍ ପ୍ରବାହିତ ହେଉଛି। ଯାହାଫଳରେ ଏଲ୍‌ଟି ଲାଇନ୍ ଯେଉଁଠି ୨୪୦ ଭୋଲ୍ଟ ଆସିବା କଥା ୧୬୦/୧୮୦ ଭୋଲ୍ଟ ବିଦ୍ୟୁତ୍ ଆସୁଛି। ପୁଣି ଟ୍ରାନ୍ସଫର୍ମରଠାରୁ ଦୂରରେ ଥିବା ଉପଭୋକ୍ତା ନିକଟରେ ବିଦ୍ୟୁତ୍ ପହଞ୍ଚିଲା ବେଳକୁ ସେ ୯୦/୧୦୦ ଭୋଲ୍ଟ ବିଦ୍ୟୁତ୍ ଉପଲବ୍ଧ ହେଉଛି। ଦିନକୁ ଦିନ ଓଭରଲୋଡ୍ ବୃଦ୍ଧି ପାଉଥିବା ଦୃଷ୍ଟିରୁ ବିଭାଗୀୟ ଅଧିକାରୀମାନେ ବାଧ ହୋଇ ବିଭିନ୍ନ ଗ୍ରୀଡ୍ ସହିତ ସଂଯୋଗ କରିବାର ସୁବିଧା ରଖି ଗୋଟିଏପଟୁ ଖରାପ ହେଲେ ନିରବଚ୍ଛିନ୍ନ ବିଦ୍ୟୁତ୍ ପ୍ରଦାନ ପାଇଁ ଅନ୍ୟ ପଟୁ ବିଦ୍ୟୁତ୍ ସଂଯୋଗ କରିବାର ସୁବିଧା ରଖିଛନ୍ତି। ଏବେ ଓଭର୍‌ଲୋଡ୍ କାରଣରୁ ବିଭିନ୍ନ ପଞ୍ଚାୟତକୁ ଅଲଗା ଅଲଗା ଗ୍ରୀଡ୍‌ରୁ ବିଦ୍ୟୁତ୍ ସଂଯୋଗ କରିଥିବାରୁ କାହାକୁ ସୁବିଧା ହେଉଛି ତ କାହାକୁ ଅସୁବିଧା ହେଉଥିବା ଦେଖାଯାଇଛି।

> ➤ ଖୋର୍ଦ୍ଧା ଗ୍ରୀଡ୍‌ରୁ ୩୩ କେଭି ସପ୍ଲାଏ ହେଉନି
> ➤ କଳକାରଖାନାକୁ ବିଦ୍ୟୁତ୍ ସଂଯୋଗ ବଢୁଛି
> ➤ ବିଦ୍ୟୁତ୍ ଚୋରି ରୋକିବା ଓ ମେଣ୍ଟେନାନ୍ସ ସଠିକ୍ ହୋଇପାରୁନି
> ➤ ଲୋଡ୍ କାପାସିଟି ବଢ଼ାଇବାକୁ ଉଚ୍ଚ କ୍ଷମତା ସମ୍ପନ୍ନ ତାର ବଦଳାଇବା ଆବଶ୍ୟକ

ବର୍ଷେ ତଳେ ସରପାରୀ, ଅଚ୍ୟୁତପୁର, ଟାଙ୍କୋଳ ଓ ଛଣଗିରି, ହଜ ପଞ୍ଚାୟତକୁ ଜଂକିଆ ଗ୍ରୀଡ୍ ବଦଳରେ ଭୂଷଣ୍ଡପୁର ଗ୍ରୀଡ୍‌ରୁ ସଂଯୋଗ କରାଯିବାରୁ ବାରମ୍ବାର ବିଦ୍ୟୁତ୍ ସରବରାହ ବିଭ୍ରାଟ ଘଟୁଥିବା ଦର୍ଶାଇ ଜଂକିଆ ଉପଖଣ୍ଡ କାର୍ଯ୍ୟାଳୟରେ ବିକ୍ଷୋଭ କରିଥିଲେ। ସେହିପରି ନିରାକାରପୁରକୁ ଚାନ୍ଦପୁର ସହିତ ସଂଯୋଗ କରିଥିବାରୁ ଭଲ ଭୋଲ୍ଟେଜ୍ ରହୁଥିଲା। ଏବେ ପୁନର୍ବାର ନୟାଗଡ଼ ପଟେ କିଛି ଅସୁବିଧା ହେବାରୁ ଚାନ୍ଦପୁର ଗ୍ରୀଡ୍ ନୟାଗଡ଼ ପଟକୁ ବିଦ୍ୟୁତ୍ ଦିଆଯାଉଥିବାରୁ ନିରାକାରପୁରକୁ ଜଂକିଆ ସହିତ ସଂଯୋଗ କରିବାରୁ ଅତ୍ୟଧିକ ଲୋ-ଭୋଲ୍ଟେଜ୍ ରହିଥିବାର ଦେଖିବାକୁ ମିଳୁଛି। ଉପଭୋକ୍ତା ସଂଖ୍ୟାକୁ ଦେଖି ଯେଉଁ ସ୍ଥାନରେ ୫୦୦ କେଭି ଟ୍ରାନ୍ସଫର୍ମର ଲାଗିଥିବାବେଳେ ପୂର୍ବରୁ ବିଦ୍ୟୁତ୍ ତାର ୭୦ ଏମ୍‌ଏମ୍ ସ୍କୋୟାର ଲାଗିଛି। ଯାହାକି ଲୋଡ୍ ନେବାରେ ଅକ୍ଷମ। ତେଣୁ ସେଗୁଡ଼ିକ ପରିବର୍ତ୍ତନ କରାଯାଇ ୯୦/୯୫ ଏମ୍‌ଏମ୍ ସ୍କୋୟାର ତାର ଲଗାଇବାକୁ ଦାବି ହେଉଛି। ବିଦ୍ୟୁତ୍ ଚୋରି ରୋକିବା ଓ ମେଣ୍ଟେନାନ୍ସ ସଠିକ୍ ହୋଇପାରୁ ନ ଥିବା ଲୋ-ଭୋଲ୍ଟେଜ୍‌ର ଅନ୍ୟ ଏକ କାରଣ ହୋଇଥିବାବେଳେ ଏ ବିଷୟରେ ବିଦ୍ୟୁତ୍ ଅଧିକାରୀଙ୍କୁ ପଚାରିବାରୁ ଅତ୍ୟଧିକ ଓଭରଲୋଡ୍ ଏସବୁ ସମସ୍ୟା ବୃଦ୍ଧି କରିଛି। ଏହାର ସମାଧାନ ଦିଗକୁ ବିଭାଗ ଦୃଷ୍ଟି ରଖିଛି। ଗ୍ରୀଷ୍ମ ଋତୁ ପରେ କେତେକାଂଶରେ ଏହାର ସମାଧାନ ହୋଇଯିବ ବୋଲି ସେ ଆଶା କରିଛନ୍ତି।

● ବଚସାରୁ ଲଙ୍କାକାଣ୍ଡ; ଖଣ୍ଡା ଚୋଟରେ ଜଣଙ୍କ ମୃତ୍ୟୁ ଘଟଣା

# ହତ୍ୟାକାରୀ ପୁଅ ଓ ବାପା ବ୍ରହ୍ମଗିରିରୁ ଗିରଫ

ଟାଙ୍ଗୀ,୨୫।୫(ସମିସ): ଶନିବାର ଏକ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରି ହତ୍ୟା ଘଟଣାରେ ସମ୍ପୃକ୍ତ ବାପ-ପୁଅଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ରବିବାର ଟାଙ୍ଗୀ ଆଇଆଇସି ରବିନ୍ଦ୍ର ଭୂଜବଳଙ୍କ ସମେତ ଏକ ଟିମ୍ ଡିଗିରିସାହିର ଗୋପି ବେହେରା ଓ ତାଙ୍କ ବାପା ରଘୁ ବେହେରାଙ୍କୁ ବ୍ରହ୍ମଗିରି ଅଞ୍ଚଳରୁ ଗିରଫ କରିଥିବାବେଳେ ତାଙ୍କ ବିରୋଧରେ ୩୭୦/୨୫ରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ନିଜେ ଆଇଆଇସି ଶ୍ରୀ ଭୂଜବଳ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଶନିବାର ରାତି ୯ଟାରେ ଟାଙ୍ଗୀ ଥାନା ଅଧୀନସ୍ଥ ଜରିପଡ଼ା ପାଣିଦୁଆର ଛକରେ କୈଳାସ ସାହୁ ଠେଲାଗାଡ଼ିରେ ଜଳଖିଆ ବେପାର କରୁଥିଲେ। ଏହି ସମୟରେ ମଦପିଇ ଡିଗିରିସାହିର ଗୋପି ବେହେରା ଜଳଖିଆ ଖାଇ ପଇସା ଦେଇ ନ ଥିଲା। ଏହି ଘଟଣାକୁ ନେଇ କୈଳାସ ଓ ଗୋପିଙ୍କ ମଧ୍ୟରେ ବଚସା ଲାଗିଥିବାବେଳେ ସେଠାକୁ ରବି ବେହେରାଙ୍କ ପୁଅ ଅରବିନ୍ଦ ବେହେରା (୩୦) ପହଞ୍ଚି କାହିଁକି ପାଟିତୁଣ୍ଡ କରୁଛ କହି ସମାଧାନ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଗୋପି ଉତ୍ୟକ୍ତ ହୋଇ ଅରବିନ୍ଦ ସହିତ ଝଗଡ଼ା କରିବା ସହ ଘରକୁ ଯାଇ ଏକ ଖଣ୍ଡା ଆଣି ଅରବିନ୍ଦଙ୍କ ମୁଣ୍ଡକୁ ହାଣି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଅରବିନ୍ଦଙ୍କର ମୃତ୍ୟୁ ହୋଇଥିଲା। ଆମ୍ବୁଲାନ୍ସ ଯୋଗେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅରବିନ୍ଦଙ୍କ ମୃତଦେହକୁ ଅଣାଯାଇ ରବିବାର ବ୍ୟବଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ହତ୍ୟାକାରୀ ଗୋପି ଓ ତା' ବାପା ରଘୁ କେଉଁଆଡ଼େ ଫେରାର୍ ହୋଇଯାଇଥିଲେ। ରବିବାର ଉଭୟଙ୍କୁ ବ୍ରହ୍ମଗିରି ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଟ୍ରକ୍ ପଛକୁ ଧକ୍କା ଦେଲା କଣ୍ଟେନର; ଚାଳକ ମୃତ



ବାଲୁଗାଁ,୨୫।୫(ସମିସ):

୧୬ନଂ ଜାତୀୟ ରାଜପଥର ନାଚୁଣୀ ଥାନା ଅନ୍ତର୍ଗତ କଉଡ଼ିଖଣି ଛକ ନିକଟରେ ଶନିବାର ରାତିରେ ଏକ ଟ୍ରକ୍ ପଛକୁ ଏକ କଣ୍ଟେନର ଧକ୍କା ଦେଇଛି। ଫଳରେ କଣ୍ଟେନର ଚାଳକଙ୍କର ମୃତ୍ୟୁ ହୋଇଥିବାବେଳେ ଘଟଣାସ୍ଥଳରେ ଜାତୀୟ ରାଜପଥ ଅବରୋଧ ହୋଇ ଯାନବାହନ ଚଳାଚଳରେ ବ୍ୟାଘାତ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାତାୟାତ ସ୍ୱାଭାବିକ କରିଛି।

ସୂଚନା ମୁତାବକ, କଉଡ଼ିଖଣି ଛକ ନିକଟରେ ଶନିବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଏକ ଟମାଟୋ ବୋଝେଇ ଟ୍ରକ୍ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଛିଡ଼ା ହୋଇଥିବାବେଳେ ସେହି ସମୟରେ ଅନ୍ୟ ଏକ କଣ୍ଟେନର ଦୃତଗତିରେ ଆସି ଭାରସାମ୍ୟ ହରାଇ ଟ୍ରକ୍‌ର ପଛ ପାର୍ଶ୍ୱକୁ ଶକ୍ତ ଧକ୍କା ଦେଇଥିଲା। ଦୁର୍ଘଟଣାରେ କଣ୍ଟେନରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଚୁର୍‌ମାର୍ ହୋଇଯାଇଥିବା ବେଳେ ଚାଳକ ଗାଡ଼ି ଭିତରେ ଚାପି ହୋଇ ରହିଥିଲେ। ଦୀର୍ଘ ସମୟ ପରେ ଗଙ୍ଗାଧରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ପରିଶ୍ରମ କରି ଚାଳକଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଚିକିତ୍ସା ନିମନ୍ତେ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଡ୍ରାଇଭରଙ୍କ ପରିଚୟ ମିଳି ନ ଥିବାବେଳେ ଦୁର୍ଘଟଣା ଫଳରେ ରାସ୍ତା ଅବରୋଧ ହୋଇ ଏକ ଘଣ୍ଟା ଧରି ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ନାଚୁଣୀ ପୁଲିସ ପହଞ୍ଚି ରାସ୍ତାରେ ଯାତାୟାତକୁ ସ୍ୱାଭାବିକ କରି ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି। ସୂଚନାଥାଉ କି, କଉଡ଼ିଖଣି ଛକ ନିକଟରେ ବାରମ୍ବାର ଦୁର୍ଘଟଣା ଘଟି ଧନ ଜୀବନ ହାନୀ ହେଉଥିବାବେଳେ ସେଠାରେ ଏକ ଅଣ୍ଡରପାସ୍ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

# 'ସାହିତ୍ୟିକ ପ୍ରଫୁଲ୍ଲ ବିଶ୍ୱାଳ ଥିଲେ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ'

ଖୋର୍ଦ୍ଧା,୨୫।୫(ସମିସ):

ଖୋର୍ଦ୍ଧା ପ୍ରାଣନାଥ କଲେଜ ବାଣିଜ୍ୟ ବିଭାଗର ପୂର୍ବତନ ପ୍ରାଧ୍ୟାପକ ତଥା କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳଙ୍କ ଏକାଦଶାହ ସ୍ମୃତିସଭା ଖୋର୍ଦ୍ଧା ପି.ଏନ୍. କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭୋଗରାଇର ବିଧାୟକ ଗୌତମ ବୁଦ୍ଧ ଦାସ, ଅନ୍ତରଙ୍ଗ ସହପାଠୀ ବାଲେଶ୍ୱରର ଆଶିଷ ଦାଶ, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ଶିକ୍ଷାବିତ୍ ତଥା ସାହିତ୍ୟିକ କୀର୍ତ୍ତନ ବିହାରୀ ଦାଶ, କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ପ୍ରାକ୍ତନ ଅଧ୍ୟକ୍ଷ ଦିବାକର ପଟ୍ଟନାୟକ, ଡ. ଏମ୍.ଭୀମାରାଓ, ଡ. ଶଶାଙ୍କ ଶେଖର ରଥ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଡ. ଗୌରୀଶଙ୍କର ପ୍ରହରାଜ, ଦେବ ପ୍ରସାଦ ମଜୁମ୍‌ଦାର, ପ୍ରାଧ୍ୟାପକ ଜ୍ଞାନେନ୍ଦୁ ମହାପାତ୍ର, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଡ. ବ୍ରଜବନ୍ଧୁ ପଡ଼ିଆରୀ, ଡ. ଚୌଧୁରୀ ପି.କେ. ଦାଶ, ପ୍ରାଧ୍ୟାପକ ରାଧା ବିନୋଦ ଦାସ କାନୁନ୍‌ଗୋ, ପ୍ରାକ୍ତନ ଅଧ୍ୟକ୍ଷ ସୁଧୀର କୁମାର କର, ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଡ. ଜ୍ଞାନେନ୍ଦୁ ମହାପାତ୍ର, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡ. ଭାବଗ୍ରାହୀ ବିଶ୍ୱାଳ, ଡ. ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସୁବୋଧ ଚନ୍ଦ୍ର ପ୍ରହରାଜ, ପ୍ରାଧ୍ୟାପକ ସୁଧୀର କୁମାର ଦାସ, ଡ. ତତ୍ୱମସୀ ପାଲଟାସିଂହ, ସୁଷମା ନାଥଶର୍ମା, ଡ. ଦିଲ୍ଲୀପ ବେହେରା ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଡ. ଦୁଷ୍ମନ୍ତ କୁମାର ରାଉତରାୟ ସଭା ପରିଚାଳନା କରିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନା କରିଥିଲେ। ଏହି ସଭାରେ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳଙ୍କ ଉପରେ 'ସ୍ମୃତିରେଣୁ' ନାମରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ବିଶ୍ୱାଳଙ୍କ ପୁତ୍ର ଆୟନ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱର୍ଗତ ବିଶ୍ୱାଳଙ୍କ ଧର୍ମପତ୍ନୀ ଧରିତ୍ରୀ ଦେବୀ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୌମ୍ୟକାନ୍ତ ସୌମ୍ୟଦର୍ଶୀ, ଶୁଭଲକ୍ଷ୍ମୀ ବିଶ୍ୱାଳ, କାଜଲ ପ୍ରସାଦ, ଅଲିଭା ଶିଖା, ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ସହଯୋଗ କରିଥିଲେ।




# କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଟାଙ୍ଗୀ,୨୫।୫(ସମିସ): ଟାଙ୍ଗୀ ଥାନା ଅଧୀନସ୍ଥ ପାରିଓରଡ ପଞ୍ଚାୟତର ଟୁଟୁମ୍ବପଲ୍ଲୀ ଗଦାଧର ମୁଦୁଲିଙ୍କ ପୁଅ ବୁଲୁ ମୁଦୁଲି(୩୬)ଙ୍କ ମୃତଦେହ ରବିବାର ମଧ୍ୟାହ୍ନରେ ଏକ କୂଅରୁ ଟାଙ୍ଗୀ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିବା ଜଣାପଡ଼ିଛି। ଶନିବାର ରାତିରେ ଘରେ ସମସ୍ତେ ଖାଇପିଇ ଶୋଇଥିଲେ। ସକାଳୁ ବୁଲୁଙ୍କୁ ଘରେ ନ ପାଇ ଚାରିଆଡ଼େ ଖୋଜାଖୋଜି କରି ନ ପାଇ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ତେବେ ଗ୍ରାମ ନିକଟସ୍ଥ କୂଅରୁ ବୁଲୁଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିବାବେଳେ ଟାଙ୍ଗୀ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି ଜଳଯୋଗାଣ ପ୍ରକଳ୍ପ

ବେଗୁନିଆ,୨୫।୫(ସମିସ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ 'ବସୁଧା' ଯୋଜନାରେ ଜନସାଧାରଣଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ଯୋଗାଣ ହୋଇଛି। ଏପରିକି ପ୍ରତି ଗ୍ରାମରେ ଗୋଟିଏ ଲେଖାଏଁ ପମ୍ପ୍ ହାଉସ ସହ ପାଣି ଟାଙ୍କିର ବ୍ୟବସ୍ଥା



କରାଯାଇ ପାନୀୟଜଳକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଯୋଗାଣ କରାଯାଇଛି। ତେବେ ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଜଳଯୋଗାଣ ପ୍ରକଳ୍ପ ପରିସରଟି ଅନାବନା ଘାସରେ ପରିପୂର୍ଣ୍ଣ ହୋଇଥିବାବେଳେ ଟାଙ୍କି ଉପର ଘୋଡ଼ଣି ନ ଥିବାର ଦେଖିବାକୁ ମିଳୁଛି। ଫଳରେ ପବନ ହେଲେ ଧୂଳି ଧୂସର, ସରୀସୃପ, ପ୍ରାଣୀ ଓ ପକ୍ଷୀମାନେ ଭିତରେ ପଡ଼ିଯିବାର ଯଥେଷ୍ଟ ସମ୍ଭାବନା ରହିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସରକାର ଯେଉଁ ଉଦ୍ଦେଶ୍ୟ ନେଇ ବିଶୁଦ୍ଧ ପାନୀୟଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରିଛନ୍ତି, ଏହାର ରକ୍ଷଣାବେକ୍ଷଣ ଅଭାବରୁ ଆଗାମୀ ଦିନରେ ଜନସାଧାରଣ ଭୟାବହ ମହାମାରୀ ରୋଗରେ ଆକ୍ରାନ୍ତ ହେବେ ବୋଲି ସଚେତନ ନାଗରିକମାନେ କହିଛନ୍ତି। ଏହି ସମସ୍ୟାକୁ ତୁରନ୍ତ ସମାଧାନ ନିମନ୍ତେ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ଏଥିରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ବେହେରାଙ୍କୁ ପଚାରିବାରେ ଦୁଇ ଦିନ ମଧ୍ୟରେ ଜଳଯୋଗାଣ ପ୍ରକଳ୍ପ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ସମସ୍ୟା ସମାଧାନ କରିବେ ବୋଲି କହିଛନ୍ତି।

ବାଲିପାଟପୁର ରାମଲୀଳାର ଅଷ୍ଟମ ସନ୍ଧ୍ୟା

# ସୁଗ୍ରୀବଙ୍କ ସହିତ ଶ୍ରୀରାମଙ୍କ ମିତ୍ରତା, ବାଳୀ ବଧ ମଞ୍ଚସ୍ଥ

ଖୋର୍ଦ୍ଧା/ଭୂଷଣ୍ଡପୁର,୨୫।୫(ସମିସ): ବାଲିପାଟପୁର ରଘୁନାଥ ଦେବ ନାଟ୍ୟ ସଂସଦ ପକ୍ଷରୁ ୭୭ତମ ବାର୍ଷିକ ରାମଲୀଳା ନାଟକ ପରିବେଷିତ ହେଉଛି। ଅଷ୍ଟମ ସନ୍ଧ୍ୟାରେ ସୀତାଙ୍କ ମୁକ୍ତି ପାଇଁ ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ଭକ୍ତ ହନୁମାନଙ୍କ ସହାୟତାରେ ବାନର ରାଜା ସୁଗ୍ରୀବଙ୍କ ସହ ମିତ୍ରତା ସ୍ଥାପନ କରିବା ସହ ବାଳୀକୁ ବଧ କରି ସୁଗ୍ରୀବଙ୍କୁ କିଷ୍କିନ୍ଧା ସିଂହାସନରେ ଅଭିଷିକ୍ତ କରିଥିବାର ଦୃଶ୍ୟ ପରିବେଷିତ ହୋଇଛି। ଏହି ଅପରୂପ ଦୃଶ୍ୟ ଦେଖିବା ପାଇଁ ମଞ୍ଚ ନିକଟରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଝିରେ ମଝିରେ ଜୟ ଶ୍ରୀରାମ ନାରା ଶୁଣିବାକୁ ମିଳୁଥିଲା।



ପରିବେଷିତ ବାଳୀବଧ ନାଟକକୁ ବାଲିପାଟପୁରର ସମସ୍ତ ଯୁବ କଳାକାର ନାଟକୀୟ ଢଙ୍ଗରେ ମଞ୍ଚସ୍ଥ କରିଥିବାବେଳେ ରବୀନ୍ଦ୍ର ସାମନ୍ତରା, ବାବନ ମହାରଣା, ଦିଲ୍ଲୀପ ପ୍ରଧାନ, ରଙ୍କନାଥ ବିଶ୍ୱାଳ, ଶରତ ପଲାଇ ପ୍ରମୁଖ ପରିଚାଳନା କରିଥିଲେ।

# ୩୦ରୁ କୁଶପଲା ଶୀତଳଷଷ୍ଠୀ ମହୋତ୍ସବ

ବେଗୁନିଆ,୨୫।୫(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ କୁଶପଲା ଗ୍ରାମର ମା' ଜାଗେଶ୍ୱରୀ ମନ୍ଦିର ପରିସରରେ ଶୀତଳଷଷ୍ଠୀ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଆସନ୍ତ ୩୦ରୁ ଆରମ୍ଭ ହୋଇ ୩ ତାରିଖରେ ଶେଷ ହେବ। ଏ ନେଇ ପ୍ରସ୍ତୁତି ବୈଠକରେ ଗ୍ରାମ୍ୟ କମିଟି ସଭାପତି ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ, ଉପସଭାପତି ଧିରନ ପାତ୍ର, ସମ୍ପାଦକ ଲଡୁ କିଶୋର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଦୟାନ ଖାଁଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ରହି ମହୋତ୍ସବକୁ ସଫଳ କରିବା ପାଇଁ ମତାମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁଇ ଦିନ ମୁକ୍ତମଞ୍ଚ ନାଟକ ଓ ତିନି ଦିନ ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ୧୨ଟି ଦଳ ଭାଗ ନେଇ ନୃତ୍ୟ ଓ ଗୀତ ପରିବେଷଣ କରିବେ ବୋଲି ଅନୁଷ୍ଠାନର ସଦସ୍ୟମାନେ ସୂଚନା ଦେଇଛନ୍ତି।

# ଫଳ ଦର ଆକାଶଛୁଆଁ; ଚିନ୍ତାରେ ଗ୍ରାହକ

ବାଲୁଗାଁ,୨୫।୫(ସମିସ): ସାବିତ୍ରୀ ବ୍ରତ ପାଇଁ ଆମ୍ବ, ପଣସ, ନଡ଼ିଆ, କଦଳୀ, ସେଓ, ସପୁରୀ, ଖଜୁରୀ, ତାଳ ସମେତ ବିଭିନ୍ନ ଫଳମୂଳ ଖୋଜା ପଡ଼ିଥିବାବେଳେ ସାବିତ୍ରୀ ଓଷା ପାଇଁ ବାଲୁଗାଁ ବାଣପୁର ଅଞ୍ଚଳର ବଜାରରେ ଶାଢ଼ି, ଚୁଡ଼ି ଆଦି ଦୋକାନରେ ପ୍ରବଳ ଭିଡ଼ ଜମିଛି। ଏଥିସହ ଆମ୍ବ, କଦଳୀ, ତାଳସଜ, ସପୁରୀ, ଖଜୁରୀ କୋଳି ଓ ପଣସ ଆଦି



ଫଳମୂଳର ପସରା ମେଲିଛି। ହେଲେ ଫଳମୂଳର ଆକାଶଛୁଆଁ ଦର ଦେଖି ସତ୍ୟବାନ ଛାନିଆ ହୋଇ ପଡ଼ିଛନ୍ତି। ଗତ କିଛି ବର୍ଷ ହେବ ଫଳର ଦରଦାମ୍ ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ଗ୍ରାହକଙ୍କ ଚିନ୍ତାର କାରଣ ପାଲଟିଥିବା ବେଳେ ୫ଶହ ଟଙ୍କାରେ ବ୍ୟାଗ୍ ଭର୍ତ୍ତି କରିବା କଷ୍ଟକର ହୋଇପଡୁଛି। ଦୁର୍ବିପାକ ଯୋଗୁଁ ଆମ୍ବ, କଦଳୀ, ଲିଚୁ, କମଳା ଓ ପଣସ ଚାଷୀଙ୍କ ଫସଲ ପ୍ରାୟତଃ ନଷ୍ଟ ହୋଇଯାଇଥିବା ଫଳରେ ବଜାରରେ ଏହାର ପ୍ରଭାବ ଦେଖାଯାଇଛି। ଆଉ ଯେଉଁ ପରିମାଣରେ ଆମ୍ବ, ପଣସ, କଦଳୀ ବଜାରକୁ ବିକ୍ରି ନିମନ୍ତେ ଆସୁଛି ତାହା ଅଞ୍ଚଳବାସୀଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ଫଳରେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରର କଦଳୀ ଏବଂ ଆମ୍ବର ଚାହିଦା ବଢ଼ିଥିବା ସହ ବିପୁଳ ପରିମାଣରେ ବିକ୍ରି ହେଉଛି। ଚମ୍ପା କଦଳୀରେ ବ୍ୟବସାୟୀଙ୍କ କମ୍ ଲାଭ ମିଳୁଥିବା ଯୋଗୁଁ ସେମାନେ ଚମ୍ପା କଦଳୀର କୃତ୍ରିମ ଅଭାବ ରହିଥିବା କୁହାଯାଉଛି। ଯାହା ଫଳରେ ଲୋକେ ବାଧ ହୋଇ ଅମୃତପାଣି କଦଳୀ ଅଧିକ ଦର ଦେଇ କିଣୁଥିବା ଦେଖାଯାଇଛି।

ଚାହିଦାକୁ ଲକ୍ଷ୍ୟରେ ରଖି ଦୋକାନୀମାନେ ମଧ ଚଢ଼ା ଦରରେ ତଥା ଦେଶୀ କଦଳୀ ଡଜନକୁ ୧୫୦ ଟଙ୍କାରେ ବିକ୍ରି କରୁଥିବାବେଳେ ସାଧାରଣ ଚମ୍ପା କଦଳୀ ଡଜନ ୮୦ ଟଙ୍କାରେ ବିକ୍ରି କରୁଛନ୍ତି। ବଜାରରେ ଦେଶୀ ଆମ୍ବର ଦର କିଲୋପିଛା ୫୦ରୁ ୬୦ ଟଙ୍କା ଥିବାବେଳେ ଉନ୍ନତମାନର ଆମ୍ବ ଯଥା- ବାଇଗଣପଲେଇ ୭୦ରୁ ୯୦, ସୁନ୍ଦରୀ ୯୦ରୁ ୧୦୦ ଏବଂ ଦୋଷରୀ ୧୧୦ ଟଙ୍କାରୁ କମ୍‌ରେ ମିଳୁନି। ପଣସ ଦର ଆକାରକୁ ନେଇ ନିର୍ଦ୍ଧାରିତ ହୋଇଛି। ୬୦ ଟଙ୍କାରୁ ଆରମ୍ଭ କରି ୩୦୦ ଟଙ୍କା ଯାଏଁ ଦରରେ ପଣସ ବିକ୍ରି ହେଉଛି। ବଜାରରେ ତାଳ ଗୋଟାକୁ ୨୦ରୁ ୩୦ ଟଙ୍କା ଏବଂ ଖଜୁରୀ କୋଳି ପ୍ୟାକେଟ୍ ୩୦ରୁ ୧୫୦ ଟଙ୍କା, ଲିଚୁ କୋଳି ୨୦୦ରୁ ୨୫୦, ଜାମୁ କୋଳି ୨ଟାକୁ ୫ଟଙ୍କା, ସେଓ କେଜି ୨୦୦ରୁ ୩୦୦ ଟଙ୍କା, ରେଡ୍ ଗ୍ଲୋବ୍ ଅଙ୍ଗୁର କିଲୋ ପିଛା ୨୫୦, ଚମନ ଅଙ୍ଗୁର ୧୪୦ରୁ ୧୮୦, କମଳା ୧୦୦ରୁ ୧୫୦, ଡାଳିମ୍ବ ୨୦୦ରୁ ୩୦୦, ତରଭୁଜ ୨୫ରୁ ୩୫ ଟଙ୍କା, ନଡ଼ିଆ ଗୋଟାକ ୩୦ରୁ ୪୦ ଟଙ୍କା ଏବଂ ସପୁରୀ ଗୋଟାକ ୪୦ରୁ ୫୦ ଟଙ୍କା ଦରରେ ବିକ୍ରି କରିବାକୁ ବାଧ ହେଉଥିବା ବ୍ୟବସାୟୀମାନେ କହିଛନ୍ତି। ବ୍ୟବସାୟୀଙ୍କ କହିବା ମୁତାବକ, ବର୍ତ୍ତମାନ ବଜାରରେ ଚାହିଦା ଅନୁଯାୟୀ ଅଭାବ ଯୋଗୁଁ ଏପରି ଦରଦାମ୍ ବୃଦ୍ଧି ପାଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଫଳଦର ତିନିଗୁଣା ବୃଦ୍ଧି ପାଇଛି। ଏଭଳି ଦର ଦେଖି ଗ୍ରାହକ ଛାନିଆ ହୋଇ ଚିନ୍ତାରେ ପଡ଼ିଛନ୍ତି। ହେଲେ ଅନ୍ୟ କିଛି ଉପାୟ ନ ପାଇ ବାଧ ହୋଇ ଫଳ କିଣୁଛନ୍ତି ଲୋକେ।

ଆଜି ସାବିତ୍ରୀ ବ୍ରତ; ଶାଢ଼ି, ଷ୍ଟେସନାରୀ ଦୋକାନରେ ଭିଡ଼

# ଫୁଲଠୁ ଫଳ ସବୁ ମହରଗ

ଖୋର୍ଦ୍ଧା,୨୫।୫(ସମିସ):

ସୋମବାର ସାବିତ୍ରୀ ଅମାବାସ୍ୟା। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ଏହି ବ୍ରତ କାହିଁ କେଉଁ କାଳରୁ ପାଳନ କରିଆସୁଛନ୍ତି। ସାବିତ୍ରୀ ବ୍ରତ ପାଇଁ ଏବେ ଘରେ ଘରେ ବିଭିନ୍ନ ସାମଗ୍ରୀ କିଣାବିକାରେ ମାହୋଲ। ତେଣୁ ସାବିତ୍ରୀ ବଜାରରେ ଲାଗିଛି ଭିଡ଼। ଶାଢ଼ି, ଚୁଡ଼ିଠାରୁ ଆରମ୍ଭ କରି ଫଳ ବଜାର ସବୁଠି ଅସମ୍ଭାଳ ଭିଡ଼ ଜମିଛି। ମଧ୍ୟବିତ୍ତ ଶ୍ରେଣୀର ସାବିତ୍ରୀମାନଙ୍କ ପାଇଁ ବିଭିନ୍ନ ସାମଗ୍ରୀ କ୍ରୟ କରି ସତ୍ୟବାନମାନଙ୍କ ପକେଟ ଢିଲା ହୋଇପଡ଼ିଲାଣି। ବଜାରରେ ଶାଢ଼ି, ଚୁଡ଼ି, ଫଳଠୁ ଫୁଲ ଯାଏଁ ସବୁ ମହରଗ। ଏ ଦୋକାନ ସେ ଦୋକାନ ବୁଲାବୁଲି କରି ଅଧିକାଂଶ ସତ୍ୟବାନ ହାଲିଆ ହୋଇଗଲେଣି। କିଏ ଝିଅ ଘରକୁ ଭାର ପଠାଇବାକୁ ବ୍ୟସ୍ତ ତ ଆଉ କିଏ ନିଜ ପାଇଁ ସାବିତ୍ରୀ ବ୍ରତ ଆବଶ୍ୟକୀୟ ସାମଗ୍ରୀ କ୍ରୟ ପାଇଁ ବ୍ୟସ୍ତ। ଚଳିତ ବର୍ଷ ସବୁ ଜିନିଷର ଦରବୃଦ୍ଧି ହୋଇଥିଲେ ବି ବଜାରରେ ଗହଳି କମିବା ଦେଖାଯାଉନାହିଁ। ପ୍ରଥା ଓ ପରମ୍ପରା ପଛରେ ପଡ଼ିଯାଇଛି ଦରବୃଦ୍ଧି। ଧନୀ, ଗରିବ ସବୁ ବର୍ଗର ମହିଳାମାନେ ନିଜ ନିଜର ସମ୍ବଳ ଅନୁସାରେ ସାବିତ୍ରୀ ବଜାରରେ କିଣାକିଣି କରୁଥିବା ଦେଖିବାକୁ ମିଳୁଛି। ତେଣୁ ସହରର ବିଭିନ୍ନ ମାର୍କେଟ୍, ମଲ୍‌ଠାରୁ ଆରମ୍ଭ କରି ଗଳିକନ୍ଦିର ଜମିଛି ଗହଳି।




ସହରର ବିଭିନ୍ନ ଲୁଗା ଦୋକାନଠାରୁ ଆରମ୍ଭ କରି ଫଳ ଦୋକାନଗୁଡ଼ିକରେ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି। ଶାଢ଼ି ଦୋକାନୀମାନେ ମଧ ବିଭିନ୍ନ ଆକର୍ଷଣୀୟ ଅଫର ମାଧ୍ୟମରେ ଗ୍ରାହକଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି। ମହିଳାମାନେ ସାଙ୍ଗସାଥୀ ହୋଇ ଆସି ଶାଢ଼ି ଓ ପ୍ରସାଧନ ସାମଗ୍ରୀ କିଣୁଛନ୍ତି। ପ୍ରାୟତଃ ଶାଢ଼ି, ଶଙ୍ଖା, ସିନ୍ଦୂର ଦୋକାନରେ ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହେଉଛି। କେବଳ ଶାଢ଼ି ଦୋକାନ ନୁହେଁ ଲେଡିଜ୍ କର୍ଣ୍ଣର ଓ ଷ୍ଟେସନାରୀ ଦୋକାନଗୁଡ଼ିକରେ ମଧ୍ୟ ଚୁଡ଼ି, ସିନ୍ଦୂର ଭଳି ପ୍ରସାଧନ ସାମଗ୍ରୀ କ୍ରୟ ପାଇଁ ଭିଡ଼ ଜମୁଛି। ସାବିତ୍ରୀ ବ୍ରତ ସମୟରେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି କେତେକ ବ୍ୟବସାୟୀ ବିଭିନ୍ନ ଆକର୍ଷଣୀୟ ରଙ୍ଗର ଚୁଡ଼ି ବିଭିନ୍ନ ଅଞ୍ଚଳରୁ ଆଣି ସୁଲଭ ମୂଲ୍ୟରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ସକାଳେ ବଜାରରେ ଗହଳି ଲାଗି ରହିଥିଲାବେଳେ ସନ୍ଧ୍ୟାରେ ପାଗରେ ପରିବର୍ତ୍ତନ ହେବାରୁ କିଣାବିକା ବି ଭଲ ଜମିଥିବା ଦେଖାଯାଇଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୦୬ ● ପାଉଣ୍ଡ ୧୧୫.୩୭
- ୟୁରୋ ୯୭.୦୫ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୦,୯୫୦ (ନୂଆଦିଲ୍ଲୀ)
- ରୁପା : ୯୯,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୭୨୧.୦୦
- ନିଫ୍ଟି ୨୪,୮୫୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



● ବିଶ୍ୱ ବ୍ୟାଙ୍କ ରିପୋର୍ଟ

## ଜିଏସ୍‌ଟି ପାକିସ୍ତାନରେ ଦାରିଦ୍ର୍ୟ ବୃଦ୍ଧି ବଡ଼ କାରଣ

ଇସ୍‌ଲାମାବାଦ,୨୫।୫(ଏଜେନ୍ସି): ବିଶ୍ୱ ବ୍ୟାଙ୍କର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ଦାରିଦ୍ର୍ୟ ବୃଦ୍ଧିର ଅନ୍ୟତମ ବଡ଼ କାରଣ ହେଉଛି ସାଧାରଣ ବିକ୍ରି ଟିକସ (ଜିଏସ୍‌ଟି) । ଯେତେବେଳେ କି ଗରିବ ପରିବାର ପାଇଁ ଏକ ମାସିକ ନଗଦ ସ୍ଥାନାନ୍ତର କାର୍ଯ୍ୟକ୍ରମ, ବେନଜିର ଆୟ ସହାୟତା କାର୍ଯ୍ୟକ୍ରମ (ବିଆଇଏପି) ଅସମାନତା ହ୍ରାସ କରିବାରେ ସର୍ବାଧିକ ସକାରାତ୍ମକ ପ୍ରଭାବ ପକାଇଥାଏ। ବିଶ୍ୱ ବ୍ୟାଙ୍କ ରିପୋର୍ଟ 'ପାକିସ୍ତାନରେ ଅସମାନତା ଏବଂ ଦାରିଦ୍ର୍ୟ ଉପରେ ଟିକସ ଏବଂ ସ୍ଥାନାନ୍ତରର ପ୍ରଭାବ' ଅନୁଯାୟୀ, ଜିଏସ୍‌ଟି ପେମେଣ୍ଟ ପରିବାରର ଟିକସ-ପୂର୍ବ ଖର୍ଚ୍ଚର ୭ପ୍ରତିଶତରୁ ଅଧିକ ନେଇଥାଏ, ଯାହା ଗରିବ ଏବଂ ଦୁର୍ବଳ ପରିବାର ମଧ୍ୟରେ ଆହୁରି ଦାରିଦ୍ର୍ୟ ଆଣିଥାଏ। ରିପୋର୍ଟରେ ଆକଳନ କରାଯାଇଛି ଯେ ଦେଶର ଜାତୀୟ ଦାରିଦ୍ର୍ୟ ବୃଦ୍ଧିରେ ଜିଏସ୍‌ଟିରଯୋଗଦାନ ସର୍ବାଧିକ। ବିଶ୍ୱ ବ୍ୟାଙ୍କ ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନରେ ପ୍ରାକ୍-ପ୍ରାଥମିକ ଏବଂ ପ୍ରାଥମିକ ଶିକ୍ଷା ଖର୍ଚ୍ଚ ଏହି ଅସମାନତା ଉପରେ ଦ୍ୱିତୀୟ ସର୍ବାଧିକ ପ୍ରଭାବ ପକାଇଥାଏ। ସେହି ସମୟରେ, ଗରିବ ପରିବାରକୁ ମାସିକ ନଗଦ ସହାୟତା ପ୍ରଦାନ କରୁଥିବା ବିଆଇଏପି ଅସମାନତା ହ୍ରାସ କରିବାରେ ସବୁଠାରୁ ବଡ଼ ସକାରାତ୍ମକ ଅବଦାନ ଦେଉଛି। ବିଶ୍ୱ ବ୍ୟାଙ୍କ ପରାମର୍ଶ ଦେଇଛି ଯେ ପାକିସ୍ତାନକୁ ଅଧିକ ଆର୍ଥିକ ସ୍ଥାନ ସୃଷ୍ଟି କରିବା ପାଇଁ ଘରୋଇ ରାଜସ୍ୱ ସଂଗ୍ରହ ଏବଂ ସାର୍ବଜନୀନ ଖର୍ଚ୍ଚର ଦକ୍ଷତାରେ ଉନ୍ନତି ଆଣିବା ଉଚିତ। ସାମାଜିକ ଖର୍ଚ୍ଚ ଏବଂ ନଗଦ ସ୍ଥାନାନ୍ତର ବୃଦ୍ଧି ପାଇଁ ଏହି ଅତିରିକ୍ତ ଆର୍ଥିକ ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯିବା ଉଚିତ। ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସେବାର ଉପଲବ୍ଧତା ଏବଂ ଗୁଣବତ୍ତା ଉନ୍ନତ କରିବା ପାଇଁ ବ୍ୟୟ ସଂସ୍କାର ମଧ୍ୟ ସୁପାରିଶ କରାଯାଇଛି।



# ଜୁଲାଇ ୮ ପୂର୍ବରୁ ଆମେରିକା ସହିତ ବାଣିଜ୍ୟ ଚୁକ୍ତି

ନୂଆଦିଲ୍ଲୀ,୨୫।୫(ଏଜେନ୍ସି):

ଭାରତ ଏବଂ ଆମେରିକା ମଧ୍ୟରେ ଜୁଲାଇ ୮ ପୂର୍ବରୁ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ହୋଇପାରେ। ଦୁଇ ଦେଶ ମଧ୍ୟରେ ଆଲୋଚନାରେ ଭାରତ ୧୦% ମୂଳ ଶୁଳ୍କ ସହିତ ୨୬% ଅତିରିକ୍ତ ଶୁଳ୍କ ହଟାଇବାର ସର୍ତ୍ତ ରଖିଛି। ଏପ୍ରିଲ ୨ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରାୟ ୫ ଡଜନ ଦେଶ ଉପରେ ପାରସ୍ପରିକ ଶୁଳ୍କ ଘୋଷଣା କରିଥିଲେ। ସେଥିରେ, ଭାରତ ଉପରେ ୨୬% ଶୁଳ୍କ ଲାଗୁ କରାଯାଇଥିଲା। ତଥାପି, ମାତ୍ର ଗୋଟିଏ ସପ୍ତାହ ପରେ ସେ ପାରସ୍ପରିକ ଶୁଳ୍କକୁ ୯୦ ଦିନ ପାଇଁ ସ୍ଥଗିତ ରଖିଥିଲେ। ସେହି ଅବଧି ଜୁଲାଇ ୯ରେ ଶେଷ ହେବ। ସମସ୍ତ ଦେଶରୁ ଆମଦାନୀ ଉପରେ ୧୦% ମୂଳ ଶୁଳ୍କ ଲାଗୁ କରାଯାଇଛି। ସରକାରୀ ଅଧିକାରୀମାନେ କହିଛନ୍ତି ଯେ ଭାରତ ଏହାର କିଛି ସମ୍ବେଦନଶୀଳ କ୍ଷେତ୍ରକୁ ସୁରକ୍ଷା ଦେବାକୁ ଚାହୁଁଛି। କୃଷି ଏବଂ ଦୁଗ୍ଧ ଭଳି କ୍ଷେତ୍ର ପାଇଁ ଆମଦାନୀ କୋଟା କିମ୍ବା ସର୍ବନିମ୍ନ ଆମଦାନୀ ମୂଲ୍ୟ (ଏମ୍‌ଆଇପି) ଲାଗୁ କରାଯାଇପାରେ।

କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ସମ୍ପ୍ରତି ବାଣିଜ୍ୟ ଆଲୋଚନା (ଭାରତ-ଆମେରିକା ବାଣିଜ୍ୟ ଆଲୋଚନା) ପାଇଁ ୱାଶିଂଟନରେ ଅଛନ୍ତି। ସେଠାରେ ସେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଏବଂ ଆମେରିକାର ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍) ଜାମିସନ ଗ୍ରୀୟରଙ୍କୁ ଭେଟିଥିଲେ। ଦୁଇ ଦେଶର ଆଲୋଚନାକାରୀଙ୍କ ମଧ୍ୟରେ ବୈଠକ ମେ' ୨୨ ପର୍ଯ୍ୟନ୍ତ ଚାଲିବ। ଜଣେ ଅଧିକାରୀଙ୍କ ଅନୁଯାୟୀ, ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା (ବିଟିଏ) ଉପରେ ଆଲୋଚନା ସକାରାତ୍ମକ ଦିଗରେ ଚାଲିଛି। ଆମର ପ୍ରୟାସ ହେଉଛି ୮ ଜୁଲାଇ ପୂର୍ବରୁ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି କରିବା। ଆମେ ଏହା ମଧ୍ୟ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରୁଛୁ ଯେ ଭାରତ ଉପରେ ୧୦% ମୂଳ ଶୁଳ୍କ ଏବଂ ୨୬% ଅତିରିକ୍ତ ଶୁଳ୍କ ଲାଗୁ ନ ହୁଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟିବା ପାଇଁ ଆମେରିକା ଗସ୍ତରେ ଯାଇଥିବାବେଳେ ଉଭୟ ଦେଶ ମଧ୍ୟରେ ଚଳିତବର୍ଷ ସେପ୍ଟେମ୍ବର-ଅକ୍ଟୋବର ସୁଦ୍ଧା ବାଣିଜ୍ୟ ଚୁକ୍ତି (ଦ୍ୱିପାକ୍ଷିକ ସମ୍ପର୍କ) ଚୂଡ଼ାନ୍ତ କରିବା ଏବଂ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫୦୦ ବିଲିୟନ ଡଲାରକୁ ନେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।

ଭାରତ ଶ୍ରମକେନ୍ଦ୍ରୀୟ କ୍ଷେତ୍ରଗୁଡ଼ିକ ପାଇଁ ଶୁଳ୍କ ଛାଡ଼ ଚାହୁଁଛି। ଏଥିରେ ବସ୍ତ୍ର ଏବଂ ପୋଷାକ, ମଣି ଏବଂ ଅଳଙ୍କାର, ଚମଡା ସାମଗ୍ରୀ, ପ୍ଲାଷ୍ଟିକ୍, ରାସାୟନିକ ପଦାର୍ଥ, ଚିଙ୍ଗୁଡ଼ି, ତୈଳବୀଜ, ଅଙ୍ଗୁର ଏବଂ କଦଳୀ ଅନ୍ତର୍ଭୁକ୍ତ। ଅନ୍ୟପକ୍ଷରେ, ଆମେରିକା କିଛି ଶିଳ୍ପ ସାମଗ୍ରୀ, ଅଟୋମୋବାଇଲ୍ (ବିଶେଷକରି

### ଭାରତ ରଖିଲା ସର୍ତ୍ତ

ଇଭି), ମଦ, ପେଟ୍ରୋଲିୟମ୍ ଉତ୍ପାଦ, ଖାଦ୍ୟ ଏବଂ ଜିଏମ୍ ଉତ୍ପାଦ ଯେପରିକି କ୍ଷୀର, ସେଓ ଏବଂ ଶୁଖିଲା ଫଳ ପାଇଁ ଛାଡ଼ ଚାହୁଁଛି। ଭାରତରେ ଜିଏମ୍ ଖାଦ୍ୟ ଆମଦାନୀ ନିଷିଦ୍ଧ। ଆମେରିକା ଗତ ଚାରି ବର୍ଷ ଧରି ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ରହିଆସିଛି। ୨୦୨୪-୨୫ ବର୍ଷରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ୧୩୧.୮୪ ବିଲିୟନ ଡଲାର ଥିଲା। ଭାରତ ଏହାର ରପ୍ତାନିର ୧୮% ଆମେରିକାକୁ ରପ୍ତାନି କରିଥାଏ, ଯେତେବେଳେ କି ଆମଦାନୀରେ ଏହାର ଅଂଶ ୬.୨୨%। ଭାରତ ଆମେରିକା ସହିତ ଏକ ବାଣିଜ୍ୟ ବଳକା ସ୍ଥିତିରେ ଅଛି।




● ଅପରେସନ ସିନ୍ଦୂରର ପ୍ରଭାବ

## ଭାରତୀୟ ପ୍ରତିରକ୍ଷା କମ୍ପାନୀକୁ ଇସ୍ରାଏଲରୁ ମିଳିଲା ୧୫୦ କୋଟିର ଅର୍ଡର



ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଅପରେସନ ସିନ୍ଦୂର ସମୟରେ ସ୍ୱଦେଶୀ ଭାରତୀୟ କମ୍ପାନୀଗୁଡ଼ିକ ଦ୍ୱାରା ନିର୍ମିତ ଅସ୍ତ୍ରଶସ୍ତ୍ର ପାକିସ୍ତାନକୁ ମୁକାବିଲା କରିବାରେ ସମର୍ଥ ହୋଇଥିଲା। ଭାରତୀୟ ଅସ୍ତ୍ରଶସ୍ତ୍ର ଆଗରେ ତୁର୍କୀ ଏବଂ ଚୀନର ଅସ୍ତ୍ରଶସ୍ତ୍ର ମଧ୍ୟ ନ୍ୟୁନ ପ୍ରମାଣିତ ହେଲା। ଅପରେସନ ସିନ୍ଦୂର ପରେ ସାରା ବିଶ୍ୱରେ ଭାରତୀୟ ପ୍ରତିରକ୍ଷା କମ୍ପାନୀଗୁଡ଼ିକ ବିଷୟରେ ଆଲୋଚନା ଆରମ୍ଭ ହୋଇଥିଲା। ଏହି କାରଣରୁ ସାରା ବିଶ୍ୱରୁ ଭାରତୀୟ ଅସ୍ତ୍ରଶସ୍ତ୍ରର ଚାହିଦା ଆସିବା ଆରମ୍ଭ ହୋଇଛି। ଇସ୍ରାଏଲ ଭାରତର ପ୍ରତିରକ୍ଷା କମ୍ପାନୀ ନିବେ ଲିମିଟେଡ ସହିତ ଏକ ବଡ଼ ଚୁକ୍ତି କରିଛି। ନିବେ ଲିମିଟେଡ୍ ଏକ ପ୍ରମୁଖ ଇସ୍ରାଏଲୀ କମ୍ପାନୀଠାରୁ ୧୭.୫୨ ନିୟୁତ ଡଲାର (ପ୍ରାୟ ୧୫୦ କୋଟି ଟଙ୍କା) ମୂଲ୍ୟର ଅର୍ଡର ପାଇଛି। ଏହି ଇସ୍ରାଏଲୀ କମ୍ପାନୀ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ବହୁତ ଆଗରେ। ଏହି ଅର୍ଡରରେ ୟୁନିଭର୍ସାଲ୍ ରକେଟ୍ ଲଞ୍ଚରର ନିର୍ମାଣ ଏବଂ ଯୋଗାଣ ଅନ୍ତର୍ଭୁକ୍ତ।

# ଚୀନ୍ ପାଇଁ ମୁଣ୍ଡବ୍ୟଥାର କାରଣ ଭାରତୀୟ ଫାର୍ମା କମ୍ପାନୀ

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଭାରତର ଔଷଧ ଶିଳ୍ପ ବର୍ତ୍ତମାନ ଚୀନକୁ କଡ଼ା ପ୍ରତିଯୋଗିତା ଦେଉଛି। ଆମେରିକା ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ ଯୁଦ୍ଧରୁ ଭାରତୀୟ ଔଷଧ କମ୍ପାନୀଗୁଡ଼ିକ ଲାଭ ପାଉଛନ୍ତି ଏବଂ ଦ୍ରୁତ ଗତିରେ ଔଷଧ ଉତ୍ପାଦନ କରୁଛନ୍ତି। ବର୍ତ୍ତମାନ ଅନେକ ଭାରତୀୟ ଔଷଧ କମ୍ପାନୀ ବିଦେଶୀ କମ୍ପାନୀଗୁଡ଼ିକ ସହିତ ଚୁକ୍ତି କରିଛନ୍ତି। ଏପରି ପରିସ୍ଥିତିରେ, ଭାରତର ଔଷଧ ଶିଳ୍ପ ଚୀନ୍ ପାଇଁ ମୁଣ୍ଡବିନ୍ଧାର କାରଣ ହେବାକୁ ଯାଉଛି।

ଭାରତର ଅନେକ କଣ୍ଟ୍ରାକ୍ଟ ଡେଭଲପମେଣ୍ଟ ଆଣ୍ଡ ମ୍ୟାନୁଫ୍ୟାକଚରିଂ ଅର୍ଗାନାଇଜେସନ୍ସ (ସିଡିଏମ୍‌ଓ) ପାଶ୍ଚାତ୍ୟ ଦେଶଗୁଡ଼ିକର ବଡ଼ ବଡ଼ ଔଷଧ କମ୍ପାନୀଗୁଡ଼ିକ ପାଇଁ ଔଷଧ ତିଆରି କରିବାରେ ସାହାଯ୍ୟ କରୁଛନ୍ତି। ଏବେ ଏହି କମ୍ପାନୀଗୁଡ଼ିକ ଆମେରିକା ଏବଂ ୟୁରୋପରେ ଏପରି କମ୍ପାନୀ ଖୋଜୁଛନ୍ତି ଯାହାକୁ ସେମାନେ ଅଧିଗ୍ରହଣ କରି ସେମାନଙ୍କର କ୍ଷମତା ବୃଦ୍ଧି କରିପାରିବେ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଭାରତର ପ୍ରାୟ ପ୍ରତ୍ୟେକ ସିଡିଏମ୍‌ଓ କମ୍ପାନୀର ଲୋକମାନେ ଆମେରିକାର ପୂର୍ବତଟ ଏବଂ ପଶ୍ଚିମ ତଟରେ ଏପରି କମ୍ପାନୀ ଖୋଜୁଛନ୍ତି ଯାହାକୁ କିଣାଯାଇପାରିବ। ଭାରତରେ ଏହି କମ୍ପାନୀଗୁଡ଼ିକର କାରଖାନାଗୁଡ଼ିକ ବର୍ଷ ବର୍ଷ ଧରି ବିଦେଶୀ ଔଷଧ କମ୍ପାନୀଗୁଡ଼ିକୁ ସାହାଯ୍ୟ କରିଆସୁଛନ୍ତି। ଏବେ ଏହି କମ୍ପାନୀଗୁଡ଼ିକ କର୍କଟ ରୋଗ, ଜିନ୍ ଥେରାପି ଏବଂ ଜୀବବିଜ୍ଞାନ କ୍ଷେତ୍ରରେ କାମ କରୁଥିବା କମ୍ପାନୀଗୁଡ଼ିକୁ କିଣିବାକୁ ଚାହୁଁଛନ୍ତି।



### ଆମେରିକା, ୟୁରୋପରେ ପହଞ୍ଚ ବଢ଼ାଉଛନ୍ତି ଭାରତୀୟ ଔଷଧ ନିର୍ମାତା

ବିଶ୍ୱର ଔଷଧ କମ୍ପାନୀଗୁଡ଼ିକ ଏବେ ସେମାନଙ୍କର ଯୋଗାଣ ଶୃଙ୍ଖଳାକୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି। ଆମେରିକା ଏବଂ ୟୁରୋପର ବଡ଼ ବଡ଼ ଔଷଧ କମ୍ପାନୀଗୁଡ଼ିକ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଚାହୁଁଛନ୍ତି। କାରଣ ଆମେରିକା ଏବଂ ଚୀନ୍ ମଧ୍ୟରେ ସମ୍ପର୍କ ଭଲ ନାହିଁ। ତେଣୁ, ସେମାନେ ତାଙ୍କ ଦେଶରେ ଔଷଧ ତିଆରି କରିବାକୁ ଚାହୁଁଛନ୍ତି। ଲୋଏଷ୍ଟ୍ରୋ ନାମକ ଏକ ପରାମର୍ଶଦାତା ସଂସ୍ଥାର ରିପୋର୍ଟ ଅନୁଯାୟୀ, ପାଶ୍ଚାତ୍ୟ ଦେଶଗୁଡ଼ିକର ଔଷଧ କମ୍ପାନୀଗୁଡ଼ିକ ସେମାନଙ୍କ ଦେଶରେ କାରଖାନା ସ୍ଥାପନ କରୁଛନ୍ତି ଯାହା ଦ୍ୱାରା ଯୋଗାଣ ଶୃଙ୍ଖଳାରେ କୌଣସି ସମସ୍ୟା ନ ହୁଏ, ନିୟମ ପାଳନ କରାଯାଇପାରିବ ଏବଂ ଔଷଧ ଉତ୍ପାଦନ କାମ ସହଜରେ କରାଯାଇପାରିବ।

## ହେଲ୍‌ଥଭିଲ୍ ପକ୍ଷରୁ ମିଶନ୍ ମଧୁମେହ ମୁକ୍ତ ଓଡ଼ିଶା ଅଭିଯାନ

ଭୁବନେଶ୍ୱର,୨୫।୫(ସମିସ): ହେଲଥଭିଲ୍ ଯୋଗ ଏବଂ ପ୍ରକୃତି ଚିକିତ୍ସା କେନ୍ଦ୍ର «୨୦୩୦ ସୁଦ୍ଧା ମିଶନ୍ ମଧୁମେହ ମୁକ୍ତ ଓଡ଼ିଶା" ନାମକ ଏକ ପ୍ରେରଣାଦାୟକ ଅଭିଯାନ ଆରମ୍ଭ କରିଛି। ଏହି ସାହସିକ ପଦକ୍ଷେପ ପ୍ରାକୃତିକ, ଔଷଧ ମୁକ୍ତ ପଦ୍ଧତି ମାଧ୍ୟମରେ ଓଡ଼ିଶାରେ ବୃଦ୍ଧି ପାଉଥିବା ମଧୁମେହ ସଙ୍କଟର ମୁକାବିଲା କରିବା ଲକ୍ଷ୍ୟ ରଖୁଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଅଭିଯାନକୁ ବାଚସ୍ପତି ସୁରମା ପାଢ଼ୀ ଏବଂ ବିଶିଷ୍ଟ ନ୍ୟୁରୋସର୍ଜନ ଏବଂ ଏମ୍ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଡ. ଅଶୋକ ମହାପାତ୍ରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଡାଃ ମାଧବ ନାୟକ, ଏମଡି, ଏସଆରଏମଏମସିଏଚ୍‌ର ସହାୟକ ପ୍ରଫେସର ଏବଂ ହେଲଥଭିଲ୍‌ର ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ ମିଳିନ୍ଦ ପରାଶର, ବିଏନୱାଇଏସ୍, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ହେଲଭିଲେର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଇନ୍ଦୁମତୀ ରାୟ, ଅନ୍ୟ ଗଣମାନ୍ୟ ୱେଲ୍‌ନେସ୍ ଉଦ୍ୟୋକ୍ତା ଓ ଉଦ୍ୟୋଗୀମାନେ, ମଧୁମେହ ପ୍ରପୀଡ଼ିତ ରୋଗୀ ତଥା ହେଲ୍‌ଥଭିଲେର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।




## ଭାରତରେ ଷ୍ଟାର୍ ଲିଙ୍କ ସ୍ୟାଟ୍‌କମ୍ ସେବା ଖୁବ୍‌ଶୀଘ୍ର

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ବାଂଲାଦେଶରେ ଏଲନ ମସ୍କଙ୍କ କମ୍ପାନୀ ଷ୍ଟାର୍ ଲିଙ୍କ୍ ସାଟେଲାଇଟ୍ ଟେଲିକମ୍ ସେବା ଯୋଗାଇବା ପରେ ଏବେ କମ୍ପାନୀ ଭାରତରେ ବି ଏହି ସେବା ଯୋଗାଇବାକୁ ଯାଉଛି। ତେବେ ଷ୍ଟାର୍ ଲିଙ୍କ୍ ସାଟେଲାଇଟ୍ ଡାଟା ପ୍ଲାନ୍ ମାସକୁ ୮୪୦ ଟଙ୍କାରୁ କମ୍ ରହିବ ବୋଲି ଜଣାପଡ଼ିଛି। ଏକ ରିପୋର୍ଟ ଅନୁଯାୟୀ, ମସ୍କଙ୍କ ଷ୍ଟାରଲିଙ୍କ୍ ସମେତ ସାଟେଲାଇଟ୍ ଯୋଗାଯୋଗ ସଂସ୍ଥାଗୁଡ଼ିକ ପ୍ରତି ମାସରେ ୧୦ ଡଲାର (ପ୍ରାୟ ୮୪୦ ଟଙ୍କା) ରୁ କମ୍ ମୂଲ୍ୟର ପ୍ରମୋସନାଲ୍ ଅସୀମିତ ଡାଟା ପ୍ଲାନ୍ ସହ ଭାରତରେ ସେମାନଙ୍କର ସେବା ଆରମ୍ଭ କରିବେ ବୋଲି ଆଶା କରାଯାଉଛି। ଏହି କମ୍ପାନୀଗୁଡ଼ିକ ଭାରତରେ ଦ୍ରୁତ ଗତିରେ ସେମାନଙ୍କର ଉପଭୋକ୍ତାଙ୍କ ସଂଖ୍ୟା ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି। ମଧ୍ୟମରୁ ଦୀର୍ଘକାଳୀନ ମଧ୍ୟରେ ୧୦ ନିୟୁତ ଗ୍ରାହକଙ୍କ ପାଖରେ ପହଞ୍ଚିବାର କମ୍ପାନୀଗୁଡ଼ିକର ଟାର୍ଗେଟ୍ ରହିଛି। ଏଥିରେ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ମାସିକ ସହରାଞ୍ଚଳ ଉପଭୋକ୍ତା ଶୁଳ୍କ ୫୦୦ ଟଙ୍କା ରଖିବାକୁ ସୁପାରିଶ କରିଛି। ତଥାପି ବି ଏହା ପାରମ୍ପରିକ ଟେଲିକମ ସେବା ତୁଳନାରେ ସାଟେଲାଇଟ୍ କମ୍ୟୁନିକେସନ ସ୍ପେକ୍ଟ୍ରମ୍‌କୁ ଅଧିକ ମହଙ୍ଗା କରିଛି। ଏହାସତ୍ତ୍ୱେ ଷ୍ଟାରଲିଙ୍କ୍ ଭଳି କମ୍ପାନୀକୁ ଭାରତୀୟ ମାର୍କେଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବାରେ ଅସୁବିଧା ହେବ ନାହିଁ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଷ୍ଟାରଲିଙ୍କ୍‌ର ବର୍ତ୍ତମାନର ୭,୦୦୦ ସାଟେଲାଇଟ୍ ବିଶ୍ୱ ସ୍ତରରେ ପ୍ରାୟ ୪ ନିୟୁତ ଉପଭୋକ୍ତାଙ୍କୁ ସେବା ପ୍ରଦାନ କରୁଛି। ରିପୋର୍ଟରେ କୁହାଯାଇଛି ଯେ ଯଦିଓ କମ୍ପାନୀ ସାଟେଲାଇଟ୍ ସଂଖ୍ୟା ୧୮,୦୦୦କୁ ବିସ୍ତାର କରେ, ତଥାପି ଏହା ୨୦୩୦ ଆର୍ଥିକ ବର୍ଷ ସୁଦ୍ଧା ପ୍ରାୟ ୧.୫ ନିୟୁତ ଭାରତୀୟ ଗ୍ରାହକଙ୍କୁ ସେବା ଯୋଗାଇବାରେ ସକ୍ଷମ ହେବ।



● ମାସିକ ୮୪୦ ଟଙ୍କାରୁ କମ୍ ମୂଲ୍ୟରେ ସାଟେଲାଇଟ୍ ଡାଟା ପ୍ଲାନ୍

# ଉଚ୍ଚ ଟିକସ ଯୋଗୁ ବ୍ରିଟେନ୍ ଛାଡ଼ିଲେ ଭାରତୀୟ ଧନୀ

### ୨.୩୦ ଲକ୍ଷ କୋଟି ସମ୍ପତ୍ତିର ଉତ୍ତରାଧିକାରୀ ଶ୍ରଭିନ୍ ଭାରତୀ ମିତ୍ତଲ

### ୟୁକେର ପ୍ରମୁଖ ମୋବାଇଲ୍ କମ୍ପାନୀରେ ରହିଛି ୨୪.୫% ଅଂଶଧନ

ନୂଆଦିଲ୍ଲୀ,୨୫।୫(ଏଜେନ୍ସି):

ୟୁକେ ଛାଡିଛନ୍ତି ଧନୀ ଭାରତୀୟ ପରିବାରର ଜଣେ ସଦସ୍ୟ। ସେ ହେଉଛନ୍ତି ଶ୍ରଭିନ୍ ଭାରତୀ ମିତ୍ତଲ।



୩୭ ବର୍ଷୀୟ ଶ୍ରଭିନ୍ ହେଉଛନ୍ତି ୟୁକେର ପ୍ରମୁଖ ଟେଲିକମ୍ କମ୍ପାନୀ ବିଟି ଗ୍ରୁପ୍ ପିଏଲସିର ସବୁଠାରୁ ବଡ଼ ସେୟାରଧାରୀ। ବ୍ରିଟେନ୍ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଉଚ୍ଚ ଟିକସ ଯୋଗୁ ଶ୍ରଭିନ୍ ୟୁକେ ଛାଡିଥିବା ଜଣାପଡିଛି। ଏକ ରିପୋର୍ଟ ଅନୁସାରେ, ଶ୍ରଭିନ୍ ଏବେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କୁ ସ୍ଥାନାନ୍ତରିତ ହୋଇଛନ୍ତି। ତାଙ୍କ ପରିବାରର ଏକ ବଡ଼ ବ୍ୟବସାୟ ହେଉଛ, ୟୁକେର ଏକ ପ୍ରମୁଖ ମୋବାଇଲ୍ ଏବଂ ବ୍ରଡବ୍ୟାଣ୍ଡ କମ୍ପାନୀରେ ସେମାନଙ୍କର ୨୪.୫% ଅଂଶଧନ ରହିଛି। ଶ୍ରଭିନ୍ ଲଣ୍ଡନରେ ଏକ ନିବେଶ ଫାର୍ମ ଅନବାଉଣ୍ଡ ଆରମ୍ଭ କରିଥିଲେ। ଏବେ ସେ ଆବୁଧାବିରେ ତାହାର ଏକ ଶାଖା ଖୋଲିଛନ୍ତି।

ଭାରତୀ ମିତ୍ତଲ ପରିବାରର ମୋଟ ସମ୍ପତ୍ତି ୨୭.୫ ବିଲିୟନଡଲାର (ପ୍ରାୟ ୨.୩୦ ଲକ୍ଷ କୋଟି ଟଙ୍କା) ହେବ। ଶ୍ରଭିନ୍‌ଙ୍କ ୟୁକେ ଛାଡିବାର ସବୁଠାରୁ ବଡ କାରଣ ହେଉଛି ଧନୀ ଲୋକଙ୍କ ଉପରେ ବ୍ରିଟେନ୍ ସରକାର ଲାଗୁ କରିଥିବା ଟିକସ ନିୟମ। ଏହି ନିୟମ ଯୋଗୁଁ ଯେଉଁମାନେ ୟୁକେରେ ରହୁଛନ୍ତି କିନ୍ତୁ ମୂଳତଃ ବିଦେଶରୁ ଆସିଛନ୍ତି, ସେମାନଙ୍କୁ ଟିକସ ରିଆତି ମିଳୁନାହିଁ। ୨୦୨୪ ମାର୍ଚ୍ଚରେ ୟୁକେର ରକ୍ଷଣଶୀଳ ସରକାର ଏକ ନିୟମକୁ ଉଚ୍ଛେଦ କରିଥିଲେ। ଏହି ନିୟମ ଅନୁଯାୟୀ, ଯେଉଁମାନେ ୟୁକେର ନୁହଁନ୍ତି, ସେମାନଙ୍କୁ ୧୫ ବର୍ଷ ପାଇଁ ସେମାନଙ୍କର ବିଦେଶୀ ରୋଜଗାର ଉପରେ ୟୁକେରେ ଟିକସ ଦେବାକୁ ପଡ଼ିବନାହିଁ। ଜୁଲାଇ ମାସରେ ନିର୍ବାଚନ ଜିତିବା ପରେ ଲେବର ପାର୍ଟି ଏହି ନିୟମରେ ପରିବର୍ତ୍ତନ ଆଣିଥିଲା। ଏହାସହିତ, ଟିକସ ସହ ଜଡିତ ଆହୁରି ଅନେକ କଟକଣା ଲାଗୁ କରାଯାଇଥିଲା। ଏହା ଅନେକ ଲୋକଙ୍କୁ ୟୁକେ ଛାଡିବାକୁ ନିଷ୍ପତ୍ତି ନେବାକୁ ବାଧ୍ୟ କରିଥିଲା। ଏହି କାରଣରୁ ଅନେକ ଧନୀ ଲୋକ ପୂର୍ବରୁ ୟୁକେ ଛାଡି ସାରିଛନ୍ତି।

ଶ୍ରଭିନ୍ ହେଉଛନ୍ତି ଭାରତୀ ଏୟାରଟେଲର ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲଙ୍କ ପୁଅ। ସେ ଅନବାଉଣ୍ଡର ପ୍ରତିଷ୍ଠାତା ଏବଂ ସିଇଓ ମଧ୍ୟ। ଏହା ଏକ କମ୍ପାନୀ ଯାହା ଦୀର୍ଘକାଳୀନ ପାଇଁ ପ୍ରଯୁକ୍ତିବିଦ୍ୟାରେ ନିବେଶ କରେ। ଭାରତୀ ଗ୍ଲୋବାଲରେ ଏମ୍‌ଡି ଭାବରେ କାର୍ଯ୍ୟ କରିବା ପୂର୍ବରୁ ଶ୍ରଭିନ୍ ସଫ୍ଟବ୍ୟାଙ୍କରେ ଜଣେ ନିବେଶକ ଥିଲେ। ଶ୍ରଭିନ୍ ହାର୍ଭାର୍ଡ ବିଜନେସ୍ ସ୍କୁଲରୁ ଏମ୍‌ବିଏ କରିଛନ୍ତି। ସେ ବାଥ୍ ବିଶ୍ୱବିଦ୍ୟାଳୟରୁ ଆକାଉଣ୍ଟିଂ ଏବଂ ଫାଇନାନ୍ସରେ ବିଏସସି ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି। ହାଭାର୍ଡରୁ ଏମ୍‌ବିଏ କରିବା ସମୟରେ ସେ ଡ୍ରପବକ୍ସରେ ତିନି ମାସ ପାଇଁ ଏକ ଇଣ୍ଟର୍ନସିପ୍ ମଧ୍ୟ କରିଥିଲେ। ଶ୍ରଭିନ୍ ୨୦୧୫ ରେ ସାକ୍ଷୀ ମିତ୍ତଲଙ୍କୁ ବିବାହ କରିଥିଲେ।

## ଟ୍ରମ୍ପ୍‌ଙ୍କ ଧମକ ସତ୍ତ୍ୱେ ଆଇଫୋନ୍ ନିର୍ମାଣ କରିବ ଆପଲ୍

ନୂଆଦିଲ୍ଲୀ,୨୫।୫(ଏଜେନ୍ସି): ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ହେବା ପରେ ତାଙ୍କ ଶୁଳ୍କ ନୀତି ପାଇଁ ସାରା ବିଶ୍ୱରେ ହଲଚଲ୍ ଜାରି ରହିଛି। ଯଦିଓ ସେ ଚୀନ୍‌କୁ ଅଧିକ ଟାର୍ଗେଟ୍ କରୁଛନ୍ତି ତେବେ ଭାରତ ବି ଏଥିରୁ ବର୍ତ୍ତିପାରୁନି। ଆପଲ ସିଇଓ ଟିମ୍ କୁକ୍ ଆମେରିକାରେ ବିକ୍ରି ହେବାକୁ ଥିବା ଆଇଫୋନ୍ ଭାରତରେ ତିଆରି କରିବାକୁ ଯେତେବେଳେ ଘୋଷଣା କଲେ, ଏହା ଉପରେ ତୁରନ୍ତ ଅସନ୍ତୋଷ ପ୍ରକାଶ କରିଥିଲେ ଟ୍ରମ୍ପ। ଏ ନେଇ ସେ କୁକ୍‌ଙ୍କୁ ସିଧାସିଧା କହିଥିଲେ ଭାରତ ଫ୍ୟାକ୍ଟ୍ରି ଲଗାଇବାର ଆବଶ୍ୟକତା ନାହିଁ। ଭାରତ ନିଜ କଥା ନିଜେ ବୁଝିପାରିବ। ହେଲେ ଏହା ସତ୍ତ୍ୱେ ବି ଆପଲର ସବୁଠୁ ବଡ଼ କଣ୍ଟ୍ରାକ୍ଟ ମ୍ୟାନୁଫ୍ୟାକଚରର ଫକ୍ସକନ ଭାରତରେ ୧.୫ ବିଲିୟନ ଡଲାରର ନିବେଶ କରିଥିଲ। ଫକ୍ସକନ ଏହାର ସିଙ୍ଗାପୁର ୟୁନିଟ୍ ଦ୍ୱାରା ୫ ଦିନରେ ତାମିନାଡୁର ୟୁଜହାନ ଟେକ୍ନୋଲୋଜି ଇଣ୍ଡିଆ ପ୍ରାଇଭେଟ ଲିମିଟେଡରେ ଏହି ନିବେଶ କରିଥିଲା। ତେଣୁ ସେ ପୁଣିଥରେ ଆପଲକୁ ଧମକ ଦେଇଛନ୍ତି। ଶୁକ୍ରବାର ଟ୍ରମ୍ପ କହିଛନ୍ତି ଆମେରିକାରେ ବିକ୍ରି ହେଉଥିବା ଆଇଫୋନ୍ ନିର୍ମାଣ ଭାରତ କିମ୍ବା ଅନ୍ୟ କୌଣସି ଦେଶରେ ନୁହେଁ ବରଂ ଆମେରିକାରେ ହେବା ଦରକାର। ତା' ନହେଲେ କମ୍ପାନୀ ୨୫% ଶୁଳ୍କ ଦେବ। ତେବେ ଆମେରିକାର ନିର୍ମାଣ କଲେ ଶୁଳ୍କ ଲାଗୁ ହେବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। କେବଳ ଆପଲ ନୁହେଁ ସାମସଙ୍ଗ ସମେତ ଆମେରିକାର ସ୍ମାର୍ଟଫୋନ୍ ବିକ୍ରି କରୁଥିବା ସମସ୍ତ କମ୍ପାନୀକୁ ଟ୍ରମ୍ପ ଏହି ଧମକ୍ ଦେଇଛନ୍ତି। ତେବେ ଟ୍ରମ୍ପଙ୍କ ଏହି ଧମକ ପରେ ଆପଲର ଶେୟାର ୪% ଖସି ୧୯୩ ଡଲାରକୁ ଆସିଯାଇଛି। ହେଲେ ଏହି ନିଷ୍ପତ୍ତି ଭାରତର କ୍ଷତି କରିପାରିବନି। କାରଣ ଆମେରିକା ଭାରତରେ ତିଆରି ହେଉଥିବା ଆଇଫୋନ ଉପରେ ୧୦୦% ଶୁଳ୍କ ଲଗାଇଲେ ବି ତାହା କମ୍ପାନୀକୁ ଶସ୍ତା ପଡ଼ିବ। ଆଉ ଏଥିପାଇଁ ଟିମ୍ କୁକ୍ ଭାରତ ଛାଡ଼ିବାକୁ ଚାହୁଁନାହାନ୍ତି।

# ସମ୍ପୂର୍ଣ୍ଣା



ସକାଳ
THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ଅଫିସରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚ ହେବ।

**ମୀନ:** ମାନସିକ ଶାନ୍ତି ପାଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୮୨୨- ନରୱେର ଏକ ଚର୍ଚ୍ଚରେ ନିଆଁ ଲାଗିଯିବାରୁ ୧୧୬ ଲୋକଙ୍କ ମୃତ୍ୟୁ।
- ୧୯୫୬- ମୁମ୍ବାଇରେ ଜନତା ବୀମା ପଲିସିର ଆରମ୍ଭ।
- ୧୯୬୯- ଆପୋଲୋ-୧୦ର ମହାକାଶଚାରୀ ପୃଥିବୀପୃଷ୍ଠକୁ ଫେରିଲେ।
- ୧୯୮୩- ଜାପାନରେ ୭.୮ ତୀବ୍ରତାର ଭୂମିକମ୍ପ ହେବାରୁ ୧୦୪ ଲୋକ ମୃତ।
- ୧୯୯୧- ବ୍ୟାଙ୍କକ୍‌ରେ ଏକ ବିମାନ ଦୁର୍ଘଟଣାରେ ୨୨୩ ଜଣଙ୍କ ମୃତ୍ୟୁ।
- ୨୦୧୪-ନରେନ୍ଦ୍ର ମୋଦୀ ଭାରତର ୧୫ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ।

## କୁଟିକେୟାର

### ରୋଗୀ ଓ ବୟସ୍କଙ୍କ ମନୋବଳ ବଢ଼ାଉଛନ୍ତି ଛାତ୍ର



କେରଳର ପତନମତିଟ୍ଟା ଜିଲ୍ଲା ନେଦୁବପୁରମ୍ ଗ୍ରାମ ପଞ୍ଚାୟତ ପିଲାମାନଙ୍କୁ ନିଶାଦ୍ରବ୍ୟ ତଥା ମୋବାଇଲ ଫୋନ୍ ବ୍ୟବହାରରୁ ଦୂରେଇ ରଖିବା ପାଇଁ ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଏହା କୁଟିକେୟାର ନାମରେ ପରିଚିତ। ପିଲାଙ୍କୁ ସାମାଜିକ ସମ୍ପର୍କ ସହ ପରିଚିତ କରିବା ଉଦ୍ଦେଶ୍ୟରେ ଏହି ପ୍ରୟାସ ଆରମ୍ଭ କରାଯାଇଛି। ଏହି ପ୍ରୋଜେକ୍ଟ ଜରିଆରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରମାନେ ଗାଁ ଗାଁ ବୁଲି ବୃଦ୍ଧ ଓ ରୋଗାକ୍ରାନ୍ତ ଲୋକଙ୍କୁ ଭେଟିଥାନ୍ତି। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ପଚାରି ଶୀଘ୍ର ସୁସ୍ଥ ହେବା ନେଇ ସେମାନଙ୍କୁ ପ୍ରୋତ୍ସାହିତ କରିଥାନ୍ତି। ୪ ଏପ୍ରିଲ୍, ୨୦୨୪ ମସିହାରେ ଏଭଳି ଏକ ପ୍ରୟାସର ଆରମ୍ଭ ହୋଇଥିଲା। ଛାତ୍ରମାନେ ଗାଁର ବିଭିନ୍ନ ୱାର୍ଡ ବୁଲି ବୃଦ୍ଧ କିମ୍ବା ରୋଗୀ ଥିବା ଲୋକଙ୍କ ପାଖରେ ପହଞ୍ଚିଥାନ୍ତି। ଏହାଦ୍ୱାରା ପିଲାଙ୍କଠାରେ ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ହେଉଥିବାର ଲକ୍ଷ୍ୟ କରାଯାଇଛି। ଏମାନେ ରୋଗୀଙ୍କୁ ସାନ୍ତ୍ୱନା ଦେବା ସହ ଜରୁରୀ ସୂଚନା ମଧ୍ୟ ଦେଇଥାନ୍ତି। ସେହିପରି କୁଟିକେୟାରରେ ୧୬ ଜଣ ପିଲାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ତାଲିମ ଦିଆଯାଇଛି। ଆର୍ୟୁବେଦିକ ଡାକ୍ତର ଅଧିନେଶ ଗୋପନ ଏହି ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଅଧିନେଶଙ୍କ କହିବା ଅନୁଯାୟୀ, ‘ପିଲାମାନେ ପ୍ରଥମେ ସର୍ଭେ କରି ଗାଁରେ ରୋଗୀମାନଙ୍କ ତଥ୍ୟକୁ ଏକତ୍ର କରନ୍ତି। ପରେ ସେହି ତଥ୍ୟକୁ ବିଶ୍ଳେଷଣ କରନ୍ତି। ଏଥିସହ ଗୋଟିଏ ମାସରେ ଅତି କମ୍‌ରେ ଜଣେ ହେଲେ ରୋଗୀଙ୍କୁ ସେମାନେ ଭେଟିଥାନ୍ତି। ଅବଶ୍ୟ ପିଲାମାନେ ଚାହିଁଲେ ଅଧିକ ରୋଗୀଙ୍କୁ ମଧ୍ୟ ଭେଟି ପାରିବେ। ପ୍ରତିପିଲାଙ୍କୁ ଗୋଟିଏ ଗୋଟିଏ ଡାଏରୀ ଦିଆଯାଇଛି, ଯେଉଁଥିରେ ସେମାନେ ସେମାନଙ୍କ ଅନୁଭୂତି, ଭାବନା ଓ ରୋଗୀଙ୍କ ସହ ଜଡ଼ିତ ତଥ୍ୟ ଲେଖନ୍ତି। ପିଲାଙ୍କ ଡାଏରୀଗୁଡ଼ିକ ଯାଞ୍ଚ ହୁଏ। ଏଥିସହ ସବୁଠୁ ଭଲ ସେବା ପ୍ରଦାନ କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଏ। ଏନ୍‌ସିସି ଓ ରେଡ୍‌କ୍ରସ୍‌ରେ ଭାଗ ନେଉଥିବା ପିଲାଙ୍କୁ ଗ୍ରେସ୍ ମାର୍କ ମିଳିଥାଏ। ସେହିଭଳି କୁଟିକେୟାରରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ ପିଲାଙ୍କୁ ମଧ୍ୟ ଦ୍ୱାଦଶ ପରୀକ୍ଷାରେ ଗ୍ରେସ୍ ମାର୍କ ମିଳିଥାଏ।



## ‘ଲଭ୍ ଆଣ୍ଡ ୱାର୍’ ଓଜନ କମାଇଲେ ରଣବୀର, ଭିକି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର କପୁର ବହୁତ ଜଲ୍‌ଦି ‘ଲଭ୍ ଆଣ୍ଡ ୱାର୍’ ଫିଲ୍ମରେ ନଜର ଆସିବେ। ତାଙ୍କ ସହ ଭିକି କୌଶଲ ଓ ଆଲିଆ ଭଟ୍ଟ ମଧ୍ୟ ଲିଡ୍ ରୋଲରେ ନଜର ଆସିବେ। ତେବେ ଏହି ଫିଲ୍ମର ସୁଟିଂ ଆରମ୍ଭ ହେବା ପୂର୍ବରୁ ଭିକି ଓ ରଣବୀର ସେମାନଙ୍କ ଶରୀରରେ ପରିବର୍ତ୍ତନ ଆଣିଛନ୍ତି। ଉଭୟ ସେମାନଙ୍କ ଚରିତ୍ରକୁ ପରଦା ଉପରେ ସଫଳ ରୂପାୟନ ପାଇଁ ଓଜନ ହ୍ରାସ କରିଛନ୍ତି। ରଣବୀର ପାଖାପାଖି ୧୨ କେଜି ଓଜନ ହ୍ରାସ କରିଥିବାବେଳେ ଭିକି ୧୫ କେଜି କମାଇଛନ୍ତି। ‘ଲଭ୍ ଆଣ୍ଡ ୱାର୍’ର କାହାଣୀ ଯୁଦ୍ଧପୃଷ୍ଠ ଭୂମି ଉପରେ ଗଢ଼ିଉଠିଥିବା ଏକ ତ୍ରିକୋଣୀୟ ପ୍ରେମ ଉପରେ ଆଧାରିତ। ସଞ୍ଜୟ ଲୀଲା ଭଁସାଲୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହାପୂର୍ବରୁ ରଣବୀର, ସଞ୍ଜୟଙ୍କ ଫିଲ୍ମ ‘ସାଓଁରିୟା’ରେ କାମ କରିଥିଲେ। ତେବେ ଭିକି ପ୍ରଥମ ଥର ପାଇଁ ସଞ୍ଜୟଙ୍କ ସହ କାମ କରୁଛନ୍ତି। ଏହା ୨୦୨୬ରେ ପରଦାକୁ ଆସିପାରେ ବୋଲି କୁହାଯାଉଛି।

## ଦୋକାନରେ ନାହାନ୍ତି ଦୋକାନୀ

ଦକ୍ଷିଣ କୋରିଆ ରାଜଧାନୀ ସିଓଲରେ କିଛି ଦୋକାନ ଏମିତି ଅଛି, ଯେଉଁଠି କୌଣସି ଦୋକାନୀ ନାହାନ୍ତି। ଏଠାରେ ଗ୍ରାହକଙ୍କ ହାତକୁ ଜିନିଷ ଦେବା ପାଇଁ ନା ଦୋକାନୀ ଥାଆନ୍ତି ନା ଦୋକାନକୁ ଜଗିବା ପାଇଁ ସିକ୍ୟୁରିଟି ଗାର୍ଡ। ଏଠାରେ ଗ୍ରାହକଙ୍କ ଭରସାରେ ହିଁ ଦୋକାନ ଚାଲେ। ଗ୍ରାହକ ଦୋକାନକୁ ଆସନ୍ତି ଏବଂ ଟଙ୍କା ଦେଇ ଆବଶ୍ୟକ ଜିନିଷ କିଣନ୍ତି। ଏ ଲାଗି ସ୍ୱୟଂଚାଳିତ ମେସିନ୍‌ର ବ୍ୟବସ୍ଥା କରାଯାଇଛି। ଗ୍ରାହକ ମେସିନ୍‌ରେ ଟଙ୍କା ପୈଠ କରି ନିଜ ମନ ମୁତାବିକ ଜିନିଷ କିଣନ୍ତି। କେବଳ ଦୋକାନ ନୁହେଁ, ଏଠାରେ ଥିବା କିଛି ବାର୍ ବି ସମ୍ପୂର୍ଣ୍ଣ ସ୍ୱୟଂଚାଳିତ। ଗ୍ରାହକଙ୍କୁ ପରଷିବା ପାଇଁ ଏଠାରେ ୱେଟର୍‌ଙ୍କ ସ୍ଥାନରେ ରୋବଟ୍ ଅଛନ୍ତି। ଲୋକେ ଦୋକାନରେ ଲାଗିଥିବା ମେସିନ୍‌ରେ ପେମେଣ୍ଟ କରିଥାନ୍ତି। ତେବେ ଦୋକାନରେ ଦୋକାନୀ ନ ରହିବାର ଏକ ନିର୍ଦ୍ଦିଷ୍ଟ କାରଣ ଅଛି। ସିଓଲରେ ଜନ୍ମହାର ହ୍ରାସ ପାଇବା ଯୋଗୁଁ ଏଭଳି ବ୍ୟବସ୍ଥାକୁ ପରିଚିତ କରାଯାଇଛି। ବିଶେଷକରି ଏଠାରେ ଯୁବପିଢ଼ିଙ୍କ ସଂଖ୍ୟା ଦ୍ରୁତ ଭାବେ କମୁଛି। ଫଳରେ ଦୋକାନ ତଥା ଅନ୍ୟ ସ୍ଥାନରେ କାମ କରିବା ପାଇଁ ଲୋକଙ୍କ ଅଭାବ ପରିଲକ୍ଷିତ ହେଉଛି। ଶ୍ରମିକଙ୍କ ଅଭାବ ଯୋଗୁଁ ମଜୁରି ମଧ୍ୟ ବଢ଼ୁଛି। ଏଭଳି ସ୍ଥିତିରେ କୌଣସି ଦୋକାନୀ ଲୋକଙ୍କୁ ରଖିବା ପରିବର୍ତ୍ତେ ରୋବଟ୍‌କୁ ରଖୁଛନ୍ତି। ଯାହାକି ସେମାନଙ୍କୁ ଶସ୍ତା ଓ ସୁବିଧାଜନକ ହେଉଛି।



## ସାବିତ୍ରୀ ଅମାବାସ୍ୟା

ଆଜି ପବିତ୍ର ସାବିତ୍ରୀ ବ୍ରତ। ଏହାକୁ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ପାଳନ କରାଯାଏ। ସଧବା ନାରୀମାନେ ଅଖଣ୍ଡ ସୌଭାଗ୍ୟ ଓ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି। ଏହି ଦିନ ମହିଳାମାନେ ଉପବାସ ରଖନ୍ତି। ସାବିତ୍ରୀ ବ୍ରତରେ ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କୁ ପୂଜା କରାଯାଏ। ପୁରାଣ କାହାଣୀ ଅନୁସାରେ, ଯମରାଜା ଆସି ସତ୍ୟବାନଙ୍କ ପ୍ରାଣ ନେବା ସମୟରେ ସାବିତ୍ରୀ ନିଜ ବୁଦ୍ଧି ଓ ସତୀତ୍ୱ ବଳରେ ଯମରାଜଙ୍କ ଠାରୁ ନିଜ ସ୍ୱାମୀଙ୍କ ପ୍ରାଣ ଫେରି ପାଇଥିଲେ। ଏହାବାଦ୍ ଏହି ପୂଜାରେ ବର ଗଛ ପୂଜାର ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଆ ଘରର ପରମ୍ପରା ଅନୁସାରେ, ବ୍ରତ ପାଇଁ ସମସ୍ତ ଜିନିଷ ମହିଳାଙ୍କ ବାପଘରୁ ଆସିଥାଏ। ଯାହା ସାବିତ୍ରୀ ଭାର ନାମରେ ଜଣାଶୁଣା।

ଏହି ପୂଜାର ଆରାଧ୍ୟ ଦେବୀ ହେଉଛନ୍ତି ମା’ ସାବିତ୍ରୀ। ସ୍ୱାମୀଙ୍କର ନିରାମୟ ଜୀବନ ତଥା ମଙ୍ଗଳ କାମନା କରି ସଧବା ନାରୀମାନେ ସାବିତ୍ରୀ ବ୍ରତ ପାଳନ କରିବାର ପ୍ରଥା ରହିଛି। ଅନ୍ନ ଜଳ ସ୍ପର୍ଶ ନ କରି ସଧବା ନାରୀମାନେ ଏହି ବ୍ରତ ପାଳନ କରି ସ୍ୱାମୀଙ୍କୁ ପୂଜା କରିବାର ପରମ୍ପରା ରହିଛି। ଚଉଁରା ମୂଳ, ଠାକୁର ଘର ଏବଂ ବରଗଛରେ ସଧବା ନାରୀମାନେ ଏହି ପୂଜା କରିଥାନ୍ତି। ନୂଆ ଶାଢ଼ି ସହିତ ଶଙ୍ଖା, ସିନ୍ଦୂର ଏବଂ ଅଳତାକୁ ପୂଜା କରନ୍ତି। ଏହାବାଦ୍ ନଡ଼ିଆ, ଖଜୁରି, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ଲାଗି କରନ୍ତି। ସ୍ୱାମୀଙ୍କ ଦୀର୍ଘ ଆୟୁଷ ପାଇଁ ଏହି ବ୍ରତରେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ। ସଧବା ନାରୀମାନେ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରନ୍ତି। ପୂଜା ଶେଷ ପରେ ଫଳାହାର କରନ୍ତି। ବରଗଛର ବିଭିନ୍ନ ଶାଖାରେ ଭିନ୍ନ ଭିନ୍ନ ଦେବତା ବାସ କରୁଥିବା ବିଶ୍ୱାସ ରହିଛି। ସାବିତ୍ରୀ ଅମାବାସ୍ୟାରେ ବରଗଛକୁ ପୂଜା କରିବା ବିଧି ଅଛି। ପୌରାଣିକ କାହାଣୀ ଅନୁସାରେ, ସାବିତ୍ରୀ ପତିବ୍ରତା ଧର୍ମ ପାଳନ କରି ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ଯୁବାବସ୍ଥାରେ ସତ୍ୟବାନଙ୍କ ମୃତ୍ୟୁ ହୋଇଥିଲା। ସେଇଠୁ ସାବିତ୍ରୀ ମୃତ୍ୟୁ ଦେବତା ଯମରାଜଙ୍କୁ ନିଜ ସ୍ୱାମୀଙ୍କ ଜୀବନ ମାଗିଥିଲେ। ସେ ଭକ୍ତି ଓ ନିଷ୍ଠାର ସହ ଯମରାଜଙ୍କୁ ପ୍ରସନ୍ନ କରି ସତ୍ୟବାନଙ୍କୁ ମୃତ୍ୟୁ କବଳରୁ ଫେରାଇ ଆଣିବାରେ ସଫଳ ହୋଇଥିଲେ। ସାବିତ୍ରୀ ବରଗଛ ତଳେ ହିଁ ନିଜ ସ୍ୱାମୀଙ୍କ ଜୀବନ ଫେରି ପାଇଥିଲେ। ଏହି କାରଣ ଯୋଗୁଁ ଏହିଦିନ ବରଗଛ ପୂଜାର ପରମ୍ପରା ଥିବା କୁହାଯାଏ।



## ଆସ୍ଥା

## ନୌତପାରେ ସୂର୍ଯ୍ୟ ଉପାସନା



ଜ୍ୟୋତିଷଙ୍କ ମତେ ପ୍ରତିବର୍ଷ ଜ୍ୟେଷ୍ଠ ମାସରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ରରେ ୧୫ ଦିନ ଅବସ୍ଥାନ କରି ମୃଗଶିରା ନକ୍ଷତ୍ରକୁ ଗୋଚର ହୁଅନ୍ତି। ଏହି ୧୫ ଦିନ ମଧ୍ୟରୁ ପ୍ରଥମ ୯ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ଏହାକୁ ‘ନୌତପା’ ବା ‘ନୌତାପ’ କୁହାଯାଏ। ମଇ ୨୫ରୁ ଏହା ଆରମ୍ଭ ହୋଇଛି ଏବଂ ଜୁନ୍ ୮ ରେ ସମାପ୍ତ ହେବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଏହି ସମୟକାଳରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା ହ୍ରାସ ପାଇଥାଏ। ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କର ଅତି ନିକଟତର ରହିଥିବାରୁ ସୌର ରଶ୍ମି ସିଧାସଳଖ ପଡ଼େ। ଫଳରେ ତାପାମାତ୍ରା ଅଧିକ ରହେ। କୁହାଯାଏ କି, ନୌତାପ ସମୟରେ ପ୍ରବଳ ଗରମ ଅନୁଭୂତ ହେଲେ ଭଲ ବର୍ଷା ହୁଏ। ଅନ୍ୟପକ୍ଷରେ କମ୍ ତାପ ପ୍ରବାହ ହେଲେ ସ୍ୱାଭାବିକ ବୃଷ୍ଟିପାତ ହୋଇଥାଏ। ଏହି ସମୟରେ ସୂର୍ଯ୍ୟଙ୍କ ଉପାସନା ମହତ୍ତ୍ୱ ରଖେ। ତେବେ ଜାତକରେ ସୂର୍ଯ୍ୟଙ୍କୁ ମଜଭୁତ କରିବା ପାଇଁ ନୌତାପରେ କିଛି ଉପାୟ ଆପଣାଇବା ଉଚିତ।


- ନୌତପା ସମୟରେ ନିତିଦିନ ସୂର୍ଯ୍ୟଦେବଙ୍କ ଆରାଧନା କରନ୍ତୁ।
- ଭୋର୍‌ରୁ ସ୍ନାନ ସାରି ସୂର୍ଯ୍ୟ ଦେବଙ୍କୁ ଜଳ ଅର୍ଘ୍ୟ ଅର୍ପଣ କରନ୍ତୁ।
- ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରନ୍ତୁ।
- ନୌତାପରେ ଦହି, ନଡ଼ିଆ, ଜଳ, ଗୁଡ଼, ବସ୍ତ୍ର ଆଦି ଦାନ କରନ୍ତୁ।

## ଜ୍ୟେଷ୍ଠ ମାସରେ ଜଳ ଦାନ

ଜ୍ୟେଷ୍ଠ ମାସ ସୂର୍ଯ୍ୟଦେବଙ୍କୁ ସମର୍ପିତ। କୁହାଯାଏ, ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଚନ୍ଦ୍ର ଜ୍ୟେଷ୍ଠ ନକ୍ଷତ୍ରରେ ଥାନ୍ତି। ସେଥିପାଇଁ ଏହି ମାସର ନାଁ ଜ୍ୟେଷ୍ଠ। ଉକ୍ତ ମାସର ପ୍ରାରମ୍ଭ କୃଷ୍ଣ ପ୍ରତିପଦାରୁ ଆରମ୍ଭ ହୋଇଥାଏ ଏବଂ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସମାପ୍ତ ହୁଏ। ତେବେ ଏହି ମାସର ସମ୍ବନ୍ଧ ଜଳ ସହ ଯୋଡ଼ା ଯାଇଛି। ଏହି ମାସରେ ସୂର୍ଯ୍ୟଦେବ ଏବଂ ବରୁଣ ଦେବଙ୍କ ଉପାସନା ଫଳଦାୟୀ। ଜ୍ୟେଷ୍ଠ ମାସରେ ଭୀଷଣ ଗରମ ଅନୁଭୂତ ହୋଇଥାଏ। ଏଣୁ ଏହି ମାସରେ ଜଳ ଦାନକୁ ଶୁଭ ବୋଲି କୁହାଯାଏ।

**ଜଳର ମହତ୍ତ୍ୱ:** ଏହି ମାସରେ ଭୀଷଣ ଗରମ ହୋଇଥାଏ। ସେଥିପାଇଁ ଅଧିକାଂଶ ନଦୀ, ପୋଖରୀ, କୂଅ ଶୁଖି ଯାଏ। ପୁଣି କେତେକ ସ୍ଥାନରେ ଜଳାଭାବ ଦେଖାଯାଏ। ସେଥିପାଇଁ ଏହି ମାସରେ ଜଳ ସଂରକ୍ଷଣ କରିବାର ପରମ୍ପରା ଅଛି। ଭୀଷଣ ଗରମ ଏବଂ ଜଳାଭାବ ଯୋଗୁଁ ବହୁ ସମସ୍ୟା ସୃଷ୍ଟି ହୋଇଥାଏ। ଏହିପରି ଭାବେ ଏହି ମାସ ଜଳର ମହତ୍ତ୍ୱ ବାବଦରେ ବୁଝାଏ। ସେହିପରି ନିର୍ଜଳା ଏକାଦଶୀର ସମ୍ବନ୍ଧ ଜଳ ସହ ଜଡ଼ିତ। ନିର୍ଜଳା ରହି ଭକ୍ତ ଏହାକୁ ପାଳନ କରନ୍ତି। ଏହି ବ୍ରତରେ ଅନ୍ନ ସହିତ ଜଳ ମଧ୍ୟ ତ୍ୟାଗ କରାଯାଏ।

**ବିଷ୍ଣୁଙ୍କ ପ୍ରିୟ ମାସ:** ଏହି ମାସ ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ ବୋଲି ବିଚାର କରାଯାଏ। ତା’ସହ ବରୁଣ ଦେବ, ଶନିଦେବ, ସୂର୍ଯ୍ୟ ଦେବ ଏବଂ ହନୁମାନଙ୍କ ଉପାସନା କରାଯାଏ। ଏହି ମାସରେ ଏହି ସବୁ ଦେବତାଙ୍କ ବିଶେଷ ପୂଜାପାଠ କରିବା ସହ ଜଳଦାନ କରିବାର ପରମ୍ପରା ଅଛି। କେବଳ ସେତିକି ନୁହେଁ, ପବିତ୍ର ନଦୀ ଗଙ୍ଗା, ଯମୁନା, ନର୍ମଦାରେ ସ୍ନାନ କରିବାକୁ କୁହାଯାଏ।



## କାଚ ଭାଙ୍ଗିବା ଅଶୁଭ

ଘରେ କାଚ ଭାଙ୍ଗିବାକୁ ଅଶୁଭ ବୋଲି କୁହାଯାଏ। ଏହା ନକାରାତ୍ମକ ଶକ୍ତି, ଦୁର୍ଭାଗ୍ୟର କାରଣ ସାଜିଥାଏ। ତେବେ ବାସ୍ତୁ ଶାସ୍ତ୍ରରେ କାଚ ଭାଙ୍ଗିବା କେଉଁ ସଙ୍କେତ ଦିଏ, ସେ ସମ୍ପର୍କରେ ଜାଣିବା।



- ବାସ୍ତୁ ଶାସ୍ତ୍ର ଅନୁସାରେ, କାଚ ଭାଙ୍ଗିବା ଘରେ ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ଏହା ଦ୍ୱାରା ମାନସିକ ଅଶାନ୍ତି, ପାରିବାରିକ ଝଗଡ଼ା ଏବଂ ଅଶାନ୍ତି ବୃଦ୍ଧି ପାଏ।
- କାଚକୁ ମା’ ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ବିବେଚନା କରାଯାଏ। ଏଣୁ ଭଙ୍ଗା କାଚ ରଖିବା ଲକ୍ଷ୍ମୀଙ୍କ ପ୍ରତି ଅସମ୍ମାନକୁ ସୂଚାଏ। ଏହାଦ୍ୱାରା ଆର୍ଥିକ ସମସ୍ୟା ଉପୁଜେ।
- ଭଙ୍ଗା କାଚ ପରିବାର ମଧ୍ୟରେ ଫାଟ ସୃଷ୍ଟି କରେ। ଏହା ପ୍ରେମ ଜୀବନକୁ ପ୍ରଭାବିତ କରିଥାଏ।
- ଶୁଭ କାର୍ଯ୍ୟରେ ବାଧା ସୃଷ୍ଟି କରେ। ଫଳରେ କାର୍ଯ୍ୟରେ ବାରମ୍ବାର ବାଧା ଆସେ।
- ଘର ଦର୍ପଣ କାଚ ଭାଙ୍ଗିବାକୁ ମଧ୍ୟ ଅଶୁଭ ବୋଲି କୁହାଯାଇଛି। ଏହା ଦୁର୍ଭାଗ୍ୟ ଆଣେ ଓ ଆତ୍ମବିଶ୍ୱାସକୁ ପ୍ରଭାବିତ କରେ।

ଫ୍ରେଞ୍ଚ୍ ଓପନ୍ ଟେନିସ୍ ଆରମ୍ଭ

## ସାବାଲେଙ୍କା, ଝେଙ୍ଗ୍‌ଙ୍କ ବିଜୟ



ପ୍ୟାରିସ,୨୫।୫(ସମିସ): ଐତିହାସିକ ରୋଲାଣ୍ଡ ଗ୍ୟାରସ୍ ଷ୍ଟାଡିୟମରେ ବର୍ଷରୁ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ରବିବାରଠାରୁ ଆରମ୍ଭ ହୋଇଛି। ଉଭୟ ପୁରୁଷ ଓ ମହିଳା ଏକକ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିମାନେ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ଏକକରେ ବିଜୟର ନ ୧ ଖେଳାଳି ତଥା ଟପ୍ ସିଡ୍ ଖେଳାଳି ବେଲାରୁଷର ଅରିନା ସାବାଲେଙ୍କା ୬-୧, ୬-୦ ସିଧା ସେଟ୍‌ରେ ରୁଷିଆର କାମିଲା ରାଖିମୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ସହ ଅଭିଯାନ ଆରମ୍ଭ କରିଛନ୍ତି। ସେହିପରି ଅଷ୍ଟମ ସିଡ୍ ଚୀନ୍‌ର କିନୱେନ ଝେଙ୍ଗ୍ ୬-୪, ୬-୩ ସେଟ୍‌ରେ ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ, ୧୩ତମ ସିଡ୍ ଏଲିନା ଭିଟୋଲିନା ୬-୧,୬-୧ ସେଟ୍‌ରେ ତୁର୍କୀର ସେନେପ ସୋନମେଜଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ଆମେରିକାର ୨୮ତମ ସିଡ୍ ଖେଳାଳି ପେଟୋନ ଷ୍ଟେର୍ଣ୍ଣ୍ସ ୦-୬, ୩-୬ ସେଟ୍‌ରେ ଜର୍ମାନୀର ଇଭା ଲିସ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।


### ଦ୍ୱିତୀୟ ରାଉଣ୍ଡରେ ଟମି ପଲ୍

ପୁରୁଷ ଏକକରେ ଦ୍ୱାଦଶ ସିଡ୍ ଆମେରିକାର ଟମି ପଲ ପ୍ରଥମ ରାଉଣ୍ଡରେ ବିଜୟ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ପଲ୍ ୬-୭, ୬-୨, ୬-୩, ୬-୧ ମାରାଥନ ସେଟ୍‌ରେ ଡେନମାର୍କର ଏଲମେର ମୋଲୋରଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଫ୍ରାନ୍ସର ୩୧ତମ ସିଡ୍ ଜିଓଭାନି ଏମ୍‌ପେସି ପେରିକାର୍ଡ ୪-୬, ୬-୩, ୭-୬, ୬-୪ ସେଟ୍‌ରେ ବେଲଜିୟମର ଜିଜୋଉ ବେର୍ଗ୍‌ସଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ୨୮ତମ ସିଡ୍ ଆମେରିକାର ବ୍ରାଣ୍ଡନ ନାକାସିମା ୬-୭, ୬-୪, ୧-୬, ୨-୬ ସେଟ୍‌ରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଦ୍ୱିତୀୟ ସିଡ୍ ସ୍ପେନର କାର୍ଲୋସ ପ୍ରଥମ ରାଉଣ୍ଡରେ ଜାପାନର କେଇ ନିଶିକୋରୀଙ୍କୁ ଭେଟିବେ। ସେହିପରି ଅନ୍ୟଏକ ପ୍ରଥମ ରାଉଣ୍ଡ ମୁକାବିଲାରେ ଆମେରିକାର ରେଇଲି ଓପେଲକା ୧-୬, ୬-୩, ୭-୫, ୭-୬ ସେଟ୍‌ରେ ଅଷ୍ଟ୍ରେଲିଆର ରିଙ୍କି ହିଜିକାଟାଙ୍କୁ ପରାସ୍ତେ କରି ଅଗ୍ରଗତି କରିଛନ୍ତି। ସର୍ବିଆର ହମାଦ ମେଡଜେଡୋଭିକ ୬-୩, ୬-୩, ୭-୬ ସେଟ୍‌ରେ କାମିଲ୍ ମାଜଚରଜାକଙ୍କୁହ ହରାଇ ଅଗ୍ରଗତି କରିଛନ୍ତି।

ମୋନାକୋ ଫର୍ମୁଲା-୧ ଗ୍ରାଁପ୍ରି

## ସିଜିନର ଦ୍ୱିତୀୟ ଟାଇଟଲ୍ ଜିତିଲେ ନୋରିସ୍

ମୋନାକୋ,୨୫।୫(ସମିସ): ମ୍ୟାକଲରେନ୍ ଡ୍ରାଇଭର ତଥା ବ୍ରିଟ୍ ଫର୍ମୁଲା-୧ ରେସର ଲାଣ୍ଡୋ ନୋରିସ ମୋନାକୋ ଫର୍ମୁଲା-୧ ଗ୍ରାଁପ୍ରିରେ ବାଜି ମାରିଛନ୍ତି। ରବିବାର ଅନୁଷ୍ଠିତ



ଅନ୍ତିମ ରେସ୍‌ରେ ସେ ଫେରାରୀର ଚର୍ଲ୍ସ ଲେକଲେର୍କ ଓ ମ୍ୟାକଲରେନ ସାଥି ଡ୍ରାଇଭର ଓସ୍କାର ପିଆଷ୍ଟ୍ରିଙ୍କୁ ପଛରେ ପକାଇ ସେ ସିଜିନର ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ସେ ସିଜିନ ଆରମ୍ଭରେ ଅଷ୍ଟ୍ରେଲିଆନ୍ ଗ୍ରାଁପ୍ରି ଟାଇଟଲ ହାସଲ କରିଥିଲେ। ସେହିପରି ରେଡବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ଚତୁର୍ଥ ଓ ଫେରାରୀର ଲୁଇସ ହାମିଲଟନ ୫ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ୨୫ ବର୍ଷୀୟ ନୋରିସ୍ ଏପର୍ଯ୍ୟନ୍ତ ୭ଟି ସଜିନ୍‌ରେ ଅଂଶଗ୍ରହଣ କରି ମୋଟ୍ ଉପରେ ୫ଟି ଗ୍ରାଁପ୍ରିରେ ଟାଇଟଲ ହାସଲ କରିଛନ୍ତି।

ଜର୍ମାନୀ କପ୍ ଫୁଟବଲ

## ୨୮ ବର୍ଷ ପରେ ଷ୍ଟର୍ଟଗାର୍ଟକୁ ପ୍ରଥମ ଟାଇଟଲ



ବର୍ଲିନ୍,୨୫।୫(ସମିସ): ଜର୍ମାନୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭିଏଫ୍‌ବି ଷ୍ଟର୍ଟଗାର୍ଟ ଚାମ୍ପିଅନ ହୋଇଛି। ଫାଇନାଲ ମୁକାବିଲାରେ ଷ୍ଟର୍ଟଗାର୍ଟ ୪-୨ ଗୋଲରେ ଥାର୍ଡ ଟାୟର ଦଳ ଅର୍ମିନିଆ ବିଏଲେଫେଲ୍ଡକୁ ପରାସ୍ତ କରି ଦୀର୍ଘ ୨୮ ବର୍ଷରେ ପ୍ରଥମ ଟାଇଟଲ ହାସଲ କରିଛି। ପୂର୍ବରୁ ୧୯୯୭ରେ ଷ୍ଟର୍ଟଗାର୍ଟ ପ୍ରଥମ ଜର୍ମାନ କପ୍ ଟାଇଟଲ ଜିତିଥିଲା। ସ୍ଥାନୀୟ ଅଲିମ୍ପିଆ ଷ୍ଟାଡିଅନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଷ୍ଟର୍ଟଗାର୍ଟ ତରଫରୁ ଏଞ୍ଜୋ ମିଲୋଟ ୨୨ ଓ ୬୬ତମ ମିନିଟ୍‌ରେ ଦୁଇଟି, ନିକ ଓଲ୍ଟମେଡ୍ ୧୫ ଓ ଡେନିଜ ଉନଦାଭ ୨୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ସେହିପରି ଅର୍ମିନିଆ ତରଫରୁ ୮୨ତମ ମିନିଟ୍‌ରେ ଜୁଲିଆନ କାନିଆ ଗୋଲ ଦେଇଥିଲେ। କିନ୍ତୁ ୮୫ତମ ମିନିଟ୍‌ରେ ଷ୍ଟର୍ଟଗାର୍ଟର ଜୋଶା ଭାଗନୋମାନଙ୍କ ଆତ୍ମଘାତୀ ଗୋଲ ଫଳରେ ଅର୍ମିନିଆ ପରାଜୟ ବ୍ୟବଧାନ କମିଥିଲା।

ଆଇପିଏଲ୍ ୧୮ ରେ କ୍ଲାସେନ୍‌ଙ୍କ ଶତକ; କୋଲକାତା ୧୧୦ ରନ୍‌ରେ ପରାସ୍ତ

# ପ୍ରଥମ ଓ ଶେଷରେ ହାଇଦରାବାଦ୍‌ର ଦମ୍‌ଦାର ବିଜୟ

ଦିଲ୍ଲୀ, ୨୫।୫ (ଏଜେନ୍ସି)

ହେନ୍‌ରିକ୍ କ୍ଲାସେନ (୧୦୫*) ଓ ଟ୍ରାଭିସ ହେଡ୍ (୬୮)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୬୭ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ୧୧୦ ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରିଛି। ଏହା ଫଳରେ ଦଳ ପ୍ରଥମ ଓ ଶେଷ ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରି ଆଇପିଏଲ୍-୧୮ ଅଭିଯାନ ଶେଷ କରିଛି। ଚଳିତ ଆଇପିଏଲ୍‌ରେ ହାଇଦରାବାଦ୍ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୪୪ ରନ୍‌ରେ ପରାସ୍ତ କରିଥିଲା। ଏଥିରେ ଇଶାନ କିଶାନ ଅପରାଜିତ ୧୦୬ ଓ ଟ୍ରାଭିସ୍ ହେଡ୍ ୬୭ ରନ୍ କରିବା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୨୮୬ (ଚଳିତ ସଂସ୍କରଣରେ ସର୍ବାଧିକ) ରନ୍ କରିଥିଲା। ଜବାବରେ ରାଜସ୍ଥାନ ୬/୨୪୨ ରନ୍ କରିଥିଲା। ସେହିପରି ଆଜି କ୍ଲାସେନ ୩୯ ବଲ୍‌ରେ ୧୦୫ ଓ ହେଡ୍ ୪୦ ବଲ୍‌ରେ ୭୬ ରନ୍ କରିବା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ୩ ୱିକେଟରେ ୨୭୮ ରନ୍ ବା ଆଇପିଏଲ୍ ଇତିହାସରେ ତୃତୀୟ ସର୍ବାଧିକ ସ୍କୋର କରିଥିଲା। ଜବାବରେ ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ଆଉ ୮ଟି ବଲ ବାକିଥାଇ ୧୬୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ଦଳ ୧୧୦ ରନ୍‌ରେ ମ୍ୟାଚ୍‌କୁ ଜିତିବା ସହ ପ୍ରଥମ ଓ ଶେଷ ମ୍ୟାଚ୍‌ରେ ଦମ୍‌ଦାର ଖେଳିବାରେ ସମର୍ଥ ହୋଇଥିଲା। ଏହି ବିଜୟ ପରେ ହାଇଦରାବାଦ୍ ୧୪ଟି ମ୍ୟାଚ୍‌ରୁ ୬ ବିଜୟ ସହ ୧୩ ପଏଣ୍ଟ ପାଇ ଟେବଲର ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଅନ୍ୟ ପକ୍ଷରେ କୋଲକାତା ୧୪ ମ୍ୟାଚ୍‌ରୁ ୫ ବିଜୟ ସହ ୧୨ ପଏଣ୍ଟ ପାଇ ୮ମ ସ୍ଥାନରେ ରହିଛି। ଆଇପିଏଲ୍ ଇତିହାସରେ ଏହା କୋଲକାତା ରନ୍ ବ୍ୟବଧାନରେ ସର୍ବବୃହତ ପରାଜୟ ବରଣ କରିଛି। ବିଜୟୀ ଦଳର କ୍ଲାସେନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକୀୟ କ୍ଲାସେନ ୩୭ ବଲ୍‌ରେ ଶତକ ହାସଲ କରିବା ସହ ୩୯ ବଲ୍‌ରେ ୭ ଚୌକା ଓ ୯ ଛକା ସହ ୧୦୫ ରନ୍‌ରେ ଅପରାଜିତ ରହିଥିଲେ। ଫଳରେ ଆଇପିଏଲ୍ ଇତିହାସରେ କ୍ଲାସେନ ତୃତୀୟ ଯୁଗ୍ମ ଦ୍ରୁତତମ ଶତକ ହାସଲ କରିଥିଲେ। ତାଙ୍କ ବ୍ୟତୀତ ଟ୍ରାଭିସ ହେଡ୍ ୪୦ ବଲ୍‌ରେ ୬ଟି ଲେଖାଏଁ ଚୌକା ଓ ଛକା ସହ ୭୬, ଅଭିଷେକ ଶର୍ମା ୧୬ ବଲ୍‌ରେ ୩୨, ଇଶାନ କିଶାନ ୨୦ ବଲ୍‌ରେ ୨୯ ରନ୍ କରିଥିଲେ। ଜବାବରେ କୋଲକାତା ୧୮.୪ ଓଭରରେ ୧୬୮ ରନ୍ କରିଥିଲା। ଦଳ ପକ୍ଷରୁ କେହି ବଡ଼ ସ୍କୋର କରି ନ ଥିଲାବେଳେ ମନୀଷ ପାଣ୍ଡେ ସର୍ବାଧିକ ୩୭, ହର୍ଷିତ ରାଣା ୩୪ ଓ ସୁନୀଲ ନାରାୟଣ ୩୧ ରନ୍ କରିଥିଲେ। ହାଇଦରାବାଦ୍ ପକ୍ଷରୁ ଜୟଦେବ ଉନାଦକତ, ଏଶାନ ମାଲିଙ୍ଗା ଓ ବାମହାତୀ ସ୍ପିନର ହର୍ଷ ଦୁବେ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରି ଦଳକୁ ବଡ଼ ବିଜୟ ପ୍ରଦାନ କରିଥିଲେ।

**ଆଇପିଏଲ୍‌ରେ ୫ ଉଚ୍ଚତମ ସ୍କୋର**

| ଦଳ | ସ୍କୋର | ବିପକ୍ଷ | ଭେନ୍ୟୁ |
|---|---|---|---|
| ହାଇଦରାବାଦ୍ | ୨୮୭/୩ | ବେଙ୍ଗାଲୁରୁ | ବେଙ୍ଗାଲୁରୁ |
| ହାଇଦରାବାଦ୍ | ୨୮୬/୬ | ରାଜସ୍ଥାନ | ହାଇଦରାବାଦ୍ |
| ହାଇଦରାବାଦ୍ | ୨୭୭/୩ | ମୁମ୍ବାଇ | ହାଇଦରାବାଦ୍ |
| କୋଲକାତା | ୨୭୨/୭ | ଦିଲ୍ଲୀ | ବିଶାଖାପାଟନମ |
| ହାଇଦରାବାଦ୍ | ୨୬୬/୭ | ଦିଲ୍ଲୀ | ଦିଲ୍ଲୀ |

**ଆଇପିଏଲ୍‌ରେ ଦ୍ରୁତତମ ଶତକ**

| ଖେଳାଳି | ବଲ୍ | ମ୍ୟାଚ୍ | ଭେନ୍ୟୁ |
|---|---|---|---|
| କ୍ରିସ୍ ଗେଲ୍ | ୩୦ | ବେଙ୍ଗାଲୁରୁ- ପୁଣେ | ବେଙ୍ଗାଲୁର |
| ବୈଭବ ସୂର୍ଯ୍ୟବଂଶୀ | ୩୫ | ରାଜସ୍ଥାନ- ଗୁଜରାଟ | ଜୟପୁର |
| ୟୁସୁଫ ପଠାନ | ୩୭ | ରାଜସ୍ଥାନ- ମୁମ୍ବାଇ | ମୁମ୍ବାଇ |
| ଡେଭିଡ ମିଲର | ୩୮ | ପଞ୍ଜାବ-ବେଙ୍ଗାଲୁରୁ | ମୋହାଲି |
| ଟ୍ରାଭିସ ହେଡ | ୩୯ | ହାଇଦରାବାଦ- ବେଙ୍ଗାଲୁରୁ | ବେଙ୍ଗାଲୁରୁ |

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ପଞ୍ଜାବ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ହାଇଦରାବାଦ୍ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| କୋଲକାତା | ୧୪ | ୫ | ୭ | ୨ | ୧୨ | +୦.୩୦୫ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

ଆସାମ ପ୍ରିମିୟର ଲିଗ୍

## କଳିଙ୍ଗ ୱାରିୟର୍ସ ଚାମ୍ପିଅନ




ଭୁବନେଶ୍ୱର, ୨୫।୫ (ସମିସ): ଆସାମର ଗୁଆହାଟୀଠାରେ ଚାଲିଥିବା ଆସାମ ଚେସ୍ ପ୍ରିମିୟର ଲିଗ୍ ରବିବାର ଶେଷ ହୋଇଛି। ଏଥିରେ ଭାଗ ନେଇଥିବା ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ କଳିଙ୍ଗ ୱାରିୟର୍ସ ସର୍ବାଧିକ ପଏଣ୍ଟ ପାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ଫ୍ରାଞ୍ଚାଇଜ୍‌ର ମାଲିକ ଅଲ୍ ଓଡ଼ିଶା ଚେସ ସଂଘ ରହିଛି। ଏହି ସଂଘର ସମ୍ପାଦକ ଦେବବ୍ରତ ଭଟ୍ଟଙ୍କ ନେତୃତ୍ୱରେ କଳିଙ୍ଗ ୱାରିୟର୍ସ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଶ୍ରେଷ୍ଠ ସଫଳତା ପାଇଛି। ଏହି ଦଳରେ ଜିଏମ୍ ଅଙ୍କିତ ରାଜପାରା, ଅମେୟ ଗୁପ୍ତା, ଅମ୍ଲାନ ମହନ୍ତ, ମୃଣ୍ମୟ ରାଜଖୋୱା ପ୍ରମୁଖ ଭାଗ ନେଇଛନ୍ତି। ଓଡ଼ିଆ ଖେଳାଳି ସିଏମ୍ ହର୍ଷିତ ରଞ୍ଜନ ସାହୁ ଓ ଏଫ୍‌ଏମ୍ ରାଜେଶ ନାୟକ ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲେ। କଳିଙ୍ଗ ୱାରିୟର୍ସ ସର୍ବାଧିକ ୫.୫ ପଏଣ୍ଟ ପାଇଥିଲା। ପୁରସ୍କାର ବାବଦରେ ଓଡ଼ିଶା ଭିତ୍ତିକ ଦଳ ୩ ଲକ୍ଷ ଟଙ୍କା ଓ ଟ୍ରଫି ପାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଭାଗନେଇଥିଲା। ଅନ୍ୟ ଦଳଗୁଡିକ ହେଲେ ଆକ୍ବମ ରାଇନୋସ ଚେକ୍‌ମେଟ୍ସ, ରାଞ୍ଚି କ୍ୟାପିଟାଲ୍ସ, ସାଭୟ ଚେକ୍‌ମେଟ୍ସ, ନାଇଟ୍ ମୁଭର୍ସ, ଏଜୁ ହବ୍ ଚେକ୍‌ମେଟ୍ସ, ବିଟିଆର୍ ୱାରିୟର୍ସ ଓ ୯୧ ୟାର୍ଡ୍ସ କ୍ଲବ୍।

## ଟ୍ରଏ କୁଲେ ଭାରତ-ଏ ବୋଲିଂ କୋଚ୍

ମୁମ୍ବାଇ,୨୫।୫(ସମିସ): ଅଷ୍ଟ୍ରେଲିଆର ପୂର୍ବତନ ଘରୋଇ କ୍ରିକେଟର ଟ୍ରଏ କୁଲେ ଭାରତ-ଏ ଦଳର ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ସେ ଆଗାମୀ ଇଂଲଣ୍ଡ ଗସ୍ତରେ ଦାୟିତ୍ୱ ବହନ କରିବେ। ରବିବାର ଭାରତ-ଏ ଦଳ ଇଂଲଣ୍ଡରେ ପହଞ୍ଚିଛି। କୁଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ) ରେ ବୋଲିଂ କୋଚ୍ ରହିଛନ୍ତି। ସେ ମଧ୍ୟ ଇଂଲଣ୍ଡର ବୋଲିଂ କୋଚ୍ ରହିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଇଂଲଣ୍ଡ ୨୦୦୫ ଆଶେଶ୍‌ରେ ୨-୧ରେ ସିରିଜ ବିଜୟୀ ହୋଇଥିଲା। ୫୭ ବର୍ଷୀୟ କୁଲେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ଦ୍ରୁତ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରିଆସୁଛନ୍ତି। ୨୦୨୨ ଫେବୃଆରୀରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ଭାରତୀୟ ମହିଳା ଦଳର ବୋଲିଂ କୋଚ୍ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ହୃଷିକେଶ କାନିତକର ଭାରତ-ଏ ଦଳର ମୁଖ୍ୟ କୋଚ୍ ରହିଛନ୍ତି।



ଇଂଲଣ୍ଡ ଗସ୍ତରେ ଯାଇ ଲଣ୍ଡନରେ ପହଞ୍ଚିଥିବା ଭାରତ-ଏ କ୍ରିକେଟ ଦଳର ଖେଳାଳିମାନେ।

## ଓସିଏର ଅମ୍ପାୟାର ପଦୋନ୍ନତି ପରୀକ୍ଷା


କଟକ,୨୫।୫(ସମିସ): ଓଡିଶା କ୍ରିକେଟ ଆସୋସିଏସନ(ଓସିଏ)ର ଅମ୍ପାୟାର ପଦୋନ୍ନତି ପରୀକ୍ଷା ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହୋଇଛି। ଏଥିରେ ଓସିଏର ୨୧ଜଣ ପ୍ୟାନେଲ ଅମ୍ପାୟାର ଅଂଶ ଗ୍ରହଣ କରିଥିଲେ। ବିସିସିଆଇର ବରିଷ୍ଠ ଅମ୍ପାୟାର ଅରୁଣ




କୁମାର ବାସା ପରୀକ୍ଷା ପରିଚାଳନା କରିଥିଲେ। ରାଜ୍ୟରେ କ୍ରିକେଟର ବିକାଶ ଦିଗରେ ଓସିଏ ନିରନ୍ତର କାର୍ଯ୍ୟ କରୁଛି। ଏହି ପରିପ୍ରେକ୍ଷୀରେ ଅମ୍ପାୟାରମାନଙ୍କ କୌଶଳ ବିକାଶ ପାଇଁ ଏଭଳି ପରୀକ୍ଷା ହୋଇଥିବା ନେଇ ଓସିଏ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

## ପେଞ୍ଚକ ସିଲାଟ୍‌ରେ ଓଡ଼ିଶାକୁ ୮ ପଦକ



ଭୁବନେଶ୍ୱର,୨୫।୫(ସମିସ)

ଡିୟୁର ଘୋଗ୍ଲା ବିଚ୍‌ରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ୮ଟି ପଦକ ହାସଲ କରିଛି। ଏହି ଇଭେଣ୍ଟରେ ୨୦ ଜଣ ଓଡ଼ିଆ ପ୍ରତିଭାବାନ ଖେଳାଳି ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଖେଳାଳିମାନେ ୩ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶାର ସୋହିଲ ଗୁରୁଙ୍ଗ୍ ସୋଲୋ ଓ ଟେଣ୍ଡି ଇଭେଣ୍ଟରେ ୨ଟି ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ଗାଣ୍ଡା ଓ ଉଭୟ ପୁରୁଷ ଓ ମହିଳା ରେଗୁ ଟିମ୍ କାଂସ୍ୟ ପଦକ ଜିତିଛନ୍ତି। ଅନିନ୍ଦିତା ପାତ୍ର ଟେଣ୍ଡିଂ ଇଭେଣ୍ଟରେ ରୌପ୍ୟ, ରୁଦ୍ର ପ୍ରତାପ ଷଡଙ୍ଗୀ ରତୁ ଗିଲ୍ କାଂସ୍ୟ ପଦକଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ତରଫରୁ ଖେଳାଳିମାନଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପ୍ରେମ ସିଂ ଥାପ୍ପା ଦାୟିତ୍ୱର ରେଫ୍ରିସିପ୍ କରିଥିବାରୁ ଇଣ୍ଡିଆ ଫେଡେରେସନ ତରଫରୁ ସମ୍ମାନିତ ହୋଇଥିଲେ। କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅନୁସଚିବ ବିଜୟ ସ୍ୱାଇଁ, ଓଏସ୍‌ଡି ଧିରଜ ପଟ୍ଟନାୟକଙ୍କ ସମେତ ସମାଜସେମୀ ତଥା ପେଞ୍ଚକ ସିଲାଟ ଆସୋସିଏସନ ଖୋର୍ଦ୍ଧାର ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ, ଆସୋସିଏସନ ଓଡ଼ିଶା ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପ-ସଭାପତି ମନୋରଞ୍ଜ ଭଞ୍ଜ, ଅରବିନ୍ଦ ନାୟକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ୍ ସିଂ ଥାପ୍ପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଏସୀୟ ଜୁ ଜିତ୍ସୁରେ ଅନୁପମାଙ୍କୁ ଦ୍ୱିତୀୟ ପଦକ



ଭୁବନେଶ୍ୱର, ୨୫।୫ (ସମିସ): ଓଡ଼ିଶାର ଅନୁପମା ସ୍ୱାଇଁ ଭାରତ ପକ୍ଷରୁ ନବମ ଏସୀୟ ଜୁ ଜିତ୍ସୁରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଜୋର୍ଡାନ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ମହିଳା ୫୨ କିଲୋଗ୍ରାମ୍ କାଟାଗୋରୀରେ କଣ୍ଟାକ୍ଟରେ ସେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଅନୁପମା ଦ୍ୱିତୀୟ ପଦକ ବିଜୟୀ ହେବାରେ ସମର୍ଥ ହୋଇଛନ୍ତି।

୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ

## ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍

କଟକ,୨୫।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ କଟକରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ପ୍ରଥମ ପର୍ଯ୍ୟାୟରେ ଗ୍ରୁପ-ଏ ଏବଂ ଗ୍ରୁପ-ବିର ମ୍ୟାଚ୍ ଶେଷ ହୋଇଛି। ଗ୍ରୁପ-ଏରୁ ଝାରସୁଗୁଡା ଏବଂ ଗ୍ରୁପ-ବିରୁ ଖୋର୍ଦ୍ଧା ଉଭୟ ୧୬ ପଏଣ୍ଟ ଲେଖାଏ ସଂଗ୍ରହ କରି ଶୀର୍ଷରେ ରହିଛନ୍ତି। ସୋମବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହେବ। ଗ୍ରୁପ-ସି ଏବଂ ଗ୍ରୁପ-ଡିରେ ସ୍ଥାନ ପାଇଥିବା ଦଳ ପ୍ରତିଯୋଗିତାକୁ ଓହ୍ଲାଇବେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ଦୁଇଟି ଗ୍ରାଉଣ୍ଡ ସମେତ ଅଡଶପୁର, ଡ୍ରିମସ, ସନସାଇନ ଏବଂ ବିଡାନାସୀ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ। ୩୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚସୂଚୀ ରହିଛି। ସୋମବାର କଟକ-ଏ ଏବଂ କେନ୍ଦୁଝର, ବାଲେଶ୍ୱର ଓ ଢ଼େଙ୍କାନାଳ, ପୁରୀ ଓ କନ୍ଧମାଳ, ଭୁବନେଶ୍ୱର-ଏ ଓ ରାଉରକେଲା, ଗଞ୍ଜାମ ଓ ବରଗଡ, ନୂଆପଡା ଏବଂ ପୁରୀ ମଧ୍ୟରେ ମୁକାବିଲା ହେବ।

୩୮ତମ ଭୁବନେଶ୍ୱର ସ୍କୁଲ ଓପନ ଚେସ୍

## ସତ୍ୟମ୍ ଚାମ୍ପିଅନ, ପ୍ରୀତମ ରନର୍ସ ଅପ୍



ଭୁବନେଶ୍ୱର, ୨୫।୫ (ସମିସ): ସତ୍ୟମ ସ୍ୱରୂପ ସାହୁ ଓ ପ୍ରୀତମ ହୋତା ୩୮ତମ ଭୁବନେଶ୍ୱର ସ୍କୁଲ୍ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ୫ ରାଉଣ୍ଡରୁ ସର୍ବାଧିକ ୪.୫ ଓ ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ପ୍ରୀତମ ୪ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଛନ୍ତି। ଏମାନଙ୍କ ପଛକୁ ୫ମ ସ୍ଥାନ ଯାଏ ଥିବା ପ୍ରତିଯୋଗୀ ମଧ୍ୟ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିସ ନନ୍ଦ ଗୋସ୍ୱାମୀ, କଟକ ମେଡିକାଲ ଡିଏଭି ପବ୍ଲିକ୍ ସ୍କୁଲ୍‌ର ନିରେକ ପରିଡ଼ା ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ସ୍ୱସ୍ତିକ ତ୍ରିପାଠୀ ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱର ଚେସ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର (ଆଜି) ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍କୁଲ୍‌ର ପ୍ରିନ୍ସିପାଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ଟାଟା ଷ୍ଟିଲର ଏରିଆ ମ୍ୟାନେଜର ସୁଶାନ୍ତ ରଥ ମୁଖ୍ୟ ଅତିଥି ଓ ଭୁବନେଶ୍ୱର ଚେସ ସଂଘ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

■ ଚତୁଃରାଷ୍ଟ୍ରୀୟ ହକି ଟୁର୍ଣ୍ଣାମେଣ୍ଟ

## ଚିଲିକୁ ହରାଇଲା କନିଷ୍ଠ ଭାରତୀୟ ମହିଳା ଦଳ



ରୋସାରିଓ,୨୫।୫(ସମିସ): ଆର୍ଜେଣ୍ଟିନାର ରୋସାରିଓ ଚାଲିଥିବା ଚତୁଃରାଷ୍ଟ୍ରୀୟ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ କନିଷ୍ଠ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଭାରତୀୟ ଦଳ ୨-୧ ଗୋଲରେ ଦକ୍ଷିଣ ଆମେରିକୀୟ ଦେଶ ଚିଲିକୁ ପରାସ୍ତ କରିଛି। ଭାରତ ପାଇଁ ଶୁଖବୀର କୌର ୩୯ତମ ଓ କନିକା ସିୱାଚ୍ ୫୮ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ଚିଲି ତରଫରୁ ଜାଭେରିଆ ସାଏଞ୍ଜ ବିଂଶତମ ମିନିଟ୍‌ରେ ଦଳ ତରଫରୁ ଏକମାତ୍ର ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାପରେ ଭାରତ ଦୁଇଟି ଗୋଲ ଦେଇ ବିଜୟୀ ହୋଇଥିଲା। ଭାରତ ଏବେ ତା'ର ଦ୍ୱିତୀୟ ମୁକାବିଲାରେ ସୋମବାର ଅନ୍ୟତମ ଲାଟିନ ଆମେରିକୀୟ ଦେଶ ଉରୁଗୁଏକୁ ଭେଟିବ।

■ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ଫାଇନାଲ ହାରି ଶ୍ରୀକାନ୍ତ ରନର୍ସଅପ୍

କ୍ୱାଲାଲମ୍ପୁର,୨୫।୫(ସମିସ): ସ୍ଥାନୀୟ ଅକ୍ସିଆଟା ଏରିନାରେ ଅନୁଷ୍ଠିତ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ଖେଳାଳି ଉପ- ବିଜେତା ହୋଇ ଅଭିଯାନ ଶେଷ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ଏକକ ଫାଇନାଲ ମୁକାବିଲାରେ ଶ୍ରୀକାନ୍ତ ୧୧-୨୧, ୯-୨୧ ସିଧାସଳଖ ଗେମ୍‌ରେ ଚୀନ୍‌ର ଲି ସି ଫେଙ୍ଗଠାରୁ ମାତ୍ର ୩୬ ମିନିଟ୍‌ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି। ୩୨ ବର୍ଷୀୟ ଶ୍ରୀକାନ୍ତ ଦୀର୍ଘ ୬ ବର୍ଷ ପରେ କୌଣସି ବିଡବ୍ଲ୍ୟୁଏଫ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ହାସଲ କରିବାରେ ବିଫଳ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୧୯ରେ ଇଣ୍ଡିଆନ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍ ହୋଇଥିଲେ। ଶନିବାର ସେମିଫାଇନାଲରେ ସେ ଜାପାନର ବିଶ୍ୱର ୨୩ ନଂ ଖେଳାଳି ୟୁସି ତନାକାଙ୍କୁ ୨୧-୧୮, ୨୪-୨୨ରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ୨୦୨୧ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଶ୍ରୀକାନ୍ତ ଏବେ ବିଶ୍ୱ ମାନ୍ୟତାର ୪୭ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ପରାସ୍ତ ହୋଇ ବିଦାୟ ନେଇସାରିଥିଲେ।



**ଆଇପିଏଲ୍ ୧୮ | ଦମ୍ ଦେଖାଇଲେ ଯୁବ ଖେଳାଳି**

# ଶେଷ ମ୍ୟାଚ୍ ଜିତି ଶେଷରେ ରହିଲା ଚେନ୍ନାଇ



ଅହମ୍ମଦାବାଦ, ୨୫।୫ (ଏଜେନ୍ସି):

ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୬୭ତମ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସ ୮୩ ରନ୍‌ର ବୃହତ୍ ବ୍ୟବଧାନରେ ଟେବଲ ଟପ୍ପର ଗୁଜରାଟ ଟାଇଟନ୍ସକୁ ପରାସ୍ତ କରିଛି। ଆଇପିଏଲ୍ ଇତିହାସରେ ସର୍ବବୃହତ୍ ରନ୍ ବ୍ୟବଧାନରେ ପରାଜୟ ସତ୍ତ୍ୱେ ଗୁଜରାଟ ୧୪ଟି ମ୍ୟାଚ ଖେଳି ୯ ବିଜୟ ଓ ୫ ପରାଜୟ ସହ ଅଭିଯାନ ଶେଷ କରିଛି। ଏହା ଫଳରେ ଦଳ ଏବେ ସୁଦ୍ଧା ୧୮ ପଏଣ୍ଟ ପାଇ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ୧୭ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ପଞ୍ଜାବ କିଙ୍ଗ୍‌ସ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସେମାନଙ୍କ ଶେଷ ମ୍ୟାଚ୍ ଜିତିପାରିଲେ ଟେବଲର ଟପ୍ପର ହେବେ। ଅନ୍ୟ ପକ୍ଷରେ ୫ଥରର ଚାମ୍ପିଅନ ଓ ୫ ଥରର ରନର୍ସ ଅପ୍ ଚେନ୍ନାଇ ୧୪ଟି ମ୍ୟାଚ୍‌ରୁ ୪ଟି ବିଜୟ ସହ ୮ ପଏଣ୍ଟ ପାଇଛି। ରାଜସ୍ଥାନ ମଧ୍ୟ ୮ ପଏଣ୍ଟ ପାଇଛି। କିନ୍ତୁ ଚେନ୍ନାଇ ସୁପର କିଙ୍ଗ୍‌ସର ଖରାପ ନେଟ ରନ୍ ରେଟ୍ ଯୋଗୁଁ ୧୦ଟି ଦଳ ମଧ୍ୟରେ ୧୦ମ ସ୍ଥାନରେ ରହିଛି। ଆଇପିଏଲ୍ ଇତିହାସରେ ଏହା ପ୍ରଥମ ଘଟଣା ଯେଉଁଥିରେ କି ଚେନ୍ନାଇ ପଏଣ୍ଟ ଟେବଲର ଶେଷ ସ୍ଥାନ ସହ ଅଭିଯାନ ଶେଷ କରିଛି। ଏହି ମ୍ୟାଚରେ ଦଳର ନେତୃତ୍ୱ ନେଇଥିବା ମହେନ୍ଦ୍ର ସିଂ ଧୋନି ମଧ୍ୟ ଶାନ୍ତ୍ୱନାମୂଳକ ବିଜୟ ସହ ସିଜନ ଶେଷ କରିଛନ୍ତି। ତାଙ୍କ ନେତୃତ୍ୱରେ ଦଳ ୧୦ଥର ଫାଇନାଲ ଖେଳିଥିଲେ ମଧ୍ୟ ଶେଷରେ ସେ ହାର ମାନି ନକରାତ୍ମକ ରେକର୍ଡ କରି ଚଳିତ ସିଜନ ଶେଷ କରିଛନ୍ତି। ବିଜୟୀ ଦଳ ପକ୍ଷରୁ ୨୩ଟି ବଲ ଖେଳି ୪ ଚୌକା ଓ ୫ ଛକା ସହ ସର୍ବାଧିକ ୫୭ ରନ୍ କରିଥିବା ଦକ୍ଷିଣ ଆଫ୍ରିକୀୟ ଯୁବ ଖେଳାଳି ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ସମ୍ମାନ ମିଳିଛି।

**ଆଇପିଏଲ୍‌ରେ ଆଜି**
**ପଞ୍ଜାବ ବନାମ ମୁମ୍ବାଇ**
ଜୟପୁର/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

### ନୁର, ଅଂଶୁଲଙ୍କ ଚମତ୍କାର ବୋଲିଂ

ଦୁଇ ବିଦେଶୀ ଖେଳାଳି ଡେଭନ କନୱେ (୫୨) ଓ ଡିୱାଲ୍ଡ ବ୍ରେଭିସ (୫୭)ଙ୍କ ଅର୍ଦ୍ଧଶତକ ବଳରେ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗ୍‌ସ ୫ ୱିକେଟରେ ୨୩୦ ରନ୍ କରିଥିଲା। ଚଳିତ ସିଜନରେ ଦଳର ଏହା ସର୍ବାଧିକ ଦଳଗତ ସ୍କୋର ହୋଇଥିଲା। ଜବାବରେ ୨୩୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍ସ ପ୍ରତିପକ୍ଷ ନୁର ଅହମ୍ମଦ୍ ଓ ଅଂଶୁଲ କାମ୍ବୋଜଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୯ଟି ବଲ୍ ବାକିଥାଇ ୧୪୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ପ୍ରଥମଥର ଲାଗି ଦଳର ୩ଜଣ ଯାକ ଟପ୍ ଅର୍ଡର ବ୍ୟାଟର ଅଧିନାୟକ ଶୁବମନ ଗିଲ୍ (୧୩), ଜୋଶ ବଟଲର (୫) ଓ ସାଇ ସୁଦର୍ଶନ (୪୧) ବ୍ୟାଟିଂରେ ଫେଲ ମାରିଥିଲେ। ସୁଦର୍ଶନ ଦଳ ପକ୍ଷରୁ ସର୍ବାଧିକ ରନ୍ କରିଥିଲେ ମଧ୍ୟ ଦଳକୁ ସେ ନକରାତ୍ମକ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଅନ୍ୟ କୌଣସି ବ୍ୟାଟର ମଧ୍ୟ ଚେନ୍ନାଇ ବୋଲରଙ୍କୁ ମୁକାବିଲା କରିପାରି ନ ଥିଲେ। ଶାହରୁଖ ଖାନ୍ (୧୯), ରାହୁଲ ତେୱାତିଆ (୧୪), ରାଶିଦ୍ ଖାନ୍ (୧୨) ଓ ଅଲରାଉଣ୍ଡର ଜେରାଲ୍ଡ କୋଏଜି (୫) ରନ୍ କରି ବିଫଳ ହୋଇଥିଲେ। ପୂର୍ବରୁ ଏମାନେ କିଛି ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ମିଳିତ ଭାବେ ଫେଲ୍ ମାରିଥିଲେ। ଚେନ୍ନାଇ ପକ୍ଷରୁ ଆଫଗାନ ସ୍ପିନର ଓ ହରିୟାଣାର ପେସ୍ ବୋଲର ଅଂଶୁଲ କାମ୍ବୋଜ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଏହା ଫଳରେ ନୁରଙ୍କ ୱିକେଟ ସଂଖ୍ୟା ଚଳିତ ସିଜନରେ ୨୪ରେ ପହଞ୍ଚିଛି। ଆଇପିଏଲ୍-୨୦୨୫ରେ ମଧ୍ୟ ସେ ସର୍ବାଧିକ ୨୪ଟି ୱିକେଟ ଅକ୍ତିଆର କରିଛନ୍ତି।



### କନ୍‌ୱେ, ବ୍ରେଭିସ୍‌ଙ୍କ ଅର୍ଦ୍ଧଶତକ

ଏଠାରେ ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ଟିମ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚଳିତ ସିଜନରେ ବଦଳ ଖେଳାଳି ରୂପେ ଖେଳିଥିବା ଯୁବ ଓପନର କରିଥିବା ଆୟୁଷ ମହାତ୍ରେ ୧୭ ବଲ୍‌ରେ ୩୪ ରନ୍, ଉର୍ଭିଲ ପଟେଲ ୧୯ ବଲ୍‌ରେ ୧୯ ବଲ୍‌ରେ ୩୭ ଓ ବ୍ରେଭିସ୍ ୨୩ ବଲ୍‌ରେ ୫୭ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ ୩ ବରିଷ୍ଠ ଖେଳାଳି ଡେଭନ କନୱେ ୩୫ ବଲ୍‌ରେ ୫୨, ଶିବମ ଦୁବେ ୮ ବଲ୍‌ରୁ ୧୭ ଓ ରବୀନ୍ଦ୍ର ଜାଡେଜା ୧୮ ବଲ୍‌ରୁ ଅପରାଜିତ ୨୧ ରନ୍ କରିବା ଫଳରେ ଦଳ ୮/୨୩୦ ରନ୍‌ର ଏକ ବିଶାଳ ସ୍କୋର କରିଥିଲା। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସର୍ବାଧିକ ୨ଟି ୱିକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଚେନ୍ନାଇ ସୁପର କିଙ୍ଗ୍‌ସ: ୨୩୦/୫, ୨୦ ଓଭର** (ଡିୱାଲ୍ଡ ବ୍ରେଭିସ-୫୭, ଡେଭନ କନୱେ-୫୨, ଉର୍ଭିଲ ପଟେଲ-୩୭, ଆୟୁଷ ମହାତ୍ରେ-୩୪, ପ୍ରସିଦ୍ଧ କ୍ରିଷ୍ଣା-୨/୨୨)।

**ଗୁଜରାଟ ଟାଇଟନ୍ସ: ୧୪୭/୧୦, ୧୮.୩ ଓଭର** (ସାଇ ସୁଦର୍ଶନ-୪୧, ଅର୍ଶାଦ୍ ଖାନ୍-୨୦, ଅଂଶୁଲ କାମ୍ବୋଜ-୩/୧୩, ନୁର ଅହମ୍ମଦ୍-୩/୨୧, ରବୀନ୍ଦ୍ର ଜାଡେଜା-୨/୧୭)।

**ଆମେର୍ସଫୁଟ୍‌ରୁ ଜେନିଭା ପର୍ଯ୍ୟନ୍ତ**

# ଟାଇଟଲ ହାସଲରେ ବିରଳ ଶତକ



ସର୍ବିଆର ଅଭିଜ୍ଞ ଟେନିସ୍ ତାରକା ନୋଭାକ ଜୋକୋଭିଚ୍ ଖେଳ ଜାରି ରଖିଥିଲେ ମଧ୍ୟ କିଂବଦନ୍ତୀ ଆଖ୍ୟା ଅର୍ଜନ କରିସାରିଛନ୍ତି। ଓପନ୍ ଏରାରେ ସେ ଆଉ ଏକ ବଡ଼ ଉପଲବ୍ଧୀ ହାସଲ କରି ବିଶ୍ୱ ଟେନିସରେ ନିଜର ପ୍ରଭୁତ୍ୱ ଜାହିର କରିଛନ୍ତି। ଜେନିଭା ଓପନ୍ ଏଟିପି ଟୁର ୨୫୦ ପ୍ରତିଯୋଗିତାରେ ଚାମ୍ପିଅନ ହୋଇ ସେ କ୍ୟାରିଅରର ୧୦୦ତମ ଏଟିପି ଟୁର ଟାଇଟଲ ଜିତିଛନ୍ତି। ଫାଇନାଲ ମୁକାବିଲାରେ ପ୍ରଥମ ସେଟ୍‌ରେ ପରାସ୍ତ ହୋଇ ପଛରେ ପଡିଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ବାକି ଦୁଇଟି ସେଟ୍‌ରେ ବିଜୟୀ ହୋଇଛନ୍ତି। ସେ ପୋଲାଣ୍ଡ ହୁବର୍ଟ ହୁରକାଜଙ୍କୁ ୫-୭, ୭-୬, ୭-୬ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଟେନିସରେ ୧୯୬୮ରେ ଓପନ୍ ଏରାର ପ୍ରାରମ୍ଭ ହୋଇଥିଲା। ଏହାପରେ ସବୁ ଖେଳାଳିଙ୍କୁ ଆମେଚର ଓ ପେସାଦାର ଟେନିଟର ୪ଟି ଗ୍ରାଣ୍ଡସ୍ଲାମରେ ଭାଗ ନେବାକୁ ଅନୁମତି ପାଇଥିଲେ। ଜୋକୋଭିଚ୍‌ଙ୍କ ଏହି ଲମ୍ବା ଯାତ୍ରା ନେଦରଲାଣ୍ଡସର ଆମେରର୍ସଫର୍ଟରୁ ଆରମ୍ଭ ହୋଇ ଏବେ ଜେନିଭାରେ ପହଚିଛି। ଅର୍ଥାତ ୨୦୦୬ରେ ଆମେର୍ସଫୁଟ୍‌ରେ ହିଁ ସେ ନିଜ କ୍ୟାରିଅରର ପ୍ରଥମ ଏଟପି ଟୁର ଟାଇଟଲ ହାସଲ କରିଥିଲେ ଓ ଇତିମଧ୍ୟରେ ୧୯ ବର୍ଷ ବିତି ଯାଇଛି। ଗତ ଗୁରୁବାର ଜୋକୋଭିଚ୍ ୩୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଶେଷରେ ତାଙ୍କର ଏହି ୧୦୦ତମ ଟାଇଟଲ ସ୍ୱପ୍ନ ସାକାର ହୋଇଛି। ଗତ ମାଦ୍ରିଦ୍ ଓପନ୍‌ରେ ପ୍ରଥମ ରାଉଣ୍ଡ ପରାଜୟ ପରେ ସେ ନିଜ କୋଚ୍ ବ୍ରିଟେନର ଆଣ୍ଡି ମୁରେଙ୍କଠାରୁ ସମ୍ପର୍କ ଛିନ୍ନ କରିଥିଲେ।

### ୧୦୦ କ୍ଲବରେ ୭ ଖେଳାଳି

ତାଙ୍କ ପୂର୍ବରୁ କେବଳ ସ୍ୱିଜରଲାଣ୍ଡର ରୋଜର ଫେଡରର ୧୦୩ ଓ ଆମେରିକାର ଜିମ୍ମି କର୍ଣ୍ଣର୍ସ ୧୦୯ ଟାଇଟଲ ହାସଲ କରି ଏହି ଏଲିଟ କ୍ଲବରେ ସ୍ଥାନ ପାଇଥିଲେ। ଏକଦା ଫେଡରର ମଧ୍ୟ ଜୋକୋଭିଚ୍‌ଙ୍କ କଡ଼ା ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ଅନପଟେ ମହିଳା ବିଭାଗରେ ମାର୍ଟିନ ନାଭ୍ରାତିଲୋଭା ୧୬୭, କ୍ରିସ୍ ଏଭେର୍ଟ ୧୫୭ ଓ ଜର୍ମାନୀ ଷ୍ଟେଫି ଗ୍ରାଫ୍ ୧୦୭ଟି ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରି ଏହି ୧୦୦ କ୍ଲବରେ ସ୍ଥାନ ପାଇଛନ୍ତି। ଉଭୟ ପୁରୁଷ ଓ ମହିଳା ଟେନିସକୁ ବିଚାର କଲେ ମୋଟ୍ ୭ ଜଣ ଖେଳାଳି ୧୦୦ରୁ ଉର୍ଦ୍ଧ୍ୱର୍ ଟାଇଟଲ ଜିତି ଏହି ହଣ୍ଡ୍ରେଡ୍ କ୍ଲବ୍‌ରେ ସ୍ଥାନ ପାଇଛନ୍ତି।

### ୨୦ଟି ଭିନ୍ନ ସିଜନରେ ଟ୍ରଫି ଜିତିବାରେ ପ୍ରଥମ

ଜୋକୋଭିଚ୍ ବିଶ୍ୱର ଏକମାତ୍ର ଖେଳାଳି ଭାବେ ୨୦ଟି ଭିନ୍ନ ସିଜନରେ ଟ୍ରଫି ଜିତି ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ଏଥିରେ ଏକ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ସାମିଲ ରହିଛି। ବିଶ୍ୱର ପ୍ରାୟ ସବୁ ଟୁର୍ଣ୍ଣାମେନଟ୍‌ରେ ଟାଇଟଲ ଜିତିଛନ୍ତି।

### ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ

ସବୁ ପ୍ରକାର ସଫଳତା ଅର୍ଜନ କରିଥିଲେ ମଧ୍ୟ ଜୋକୋଭିଚ୍ ଅଲିମ୍ପିକ୍ସରେ ସଫଳତା ପାଇ ନଥିଲେ। ୨୦୦୮ ବେଜିଂ ଅଲିମ୍ପିକ୍ସରେ ସେ ଏକକରେ କାଂସ୍ୟ ପଦକ ହାସଲ କରିଥିଲେ ମଧ୍ୟ କେବେ ସ୍ୱର୍ଣ୍ଣ ପଦକ ଜିତି ନଥିଲେ ଓ ଏ ନେଇ ତାଙ୍କର ଏକ ବଡ଼ ଅବଶୋସ ରହିଥିଲା। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସେ ଏକକ ଫାଇନାଲରେ ସ୍ପେନ ଯୁବ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ।

### ୨୫ତମ ଗ୍ରାଣ୍ଡସ୍ଲାମ ପାଇଁ ଫ୍ରେଞ୍ଚ୍ ଓପନ୍

୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଜୋକୋଭିଚ ଆଉ ଗୋଟିଏ ଟାଇଟଲ ହାସଲ କଲେ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ଇତିହାସ ସୃଷ୍ଟି କରିବେ। ସେ ପୁରୁଷ ବିଭାଗରେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ତେବେ ଅଷ୍ଟ୍ରେଲିଆ ମହିଳା କିଂବଦନ୍ତୀ ମାର୍ଗାରେଟ୍ କୋଟ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ତେଣୁ ଆଉ ଗୋଟିଏ ଟାଇଟଲ ଜିତିଥିଲେ ସେ କୋର୍ଟଙ୍କୁ ପଛରେ ପକାଇ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିବେ। ସୋମବାର ସେ ଚଳିତ ଫ୍ରେଞ୍ଚ୍ ଓପନ୍‌ରେ ଆମେରିକାର ମ୍ୟାକେଞ୍ଜି ମ୍ୟାକଡୋନାଲ୍ଡଙ୍କୁ ପ୍ରଥମ ରାଉଣ୍ଡ ମୁକାବିଲାରେ ଭେଟି ଅଭିଯାନ ଆରମ୍ଭ କରିବେ।

**ସର୍ବାଧିକ ଟାଇଟଲ ହାସଲକାରୀ ଖେଳାଳି**

| ଖେଳାଳି | ଦେଶ | ସଂଖ୍ୟା |
|---|---|---|
| ଜିମ୍ମି କର୍ଣ୍ଣର | ଆମେରିକା | ୧୦୯ |
| ରୋଜର ଫେଡରର | ସ୍ୱିଜରଲାଣ୍ଡ | ୧୦୩ |
| ନୋଭାକ ଜୋକୋଭିଚ୍ | ସର୍ବିଆ | ୧୦୦* |
| ଇଭାନ ଲେଣ୍ଡଲ | ଚେକ ଗଣରାଜ୍ୟ | ୯୪ |
| ରାଫେଲ ନାଦାଲ | ସ୍ପେନ୍ | ୯୨ |

**ଜୋକୋଭିଚ୍‌ଙ୍କ ୧୦୦ଟି ଟାଇଟଲ**

| | |
|---|---|
| ଗ୍ରାଣ୍ଡସ୍ଲାମ | ୨୪ |
| ଏଟିପି ଫାଇନାଲ୍ସ | ୭ |
| ଏଟିପି ୧୦୦୦ ମାଷ୍ଟର୍ସ | ୪୦ |
| ଏଟିପି ୫୦୦ | ୧୫ |
| ଏଟିପି ୨୫୦ | ୧୩ |
| ଅଲିମ୍ପିକ୍ସ | ୧ |

## ରାମଲାଲାଙ୍କୁ ଦର୍ଶନ କଲେ ବିରୁଷ୍କା



ଅଯୋଧ୍ୟା,୨୫।୫(ସମିସ): ଟେଷ୍ଟରୁ କିଛିଦିନ ତଳେ ଅବସର ଘୋଷଣା କରିଥିବା ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଅଯୋଧ୍ୟା ଗସ୍ତ କରି ରାମଲାଲାଙ୍କ ଦର୍ଶନ କରିଛନ୍ତି। ରବିବାର ସକାଳ ୭ଟାରେ ଦୁହେଁ ରାମଲାଲାଙ୍କ ଦର୍ଶନ କରିଥିଲେ। କିନ୍ତୁ ରାମ ମନ୍ଦିରରେ ଦୁହିଁଙ୍କ ଫଟୋ ସାମ୍ନାକୁ ଆସିନାହିଁ। ରାମଲାଲାଙ୍କୁ ଦର୍ଶନ କରିବା ପରେ ଦୁହେଁ ହନୁମାନ ଗଡିରେ ପହଞ୍ଚିଥିଲେ। କୋହଲି ୧ କେଜି ୨୫ ଗ୍ରାମ୍‌ର ଲଡ୍ଡୁ ଓ ଫୁଲ ଚଢ଼ାଇଥିଲେ। ପୁଜାରୀ ତାଙ୍କୁ ଧଳା ରଙ୍ଗର ଫୁଲମାଳା ପିନ୍ଧାଇବା ସହ ଆଶୀର୍ବାଦ ଦେଇଥିଲେ। ସେହିପରି ଅନୁଷ୍କାଙ୍କୁ ପୂଜାରୀ ହଳଦିଆ ରଙ୍ଗର ମାଳା ପିନ୍ଧିବାକୁ ଦେଇଥିଲେ। ଅନୁଷ୍କାଙ୍କ ହାତଧରି କୋହଲି ମନ୍ଦିର ପରିକ୍ରମା କରିଥିଲେ। ଦୁହେଁ ସେଠାରେ ୨୦ ମିନିଟ୍ ରହିଥିଲେ। ହନୁମାନ ଗଡିରେ ମହନ୍ତ ହନୁମାନଙ୍କ ପ୍ରତୀମା ଉପହାର ପ୍ରଦାନ କରିଥିଲେ। ଉଲ୍ଲେଖଥାଉ କି, ଟେଷ୍ଟରୁ ସନ୍ୟାସ ନେବା ପରେ କୋହଲି ଓ ଅନୁଷ୍କା ବୃନ୍ଦାବନରେ ଯାଇ ସେଠାରେ ପ୍ରେମାନନ୍ଦ ଜୀ ମହରାଜଙ୍କୁ ସାକ୍ଷାତ କରିଥିଲେ। ପ୍ରେମାନନ୍ଦ ଜୀଙ୍କ ଆଶ୍ରମରେ ଦୁହେଁ ୨ ଘଣ୍ଟା ୨୦ ମିନିଟ୍ ସମୟ ବିତାଇଥିଲେ। ମେ ୧୨ ତାରିଖରେ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସେହିପରି ଟି-୨୦ ବିଶ୍ୱକପ୍ ବିଜୟ ପରେ ସେ ଓ ରୋହିତ ଶର୍ମା କ୍ରିକେଟର ଏହି ଛୋଟ ଫର୍ମାଟ୍‌ରୁ ଅବସର ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS